

ରଣବୀରଙ୍କ ରାମ ଲୁକ୍

▶ପୃଷ୍ଠା ୭ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-240 •BHUBANESWAR •SATURDAY •24 FEBRUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୦ •ଭୁବନେଶ୍ୱର •ଶନିବାର •୨୪ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


### କ୍ରୀଡ଼ା ରୂପାନ୍ତରଣ ପର୍ବରେ ଆଉ ଏକ ଅଧ୍ୟାୟ

# ୬୬୦ କୋଟିର ଭିତ୍ତିଭୂମି ଉଦ୍‌ଘାଟିତ

## ୪୮ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍, ୧୨ ହକି ତାଲିମ୍ କେନ୍ଦ୍ର, ଟେବୁଲ ଟେନିସ ଏକାଡେମୀ, ଜିମ୍‌ନାଷ୍ଟିକ୍ ଏକାଡେମୀ

■ **ଭୁବନେଶ୍ୱର, ୨୩।୨ (ସମିସ):** ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଇତିହାସ ସୃଷ୍ଟି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ସ୍ଥାନରେ ୬୬୦ କୋଟି ଟଙ୍କାର ବହୁ କ୍ରୀଡ଼ା ଭିତ୍ତିଭୂମିଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍, ୧୨ଟି ହକି ତାଲିମ୍ କେନ୍ଦ୍ର, କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା ଜିମନାଷ୍ଟିକ୍ ଏକାଡେମୀ ରହିଛି। ଏହି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସହ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ଆଉ ୧୧ ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ '୫-ଟି' ଉପକ୍ରମ ଅନୁଯାୟୀ ନିର୍ମାଣ କରାଯାଇ କ୍ରୀଡ଼ା କ୍ଷେତ୍ରରେ ହେଉଥିବା ରୂପାନ୍ତରଣକୁ ସୁନିଶ୍ଚିତ କରିବ। ଏହାସହିତ ଏହି ପ୍ରକଳ୍ପ ଦ୍ୱାରା ତୃଣମୂଳସ୍ତରରେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଆଗକୁ ବଢ଼ିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୁବ କ୍ରୀଡ଼ାବିତମାନଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେବାକୁ ଲକ୍ଷ୍ୟ





**୧୧ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**

**ସବୁ ସୁବିଧା ଯୋଗାଇ ଦେବାକୁ '୫-ଟି' ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି**











ରଖିଛୁ। ଏହାଦ୍ୱାରା ସେମାନେ ନିଜର ପ୍ରକୃତ ଦକ୍ଷତା ଜାଣିବା ସହ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ। ଆଜି ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପଗୁଡ଼ିକ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମିରେ ଉନ୍ନତି କ୍ଷେତ୍ରରେ ଏକ ବଡ଼ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର କିଛି କ୍ରୀଡ଼ାବିତଙ୍କ ସହ ଆଲୋଚନା କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ସହ ଏକ ସୁସ୍ଥ ଜୀବନଯାପନ ଶୈଳୀ ପାଇଁ ରାଜ୍ୟ ସରକାର ୪୮ ଟି ବହୁମୁଖୀ ଇନ୍‌ଡ଼ୋର ଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏହି ଷ୍ଟାଡିୟମଗୁଡ଼ିକରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ସହ ଜିମ୍ କରିବାର ସୁବିଧା ରହିଛି। ଏହି ଷ୍ଟାଡିୟମ ମଧ୍ୟରେ ଭବାନୀପାଟଣାରେ ଉନ୍ନତିକରଣ ହୋଇଥିବା ଏକ ବହୁମୁଖୀ ଇଣ୍ଡୋର୍ ହଲ୍ ଉଦ୍‌ଘାଟନ କରାଯାଇଛି। ସେହିପରି ଯୁବ ଟେବୁଲ ଟେନିସ କ୍ରୀଡ଼ାବିତ୍‌ଙ୍କ ପାଇଁ ରାଜ୍ୟ ସରକାର ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ କଟକଠାରେ ଟେବୁଲ ଟେନିସ ଏକଡେମୀରେ ୧୬ ଟି ଅତ୍ୟାଧୁନିକ ଟିଟି ଟେବୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରେ ଟେବୁଲ୍ ଟେନିସ, ଜିମ, ୱେଟ୍ ଲିଫ୍‌ଟିଂ, ଯୋଗ କକ୍ଷ, ବ୍ୟାୟମଶାଳା, ଜିମ୍ନାଷ୍ଟିକ ଉପକରଣ ଆଦିର ବ୍ୟବସ୍ଥା କରାଯାଇଛି। ଏହାସହିତ ଏଠାରେ ଯୋଗ, ଜୁମ୍ବା ଆଦି ପାଇଁ ମଧ ବ୍ୟବସ୍ଥା କରାଯାଇଛି। ସେହିପରି ରାଉରକେଲା ଜିମ୍‌ନାଷ୍ଟିକ୍ ଏକଡେମୀରେ ଅନ୍ତର୍ଜାତୀୟସ୍ତରରେ ଉପକରଣ ସହ ଏହାକୁ ବିକଶିତ କରାଯାଇଛି। ଏହାସହିତ ଏଠାରେ ଭାରୋତ୍ତୋଳନ ସହ ଟେବୁଲ ଟେନିସ ଓ ଯୋଗ ପାଇଁ ବ୍ୟବସ୍ଥା କରାଯାଇଛି।

ରାଜ୍ୟର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛୋଟ ପିଲାଙ୍କୁ ହକି ଖେଳ ପ୍ରତି ଆକୃଷ୍ଟ ଓ ଏଥିପାଇଁ ଉତ୍ତମ ବାତାବରଣ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ▶ପୃଷ୍ଠା-୯

### କଲ୍ୟାଣୀ ଷ୍ଟିଲ୍ ସହିତ ରାଜ୍ୟ ସରକାରଙ୍କ ଏମ୍ଓୟୁ

# ଓଡ଼ିଶାରେ ନିର୍ମାଣ ହେବ ଯୁଦ୍ଧ ବିମାନ ଓ ଯୁଦ୍ଧାସ୍ତ୍ର ଉପକରଣ





■ **ଭୁବନେଶ୍ୱର, ୨୩।୨ (ସମିସ):** ଓଡ଼ିଶା ମାଟିରେ ଉତ୍ପାଦନ ହେବ ଟିଟାନିୟମ୍ ମେଟାଲ ଓ ଯୁଦ୍ଧବିମାନ ଉପକରଣ। ଭାରତୀୟ ସୈନିକଙ୍କ ହାତରେ ରହିବ ଓଡ଼ିଶା ନିର୍ମିତ ଅସ୍ତ୍ରଶସ୍ତ୍ର। ପ୍ରତିରକ୍ଷା ଗାଡ଼ି, ଯନ୍ତ୍ରାଂଶ, ଯଦ୍ଧାସ୍ତ୍ର ମଧ ନିର୍ମାଣ ହେବ। ଏହି ଲକ୍ଷ୍ୟ ନେଇ ଆଜି ରାଜ୍ୟ ସରକାର ଏବଂ କଲ୍ୟାଣୀ ଷ୍ଟିଲ୍ ମଧ୍ୟରେ ଏକ ବୁଝାମଣାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁସାରେ, କଲ୍ୟାଣୀ ଷ୍ଟିଲ୍ ଢେଙ୍କାନାଳର ଗଜମରାଠାରେ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସଡ୍ ସ୍ପେସାଲିଟି ଆଣ୍ଡ ଅଟୋମୋଟିଭ୍ କମ୍ପୋନେଣ୍ଟସ୍ ମାନୁଫାକ୍‌ଚରିଂ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବ। କମ୍ପାନୀ ଏଥିପାଇଁ ୧୧, ୭୫୦ କୋଟି ଟଙ୍କା ବିନିଯୋଗ କରିବା ସହ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି।

**୧୧, ୭୫୧ କୋଟି ନିବେଶ, ୧୦ ହଜାର ଲୋକଙ୍କୁ ନିଯୁକ୍ତି**

**ଉପକୃତ ହେବେ ଏମ୍ଏସ୍ଏମ୍ଇ ଓ ଆନୁସଙ୍ଗିକ କ୍ଷେତ୍ର**

**"ଅତ୍ୟାଧୁନିକ ଶିଳ୍ପ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମୟର ଆବଶ୍ୟକତା ଓ ବିଭିନ୍ନ କ୍ଷେତ୍ରରେ ବର୍ଦ୍ଧିତ ଚାହିଦା ପୂରଣ ଲକ୍ଷ୍ୟରେ ଓଡ଼ିଶା ବିହିତ ପଦକ୍ଷେପ ନେଉଛି। ଏହି କ୍ରମରେ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ବିମାନ ପ୍ରସ୍ତୁତି ▶ପୃଷ୍ଠା-୯




# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ଅଲଗା ହେଲା।
- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା।
- ୧୯୨୪-ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା।
- ୧୯୬୯-ମାଡ୍ରାସ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ।
- ୨୦୧୮ - ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପରଲୋକ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

# ସ୍ୱପ୍ନକୁ ନିୟନ୍ତ୍ରଣ କରିବ ଏଆଇ ଡିଭାଇସ୍!



ସ୍ୱପ୍ନ ଉପରେ କାହାର ନିୟନ୍ତ୍ରଣ ନ ଥାଏ। ହେଲେ ଏଣିକି ଏହି କଥା ଭୁଲ୍ ପ୍ରମାଣିତ ହେବ। ଏବେ ଏକ ନୂଆ ଟେକ୍ନିକ୍ ଲୋକଙ୍କୁ ସ୍ୱପ୍ନ ନିୟନ୍ତ୍ରଣ କରିବାର ସୁବିଧା ପ୍ରଦାନ କରିବ। ପ୍ରୋଫଟିକ୍ କମ୍ପାନି 'ହାଲୋ ଏଆଇ ହେଡ୍‌ବ୍ୟାଣ୍ଡ' ନାଁରେ ଏକ ନୂଆ ଡିଭାଇସ୍‌କୁ ଆଣିଛି। ଯାହାକୁ ପିନ୍ଧିଲେ ସ୍ୱପ୍ନ ଦୁନିଆରେ ପ୍ରବେଶ କରିବା ସମ୍ଭବ ହେବ। ଏପରିକି ସ୍ୱପ୍ନର ଦୁନିଆକୁ ମଧ୍ୟ ଏହି ହେଡ୍‌ବ୍ୟାଣ୍ଡ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ। କମ୍ପାନି ଅନୁସାରେ, ଏହା ମାଧ୍ୟମରେ ଜଣେ ନିଜ ପସନ୍ଦ ଅନୁସାରେ ସ୍ୱପ୍ନ ଦେଖିପାରିବ। ଏଭଳି ସୁବିଧା ଯୋଗୁଁ ଏହି ହେଡ୍‌ବ୍ୟାଣ୍ଡକୁ 'ଡ୍ରିମ୍‌ସ ଅନ୍ ଡିମାଣ୍ଡ' ନାଁରେ ପ୍ରଚାର କରାଯାଉଛି। ଏଆଇ ଉପଯୋଗରେ ଏହି ଡିଭାଇସ୍‌କୁ ତିଆରି କରାଯାଇଛି। ଏହି ଡିଭାଇସ୍ ଅଲଟ୍ରାସାଉଣ୍ଡର ଉପଯୋଗରେ ସ୍ୱପ୍ନ ଦୁନିଆର ଦ୍ୱାରକୁ ଉନ୍ମୁକ୍ତ କରେ। ଏହାପରେ ବ୍ୟବହାରକାରୀ ସ୍ୱପ୍ନ ରାଇଜରେ ପ୍ରବେଶ କରିଥାନ୍ତି। ତା'ପରେ ସ୍ୱପ୍ନ କିଭଳି କାମ କରେ, ସେକଥା ସେମାନେ ଜାଣିପାରନ୍ତି। କେବଳ ସେତିକି ନୁହେଁ, ସ୍ୱପ୍ନ ଦେଖିବା ସହ ଏହାକୁ ନିୟନ୍ତ୍ରଣ କରିବାର ସୁବିଧା ମଧ୍ୟ ଏହା ପ୍ରଦାନ କରେ। ଅନ୍ୟପଟେ ଏହି ଡିଭାଇସ୍ ଆସନ୍ତାବର୍ଷ ବଜାରରେ ଉପଲବ୍ଧ ହେବ ବୋଲି କୁହାଯାଉଛି। ଏହାର ଦାମ୍ ୧.୬୬ ଲକ୍ଷ ଟଙ୍କା ରଖାଯିବା ନେଇ ସୂଚନା ମିଳିଛି।

# 'ରାମାୟଣ' ପାଇଁ ରଣବୀରଙ୍କ ଲୁକ୍ ଟେଷ୍ଟ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ବକ୍ସ ଅଫିସ୍‌ରେ ଆୟ ମାମଲାରେ ନୂଆ ଇତିହାସ ରଚିଛି। ଏହି ଫିଲ୍ମ ହିଟ୍ ହେବା ପରଠାରୁ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ପାଲଟି ଯାଇଛନ୍ତି ରଣବୀର। ନୀତେଶ ତିୱାରୀଙ୍କ ବିଗ୍ ବଜେଟ୍‌ର ଫିଲ୍ମ 'ରାମାୟଣ'ରେ ମଧ୍ୟ ସେ ରାମ ଭୂମିକାରେ ଦେଖାଯିବେ। ତେବେ ଫିଲ୍ମରେ ତାଙ୍କର ଲୁକ୍ କିପରି ହେବ, ସେନେଇ ଏକ ଖବର ଆସିଛି। ଏଯାବତ୍ ଫିଲ୍ମର ସବୁ କଳାକାର ଫାଇନାଲ ହୋଇନାହାନ୍ତି। ଏବେ ବି ଅନେକ କଳାକାରଙ୍କ ଏଣ୍ଟ୍ରି ହେଉଛି। ଇତିମଧ୍ୟରେ ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଛି। ରାଜା ଦଶରଥଙ୍କ ଭୂମିକାରେ ସେ ଦେଖାଯାଇ ପାରନ୍ତି। ଏଥିରେ ରକୁଲ୍ ପ୍ରୀତ ସିଂହଙ୍କୁ ଏକ ରୋଲ୍ ଅଫର୍ ହୋଇଥିବା କଥା କୁହାଯାଉଛି। ତେବେ 'ରାମାୟଣ'ରେ ରାମ ଭୂମିକା ପାଇଁ ରଣବୀର ଏକ ଲୁକ୍ ଟେଷ୍ଟ ଦେଇଥିବା ଜଣାପଡ଼ିଛି। 'ରାମାୟଣ'ରେ ତାଙ୍କ ଲୁକ୍‌କୁ ଅତିସାଧାରଣ କରାଯିବା ପାଇଁ ଚେଷ୍ଟା କରାଯାଉଛି। ଏଥିରେ ତାଙ୍କର ମସଲ୍ ଯେମିତି ଦେଖାଯିବ ନାହିଁ, ସେନେଇ କାମ କରାଯାଉଛି।

ତେବେ ରଣବୀର ରାମ ଭୂମିକାରେ ଅଭିନୟ କରିବା ପୂର୍ବରୁ ତାଙ୍କର ଫଟୋସୁଟ୍ କରାଯାଇଛି। ସେ ସୁନା ଓ ରତ୍ନଖଚିତ ହାର ପିନ୍ଧିଥିବା ଦେଖାଯାଇଛି। ରଣବୀରଙ୍କ ସହିତ ମାତା ସୀତାଙ୍କ ଭୂମିକା ପାଇଁ ମଧ୍ୟ ନୋ ମେକ୍‌ଅପ୍ ଲୁକ୍ ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏଥିରେ ସାଇପଲ୍ଲବୀ ସୀତା ଭୂମିକାରେ ଅଭିନୟ କରିବେ। ଅବଶ୍ୟ ଏଯାବତ୍ ତାଙ୍କର ଲୁକ୍ ଟେଷ୍ଟ ହୋଇନାହିଁ। ତାଙ୍କର ବେଶଭୂଷା ଅତି ସାଧାରଣ ହେବା ସହ ସେ କୌଣସି ଭାରୀ ଗହଣା କିମ୍ବା ଶାଢ଼ି ପିନ୍ଧିବେ ନାହିଁ ବୋଲି କୁହାଯାଉଛି।

# ନିଜ ଦୋଷ



## ହାଟ ମଝିରେ ବ୍ରହ୍ମଜ୍ଞାନ

ଅମିନୀ ଜାମିନି ମଧ୍ୟସ୍ଥି
ମନା କରିଚନ୍ତି ଅଗସ୍ତି

ଏକଥାଟି ଅଗସ୍ତି ମୁନି କୋଉ ପୁରାଣରେ ଲେଖିଲା ଭଳି ଲାଗୁନି। ମାତ୍ର ସତ କଥାଟିଏ। ସତକୁ ଆହୁରି ସତ ପ୍ରମାଣ କରିବା ପାଇଁ କେହି ହୁଏତ ଅଗସ୍ତିଙ୍କ ନାଆଁଟିକୁ ଯୋଡ଼ି ଦେଇଚି, ଯାହା ବହୁଦିନୁ ଓଡ଼ିଆରେ ଆପ୍ତବଚନ ହେଇ ରହିଯାଇଚି।

କାହାର ଜମି ବଣ୍ଟାକୁଣ୍ଟା ବେଳେ ମାପକାରୀଟେ ଲୋଡ଼ାହୁଏ। ଯେଉଁ ଜଣକ ଏହି କାର୍ଯ୍ୟଟି କରେ ସେ ଦି'ପକ୍ଷ ମଧ୍ୟରୁ କାହାର ଅପ୍ରିୟ ହେଇଥାଏ ନିଶ୍ଚୟ। ଯଦି ପ୍ରତିବଦଳରେ ଟଙ୍କା ନେଇ ଅମିନଗିରି କରିଥାଏ, ତେବେ ତ ଗାଳି ଖାଇଲେ ବାଧିବନି। ମାଗଣା ଅମିନୀ କରି ଅଯଥା ଅପ୍ରିୟ ହେବ କାହିଁକି।

ଯଦୁନା' ଉଧାରିନେଲା ମାଧଦା' ପାଖରୁ। ସୁଧ କଳନ୍ତର ସହ ଯଦୁନା ତାକୁ ପଇସା ଶୁଝିବ। ଲାଭ ଖାଇବ ମାଧଦା'। ଯଦୁ ନା' ପଇସା ଦେଉଥିବା ଯାଏ ଉଭୟେ ଠିକ୍‌ଠାକ୍। ମଝିରେ ଜାମିନି ହେଇଥିବା ଲୋକଟାକୁ ସେତେବେଳେ କେହି ପଚାରନ୍ତିନି। ଯୋଉଦିନ ଏଥିରେ ଖିଲାପ ହୁଏ। ବିଚରା ଜାମିନି ହେଇଥିବା ମଣିଷଟି ହିଁ ଫସେ।

ମଧ୍ୟସ୍ଥି ଅବସ୍ଥା ତ ସବୁବେଳେ ଖରାପ। ଆଜି ପର୍ଯ୍ୟନ୍ତ ଶ୍ରଦ୍ଧାର ସହ ବାହାଘର ଠିକ୍ କରିଥିବା ଲୋକଟି ଉଭୟ ପକ୍ଷର ଅପ୍ରିୟ ହେବାର ବହୁ ନଜିର ରହିଚି। ସମ୍ପର୍କ ଠିକ୍ ଥିଲାବେଳେ ମଧ୍ୟସ୍ଥିକୁ କେହି କୃତଜ୍ଞତା ଜଣାନ୍ତିନି। ଯୋଉଦିନ ସମ୍ପର୍କ ବିଗିଡ଼ିଲା- ପ୍ରଥମ ଗାଳି ହୁଏ ମଧ୍ୟସ୍ଥିକି।

ଆଜିକାଲି ବାପା ମା' ବି ପିଲାର ବାହାଘର ଠିକ୍ କରିବା ପାଇଁ ଡରୁଚନ୍ତି। ବାହାଘର ପରେ ଖିଟିରିମିଟିରି ଏକ ସ୍ୱାଭାବିକ ଘଟଣା। ବାପା ମା'ଙ୍କୁ ଏଥିପାଇଁ ଦୋଷ ଲଦିବା ବି ସ୍ୱାଭାବିକ ହେଇଯାଏ ନିଜେ ନିଜେ ବାଛ, ନିଜକୁ ଦୋଷ ଦିଅ।

ହେଲେ ନିଜକୁ ଏଠି ଦୋଷ ଦେଉଚି କିଏ? କିଛି ନ ପାଇଲେ ଭାଗ୍ୟ, ଗ୍ରହ, ବାସ୍ତୁ ଆଦି ବହୁ କଥା ଅଛି, ଯାହା ଉପରେ ଆମେ ଦୋଷ ଲଦିଦେଉ।

ମୁଁ ବଡ଼ କଷ୍ଟରେ ଧାର କରଜ କରି ମୋ ଛୋଟ ପରିବାର ପାଇଁ ତିନି ବଖରିଆ ଘରଟେ କରିଥିଲି। ମୋ ପାଇଁ ଯଥେଷ୍ଟ ଥିଲା। ହେଲେ କିଛି କରଜ ଶୁଝିଲାପରେ ପୁଣି ମନ ବଳିଲା ଉପର ମହଲା ପାଇଁ। ବ୍ୟାଙ୍କ୍‌ରୁ ଋଣ ଆଣି ପୁଣି ଘର କଲି। ଚଳିବା ପାଇଁ ଯଥେଷ୍ଟ। ଦି' ବଖରା ଘର ଭଡ଼ା ବି ଦେଲି।

ଉପର ମହଲା ପଇସା ଶୁଝି ଆସିଲା ବେଳକୁ ପୁଣି ମନ ବଳିଲା ଗୋଟେ ଆପାର୍ଟମେଣ୍ଟ କିଣନ୍ତି। ବେଶ୍ ମୋଟା ଅଙ୍କର କିସ୍ତି ଦେବା ସର୍ତ୍ତରେ ସେଇଟା ବି କିଣିଦେଲି। ଏଣେ ମୋ ଚାକିରିରେ ଟିକେ ଅସୁବିଧା ହେଇଗଲା। ଦରମା ଅଣ୍ଟିଲାନି।

ମତେ ଲାଗୁଚି ସେ ଆପାର୍ଟମେଣ୍ଟରେ କିଛି ବାସ୍ତୁଦୋଷ ଅଛି। କିଛି କରିବାକୁ ହେବ। ମୋ ଗୁରୁଦେବଙ୍କ ପାଖକୁ ଗଲି। ସେ ହସି କହିଲେ- ବାବୁ ! ତମକୁ ଖାଲି ଭାଗ୍ୟଦୋଷ, ବାସ୍ତୁଦୋଷ ଆଉ ଗ୍ରହଦୋଷ ଦେଖାଯାଉଚି। ଥରଟିଏ ତ ନିଜ ଦୋଷ ଦେଖ।

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ସୁମନ

## ଆସେ ବସନ୍ତ

ପ୍ରକୃତିର ସବୁଜ ଦେହେ
କଅଁଳ ପାଦେ ବସନ୍ତ ଆସେ
ଶୀତ ତାଡି ଯୁଗଳବନ୍ଦୀରେ
ନବପଲ୍ଲବେ ନାନା ଫୁଲ ଭରେ।
ଫଗୁଣ ଆକାଶ ଲାଗୁଛି ବଢିଆ
ସଫାହେଉଛି ବିଲ ପଡ଼ିଆ
ବିମାନ ସବୁ ସଜହେଲେଣି
ଦାଣ୍ଡେ ବୁଲିବାକୁ ବିଭୋର ହେଲେଣି।
ଘଣ୍ଟ ମୃଦଙ୍ଗ ହରିବୋଲ ହୁଳହୁଳିରେ
କମ୍ପି ଉଠୁଛି ଗାଁ ଦାଣ୍ଡରେ
ନାନା ରଙ୍ଗରେ ସଜେଇ ହୋଇ
ପରିକ୍ରମା ବିମାନ ଆସେ ଧାଇଁ।
ଭିଡ଼ ଲାଗିଛି ସବୁରି ଘରେ
ବାସିଉଠୁଛି ପିଠାପଣାରେ



ଅନସୂୟା ପଣ୍ଡା

ସାଙ୍ଗସାଥୀ ବନ୍ଧୁ ସଭିଙ୍କୁ ଡକରା
ଦେଖିବେ ବୋଲି ଦୋଳ ଯାତରା।
ଗାଁ ଗାଁ ରେ ଦୋଳ ମେଲଣ
ଚଳଚଞ୍ଚଳ ଦଶମୀଠୁ ପାଞ୍ଚଦିନ
ଶେଷରେ ଆସେ ରଙ୍ଗ ରଙ୍ଗିଲା ହୋଲି
ପାଳନ ହୁଏ ସାରାରାଇଜେ ବୁଲିବୁଲି।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧



## ପହେଲି

- ମୋର ଆଗମନେ କୁକୁଡ଼ା ଡାକେ
ଘର ଚାଳେ ବସି ଡାମରା ରାବେ
ମାଆ ଉଠି ଘର ଦ୍ୱାର ଓଳାନ୍ତି
ପାଖ ପଡ଼ିଆରେ ଜନେ ଚାଲନ୍ତି
ପୂରୁବେ ହସନ୍ତି ସୂରୁଜ ଦେବ
ମୋର ନାମ ଏବେ କିଏ କହିବ?
ଉତ୍ତର-ସକାଳ

- ଦିନ ଢଳିଗଲେ ମୁହିଁ ଆସଇ
ପଶ୍ଚିମେ ସୂରୁଜ ଅସ୍ତ ହୁଅଇ
ପକ୍ଷୀମାନେ ଫେରି ଯାଆନ୍ତି ନଭେ
ଘଣ୍ଟ ଘଣ୍ଟି ଧ୍ୱନି ମନ୍ଦିରେ ଶୁଭେ
ଦୀପ ଜଳିଉଠେ ଘରେ ଆମର
କହି ପାରିବକି ନାମଟି ମୋର।
ଉତ୍ତର-ସନ୍ଧ୍ୟା



- ସଂଜ ନଇଁଗଲେ ମୁହିଁ ଆସଇ
ଆକାଶରେ ତାରା ଫୁଟି ଉଠଇ
ଜହ୍ନମାମୁଁ ଡାକେ ହାତକୁ ଠାରି
ତା' ଜୋଛନା ନିଏ ମନକୁ କିଣି
ଚେମେଣି ବାଦୁଡ଼ି ଉଡ଼ନ୍ତି ଖରେ
କହିଦିଅ ମୋର ନାମଟି ଧୀରେ।
ଉତ୍ତର-ରାତି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## କୁନି ମାନିଲା ରାନୀ କଥା



ଧ୍ରୁବ ଚରଣ ବେହେରା

କୁନି ଓ ରାନୀ ଦୁଇ ଭଉଣୀ। ଦୁହେଁ ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି। କୁନୀ ବଡ଼ ଓ ରାନୀ ସାନ ଅଟେ। କୁନି ଭଲ ପଢ଼େ ବୋଲି ସାହି ପଡ଼ିଶା କୁନିକୁ ବହୁତ ଭଲ ପାଆନ୍ତି। ସମସ୍ତେ ତାକୁ ଆଦର କରନ୍ତି, କିନ୍ତୁ ରାନୀ ସାନ ବୋଲି ସମସ୍ତେ କହନ୍ତି ଏଇଟା ଗଧୁଣୀଟାଏ। ହେଲେ କୁନିଠାରୁ ରାନୀର ପରୋପକାର ଗୁଣ କିନ୍ତୁ ଭଲ। କୁନି ଭଲ ପଢ଼େ ସତ, ହେଲେ ଟିକେ ଅଳସେଇଟେ, କାହା ସହିତ ସାଙ୍ଗ ହୁଏ ନାହିଁ କି, କାହାକୁ ଟିକେ ଘର କାମରେ ସାହାଯ୍ୟ କରେ ନାହିଁ। ପାଠପଢ଼ା ବ୍ୟତୀତ ସେ ଆଉ କୌଣସି କାମ କରେ ନାହିଁ। ବାହାରକୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ମଧ୍ୟ ଯାଏ ନାହିଁ। ପଢ଼ା ସରିଗଲେ ବସି ଘରେ ଟିଭି ଦେଖେ। ହେଲେ ରାନୀ ତା'ର ବିପରୀତ, ଯେତେକି ପାଠ ଆସେ ସେତିକି ପଢ଼େ, ଘରେ ବାପା ମାଆଙ୍କର ବୋଲ ମାନେ। ଦରକାର ପଡ଼ିଲେ ଗାଆଁ ଦୋକାନକୁ ଯାଇ ଘରର ଛୋଟମୋଟ ସଉଦା ତେଲ, ଲୁଣ ଇତ୍ୟାଦି କିଣାକିଣି କରି ଘରକୁ ଆଣିଥାଏ। ଖେଳ ବେଳେ ଖେଳେ, ପଢ଼ିବା ବେଳେ ପଢ଼େ ଓ ସାହିପଡ଼ିଶା ଲୋକମାନଙ୍କର ବୋଲକୁ ଭାଙ୍ଗି ନ ଥାଏ। ରାନୀ ସମୟାନୁବର୍ତ୍ତିତା ଓ ଅନୁଶାସନର ଝିଅଟିଏ। ପାଠ ଭଲ ନ ହେଲେ ବି ବ୍ୟବହାର ଚାଲିଚଳନ ତା'ର ଅତି ନିଆରା। ଥରେ କୁନି ଓ ରାନୀକୁ ଭାରି ଜ୍ୱର ହେଲା। ବାପା ତାଙ୍କ ଦୁଇ ଜଣଙ୍କୁ ପାଖ ହସ୍‌ପିଟାଲ୍‌କୁ ନେଇଗଲେ। କୁନି ଦେଖିବାକୁ ଟିକେ ମୋଟୀ ଓ ରାନୀର ଶରୀର ଗଢ଼ଣ ପତଳା। ଡାକ୍ତର ଦୁଇ ଭଉଣୀକୁ ଦେଖି ଔଷଧ ଦେଲେ ଓ କୁନିକୁ ଉପଦେଶ ଦେଲେ ସକାଳୁ ଉଠି ନିତ୍ୟକର୍ମ ସାରି ସବୁବେଳେ ଅଧ ଘଣ୍ଟାଏ ଯୋଗ ଅଭ୍ୟାସ କରିବା ସହିତ ସାଙ୍ଗମାନଙ୍କ ସହିତ ଖେଳାଖେଳି କରିବାକୁ। ଦୁହେଁ ଔଷଧ ଖାଇଲା ପରେ ୪ଦିନ ପରେ ଦେହ ଭଲ ହୋଇଗଲା। ରାନୀ କୁନିକୁ ଡାକିଲା, ବାହାରକୁ ଖେଳିବାକୁ ଯିବା ପାଇଁ। କୁନି ରାନୀର କଥା ଶୁଣି ଟିକେ ଟିକେ ଲାଜ କରୁଥାଏ। କାରଣ ଘରୁ ବାହାରକୁ ସେ କେବେ ଯାଏନି ଓ ସାଙ୍ଗ ହେବାକୁ ଭଲ ପାଏନି। କୁନିର ଡାକ୍ତରଙ୍କ କଥା ମନେ ପଡ଼ିଲା ଓ କହିଲା ହଉ, ରାନୀ ଯିବି ଏଥର ଖେଳିବାକୁ। ଦେହ ଭଲ ହେବା ପରଠାରୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ସକାଳେ ଓ ସନ୍ଧ୍ୟାରେ ସବୁଦିନ ଗଲା। ଧୀରେ ଧୀରେ କୁନିର ଓଜନ କମିବାକୁ ଲାଗିଲା। ସେ ମଧ୍ୟ ରାନୀ ପରି ସୁସ୍ଥ ସୁନ୍ଦର ଦେଖାଗଲା। ମନ ତା'ର ଭଲ ରହିଲା ପାଠ ପଢିବାକୁ ଆହୁରି ଆଗ୍ରହ ଆସିଲା। ମନରେ ଅନ୍ୟମାନଙ୍କ ପ୍ରତି ଯେଉଁ ଚିଡ଼ିଚିଡ଼ା ବୁଦ୍ଧି ରହିଥିଲା, ତାହା ଧୀରେ ଧୀରେ କମିବାକୁ ଲାଗିଲା। ସେ ମଧ୍ୟ ରାନୀ ପରି ସୁନା ଝିଅଟିଏ ହେଲା। କେବଳ ପାଠପଢ଼ା ନୁହେଁ ତା'ର ଆଚାର ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଲା ଓ ଦିନେ ରାନୀକୁ କୁଣ୍ଢେଇ ଦେଇ ଆନନ୍ଦରେ ଭୋ ଭୋ କାନ୍ଦିଲା। କହିଲା ରାନୀ ତୁ ମୋଠାରୁ ସାନ ହେଲେ କ'ଣ ହେଲା, ତୋ ବୁଦ୍ଧି ବହୁତ ଭଲ। କେବଳ ପାଠ ପଢ଼ି ଦେଲେ ଆମେ ଭଲ ମଣିଷ ହୋଇ ଯିବାନି। ତୋ ସ୍ନେହ ପରୋପକାର ଗୁଣ ପାଖରେ ମୁଁ ଋଣୀ। କୁନିର ଆଖିରୁ ଲୁହ ପୋଛି ଦେଇ ରାନୀ କହିଲା, ଯେତେ ପାଠ ଥିଲେ ବା ବୁଦ୍ଧି ଥିଲେ ମଣିଷ ଭଲ ହୋଇ ଯାଏନି। ମଣିଷ ଭିତରେ ସଂସ୍କାର ଓ ଭଲ ପାଇବା, ଦୟା ଓ କ୍ଷମା ଭଳି ଗୁଣଥିଲେ ସେ ମଣିଷ ସବୁବେଳେ ସମସ୍ତଙ୍କର ପ୍ରିୟଭାଜନ ହୋଇଥାଏ। ତାକୁ ସମାଜରେ ସମ୍ମାନ ମିଳେ। ତେଣୁ ସାଙ୍ଗସାଥୀ ହେବା ନିହାତି ଦରକାର। ଖାଲି ସାଙ୍ଗସାଥୀ ହୋଇଗଲେ ହେବନି। ଭଲ ପିଲାମାନଙ୍କ ସହିତ ସାଙ୍ଗ ହେଲେ ବହୁତ କିଛି ଭଲ ବ୍ୟବହାର ଓ ଭଲ କଥା ଶିଖିବାକୁ ମିଳିଥାଏ। ସେବେଠାରୁ କୁନୀ ବାପା, ବୋଉ ଓ ରାନୀକୁ ଘର କାମରେ ସାହାଯ୍ୟ କଲା ଓ ରାନୀ ମଧ୍ୟ ତା' ଦିଦିକୁ ସେହିଭଳି ଭଲ ପାଇଲା। ଦୁହେଁ ମଳିମିଶି ଏକାଠି ପଢ଼ିଲେ ଏକାଠି ଖାଇଲେ, ଏକାଠି ଖେଳିଲେ। କୁନିକୁ ଆଉ ଏକାଟିଆ ଅନୁଭବ ହେଲା ନାହିଁ। ଦୁଇ ଭଉଣୀ ଦୁହେଁ ଭଲ ସାଙ୍ଗ ବୋଲି ତାଙ୍କ ଗାଆଁରେ ସମସ୍ତେ କହିଲେ ଓ ଅନ୍ୟ ଝିଅମାନେ ମଧ୍ୟ କୁନି ଓ ରାନୀକୁ ବହୁତ ଭଲ ପାଇଲେ। ଆତ୍ମୀୟତା ଓ ଭଲପାଇବା ହେଉଛି ମାନବର ମାନବତା ଗୁଣ। ନିଜେ ପରିବର୍ତ୍ତନ ହେବା ସହିତ ଅନ୍ୟକୁ ପରିବର୍ତ୍ତନ କରି ଭଲ ଗୁଣ ଶିଖାଇବା ହେଉଛି ମହତ୍ ପଣିଆ। ପାଠପଢ଼ା ସହିତ ଭଲ ଆଚାର ବ୍ୟବହାର, ଚାଲିଚଳନ ହେଉଛି ଜଣେ ଛାତ୍ର ଓ ଛାତ୍ରୀ ପାଇଁ ଏକ ସୁନ୍ଦର ସଂସ୍କାର।



ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ସକାଳ ଶିଶୁ କୁଇଜ୍-୧୦୮

(୧) 'ଦିଲ୍ଲୀ ଚଲୋ' ଡାକରା କିଏ ଦେଇଥିଲେ?
ଉତ୍ତର : ______

(୨) ଭାରତର ଜାତୀୟ ଖେଳର ନାମ କ'ଣ?
ଉତ୍ତର : ______

(୩) 'ମାଟିର ମଣିଷ' ଉପନ୍ୟାସର ରଚୟିତା କିଏ?
ଉତ୍ତର : ______

(୪) ଶ୍ରୀଲଙ୍କାର ରାଜଧାନୀର ନାମ କ'ଣ?
ଉତ୍ତର : ______

(୫) ଓଡ଼ିଶାର କେଉଁ ଜିଲ୍ଲା ଘୁମୁରା ନୃତ୍ୟ ପାଇଁ ପ୍ରସିଦ୍ଧ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**
- ପ୍ରତ୍ୟୁଷା ପାଢ଼ୀ, ଆନନ୍ଦପୁର, କେନ୍ଦୁଝର
- ମାନସ ରଞ୍ଜନ ଜେନା, ସାଲେପୁର
- ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯









ଅନନ୍ୟା ନାୟକ
ପଞ୍ଚମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍
ବାଲେଶ୍ୱର



ସୋମ ଆଶୀର୍ବାଦ ତ୍ରିପାଠୀ
ଷଷ୍ଠ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର



ମାହିକା ଏମ୍ ଭରଦ୍ୱାଜ
ଦ୍ୱିତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ
ଭୁବନେଶ୍ୱର

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ମାର୍ଚ୍ଚ ୧୩ ପରେ ଘୋଷଣା ହେବ ନିର୍ବାଚନ କାର୍ଯ୍ୟସୂଚୀ

■ **ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି):** ନିର୍ବାଚନ କମିଶନ (ଇସି)ଙ୍କ ଉଚ୍ଚପଦସ୍ଥ କାର୍ଯ୍ୟକର୍ତ୍ତାମାନେ ଏବେ ବିଭିନ୍ନ ରାଜ୍ୟ ଗସ୍ତ କରି ଅବାଧ, ମୁକ୍ତ ଲୋକସଭା ନିର୍ବାଚନ ନିମନ୍ତେ ଚାଲିଥିବା ପ୍ରସ୍ତୁତିର ତଦାରଖ କରୁଛନ୍ତି। ମାର୍ଚ୍ଚ ୧୩ରେ ଏହି ଗସ୍ତ ଓ ତଦାରଖ କାର୍ଯ୍ୟକ୍ରମ ଶେଷ ହେବ। ତେଣୁ ମାର୍ଚ୍ଚ ୧୩ ରେ କିମ୍ବା ଏହାର ଦିନେ ଦୁଇଦିନ ଭିତରେ ଲୋକସଭା ଓ କେତୋଟି ରାଜ୍ୟର ବିଧାନସଭା ନିମନ୍ତେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ସେତେବେଳେ ଇସି ନିର୍ବାଚନ ତାରିଖ ଘୋଷଣା କରି କେତୋଟି ପର୍ଯ୍ୟାୟରେ ନିର୍ବାଚନ ହେବ ତାହା ଜଣାଇବେ। ସେହି ଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁହେବ। ଇସିଙ୍କ କାର୍ଯ୍ୟକର୍ତ୍ତାମାନେ ଏବେ ତାମିଲନାଡୁ ଗସ୍ତରେ ଅଛନ୍ତି। ଏହାପରେ ସେମାନେ ଉତ୍ତରପ୍ରଦେଶ ଓ ଜମ୍ମୁ-କାଶ୍ମୀର ଗସ୍ତ କରି ମାର୍ଚ୍ଚ ୧୩ରେ ଦିଲ୍ଲୀ ଫେରିବେ। ଏହା ପରେ କାର୍ଯ୍ୟସୂଚୀ ଘୋଷଣା ହୋଇପାରେ। ଏହା ପୂର୍ବରୁ ୨୦୧୯ ମାର୍ଚ୍ଚ ୧୦ ରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା। ୨୦୧୯ ଏପ୍ରିଲ ୧୧ରୁ ମେ ୧୯ ଯାଏ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇ ମେ ୨୩ରେ ଭୋଟ ଗଣତି ଓ ଫଳାଫଳ ଘୋଷଣା ହୋଇଥିଲା। ସେତେବେଳେ ଦେଶରେ ୯୧କୋଟି ୨୦ଲକ୍ଷ ଭୋଟର ଥିଲେ। ଏମାନଙ୍କ ମଧ୍ୟରୁ ୬୭% ଭୋଟର ଭୋଟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଲୋକସଭା ନିର୍ବାଚନ ସହ ଏକସଙ୍ଗେ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ।

## ୬୧୩୪ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

# ରାୟଗଡ଼ାରେ ଗୋଳାବାରୁଦ କାରଖାନା



### ରାଜ୍ୟରେ ସ୍ଥାପନ ହେବ ଆଉ ୨୭ ଶିଳ୍ପ
### ୪୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ

■ **ଭୁବନେଶ୍ୱର, ୨୩।୨ (ସମିସ):** ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଆଜି ୬୧୩୪ କୋଟି ଟଙ୍କାର ୨୭ଟି ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଲୁମିନିୟମ୍, ନବୀକରଣ ଯୋଗ୍ୟ ଶକ୍ତି, ଉତ୍ପାଦନ, ଧାତବ, ଏରୋସ୍ପେଶ ଓ ପ୍ରତିରକ୍ଷା, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ୍, ବୟନ ଓ ପ୍ରସାଧନ, ଇଏସ୍‌ଡିଏମ୍, ଆଇଟି ଭିତ୍ତିଭୂମି ଆଦି କ୍ଷେତ୍ର ସହିତ ଜଡ଼ିତ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୪୨,୨୭୫ ଜଣ ଲୋକଙ୍କୁ କର୍ମନିଯୁକ୍ତି ମିଳିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୨୮ତମ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟି ଏହି ନିବେଶ ଓ ଶିଳ୍ପ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି ।

ସୂଚନା ଅନୁସାରେ ପ୍ରିମିୟର୍ ଏକ୍ସପ୍ଲୋସିଭ୍ କମ୍ପାନୀ ରାୟଗଡ଼ାରେ ପ୍ରତିରକ୍ଷା ବିଭାଗ ପାଇଁ ବିସ୍ଫୋରକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବ। ୮୬୪ କୋଟି ଟଙ୍କା ବିନିଯୋଗରେ ସ୍ଥାପନ ହେବାକୁଥିବା ଏହି କାରଖାନାରେ ୩୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏସ୍‌ଏମ୍‌ଇଏଲ୍ ଷ୍ଟ୍ରକ୍‌ଚରାଲ ପ୍ରାଇଭେଟ୍ ଲିମିଟେଡ୍ ୮୯୩ କୋଟି ବ୍ୟୟରେ ସମ୍ବଲପୁରର ରେଙ୍ଗାଲିରେ ଆଲୁମିନିୟମ୍ କଏଲ୍, ଫ୍ଲାଟ୍ ରୋଲ୍‌ଡ୍ ପ୍ରଡକ୍ଟସ୍, ବ୍ୟାଟେରୀ ଆଦି ଉତ୍ପାଦନ କରିବ। ଏଠାରେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଟସନ୍ ଲିମିଟେଡ୍ କନ୍ଧମାଳର ବାଲିଗୁଡ଼ାରେ ୭୮୭ କୋଟି ବିନିଯୋଗ କରି ୬୩ ମେଗାୱାଟ୍ କ୍ଷମତାର ହାଇଡ୍ରୋ ପ୍ରକଳ୍ପ (ଅକ୍ଷୟଶକ୍ତି) ପ୍ରତିଷ୍ଠା କରିବ। ଟେକ୍ସମାକୋ ରେଲ୍ ଓ ଇଞ୍ଜିନିୟରିଂ ଲିମିଟେଡ୍ ୪୩୮ କୋଟି ବିନିଯୋଗ କରି ପାରାଦ୍ୱୀପରେ ୩୫ ହଜାର ମେଟ୍ରିକ୍ ଟନ୍ କ୍ଷମତାର ରେଳବାଇ ବଗି ଓ କପଲର୍ ଉତ୍ପାଦନ କରିବ। ଏହି କମ୍ପାନୀ ୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ ।

ଅପରପକ୍ଷେ ପ୍ରିମିୟମ୍ ଟ୍ରାନ୍ସମିଶନ୍ ୫୫୫ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାରେ ଇଣ୍ଡଷ୍ଟ୍ରିଆଲ ଟ୍ରାନ୍ସମିଶନ୍ ଓ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ସହିତ ୭୦୦ ଲୋକଙ୍କ ନିଯୁକ୍ତି ପ୍ରଦାନ କରିବ। ପର୍ଫେଟକ୍ସ ଟେକ୍ନୋଲୋଜି ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଆଇଟି ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ୫୮୬ କୋଟି ଟଙ୍କା ବିନିଯୋଗ କରିବା ସହିତ ୫୫୦୦ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ଜୁପିଟର ଇଣ୍ଟରନ୍ୟାସନାଲ ଲିମିଟେଡ୍ ଖୋର୍ଦ୍ଧାରେ ଫଟୋଭୋଲାଟିକ୍ ସୋଲାର୍ ସେଲ୍ ଉତ୍ପାଦନ ନିମନ୍ତେ ୨୫୦ କୋଟି ଟଙ୍କା ନିବେଶ କରିବା ସହ ୩୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଛି।

ପୁନଶ୍ଚ ଖୋର୍ଦ୍ଧା ଜିଲ୍ଲାରେ ବିଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ ୫୧ କୋଟି, ଫାଇନ୍ ଲାଇନ୍ସ ୫୮ କୋଟି, କେନବର୍ଗ ଗ୍ଲୋବାଲ ସୋର୍ସିଂ ୫୦.୯୦ କୋଟି ଟଙ୍କା, ଉମଙ୍ଗ କୋଲ୍ଡ ଷ୍ଟୋରେଜ୍ ପ୍ରାଇଭେଟ୍ ଲିମିଟେଡ୍ ୧୨୩.୧୩ କୋଟି ଟଙ୍କା ବିନିଯୋଗ କରିବେ। ପ୍ରୁନାମା ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୫୪.୭୦ କୋଟି ଟଙ୍କା ନିବେଶ କରିବା ସହ ଇଆରଡବ୍ଲୁ ପାଇପ୍ ଉତ୍ପାଦନ କରିବ। ଏସ୍‌ଏସ୍‌ପି ସ୍ପଞ୍ଜ ଆଇରନ୍ ଲିମିଟେଡ୍ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୫୦ କୋଟି, ସୁରଜ ପ୍ରଡକ୍ଟସ୍ ଲିମିଟେଡ୍ ୯୮.୫୦ କୋଟି ବ୍ୟୟରେ ବାର୍ଷିକ ୨ ନିୟୁତ ଇସ୍ପାତ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଅଲମାମେଟ୍ କମ୍ପାନୀ କଳିଙ୍ଗନଗର ଠାରେ ୫୦.୬୦ କୋଟି ଟଙ୍କା ନିବେଶ କରି ମ୍ୟାଗନେସିୟମ୍ ଗ୍ରାନୁଏଲ୍ସ ଉତ୍ପାଦନ କରିବ। ଏଠାରେ ୯୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଇଛି। ପୁରୀର ସିପସରୁବାଲିରେ ଆଇଟିସି ଲିମିଟେଡ୍ ୱେଲକମ୍ ହୋଟେଲ ପ୍ରତିଷ୍ଠା ନିମନ୍ତେ ୧୪୮ କୋଟି ଟଙ୍କା ନିବେଶ କରିବ। ଖୋର୍ଦ୍ଧା ଜିଲ୍ଲାରେ ଇଣ୍ଡୋ ନିସିନ୍ ଫୁଡସ୍ ପ୍ରାଇଭେଟ ଲିମିଟେଡ୍ ୫୧ କୋଟି, ମାଗପେଟ ପଲିମର ୧୭୫ କୋଟି, ଏମ୍‌ଏଏଫ୍ କ୍ଲଥ୍ ୧୫୦ କୋଟି, ମିନୁ କ୍ରିଏସନ୍ସ ଏଲ୍‌ଏଲ୍‌ପି ୫୭ କୋଟି, ପୂଜା ଇଣ୍ଟରନ୍ୟାସନାଲ ୫୫ କୋଟି, ସୋନୁ ଏକ୍ସିମ୍ ୫୫ କୋଟି, ରେନବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ନିବେଶ କରିବେ।

## ବିଧାନସଭା ନିର୍ବାଚନ: ବିଜୁଙ୍କ ୧୨୩ ରେକର୍ଡ ଭାଙ୍ଗିବେ ନବୀନ

# ୨୦୨୪ରେ ବିଜେଡିକୁ ୧୨୮ରୁ ଅଧିକ ଆସନ



**୧୭ ଲୋକସଭା କ୍ଷେତ୍ରରେ ପୋଛି ହୋଇଯିବେ ବିରୋଧୀ**

**ବିକାଶ ବିରୋଧୀଙ୍କୁ ଉଚିତ ଜବାବ ଦେବେ ଓଡ଼ିଶାବାସୀ**

**ଜାତୀୟ ସର୍ଭେରେ ବିଜେପି ଓ କଂଗ୍ରେସର ସ୍ଥିତି ଦୟନୀୟ**

■ **ଭୁବନେଶ୍ୱର, ୨୩।୨ (ସମିସ):** ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ପୁଣି ଫୁଙ୍କିବେ ଶଙ୍ଖ। ଏହା ବିଜେଡି ପାଇଁ ଐତିହାସିକ ନିର୍ବାଚନ ହେବ। ନବୀନ ପଟ୍ଟନାୟକ ପୁଣି ଷଷ୍ଠଥର ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପିତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୨୩ ଆସନ ରେକଡର୍‌କୁ ମଧ୍ୟ ଭାଙ୍ଗିବେ। ବିଭିନ୍ନ ଜାତୀୟ ସଂସ୍ଥାଙ୍କ ପ୍ରାକ୍ ନିର୍ବାଚନ ଆକଳନରେ ଏହା ପ୍ରକାଶିତ ହୋଇଛି । ବିଭିନ୍ନ ସର୍ଭେ ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ ଗତ ୨୦୧୯ ବିଧାନସଭା ନିର୍ବାଚନଠାରୁ ୨୦୨୪ରେ ବିଜେଡି କେବଳ ଅଧିକ ଆସନ ପାଇବ ନାହିଁ; ଦଳର ଭୋଟ ହାର ମଧ୍ୟ ବୃଦ୍ଧି ପାଇବ । ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ୧.୨ କୋଟି ଭୋଟ ପାଇଥିବାବେଳେ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଆହୁରି ଅଧିକ ଭୋଟ ପାଇବ ବୋଲି ଏହି ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି । 'ଜନହିତ' ପକ୍ଷରୁ କରାଯାଇଥିବା ସର୍ଭେରେ ଦଳର ବିଧାନସଭା ଆସନ ସଂଖ୍ୟା ୨୦୧୯ ତୁଳନାରେ ଅନ୍ୟୂନ ୧୫ଟି ବୃଦ୍ଧି ପାଇ ୧୨୮ ଅତିକ୍ରମ କରିପାରେ ବୋଲି ଦର୍ଶାଯାଇଛି।

ଗତ ବିଧାନସଭା ନିର୍ବାଚନରେ ଦଳ ୧ କୋଟିରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲା। ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ଏହି ଭୋଟ ସଂଖ୍ୟା ୨୦% ବୃଦ୍ଧି ପାଇ ୧.୨ କୋଟିରେ ପହଞ୍ଚିଥିଲା। ତେଣୁ ଆଗାମୀ ନିର୍ବାଚନରେ ଏହି ୧.୨ କୋଟି ଭୋଟକୁ ଅନ୍ୟୂନ ଦେଢ଼ କୋଟିରେ ପହଞ୍ଚାଇବା ନିମନ୍ତେ ନିଷ୍ଠାପର କାର୍ଯ୍ୟ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ସାଙ୍ଗଠନିକ କ୍ଷେତ୍ରରେ ଦଳକୁ ସୁଦୃଢ଼ କରାଯାଇଛି ଏବଂ ବୁଥ୍‌ୱାରୀ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଜନୈତିକ ପରିପକ୍ୱତା, ସ୍ୱଚ୍ଛ ଶାସନ, ଲୋକହିତକର ଓ ବିକାଶମୂଳକ କାର୍ଯ୍ୟ, ସର୍ବୋପରି ବିଭିନ୍ନ କ୍ଷେତ୍ରରେ ▶ପୃଷ୍ଠା-୯

# ସ୍ୱାବଲମ୍ବୀ କାରିଗରଙ୍କ ପ୍ରାପ୍ୟ ବଢ଼ିଲା

**ପାରିଶ୍ରମିକ ୪, ୦୦୦ ଟଙ୍କାରୁ ୬, ୫୦୦ ଟଙ୍କାକୁ ବୃଦ୍ଧି**

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ**

■ **ଭୁବନେଶ୍ୱର, ୨୩।୨ (ସମିସ):** ରାଜ୍ୟର ଗ୍ରାମ ପଞ୍ଚାୟତମାନଙ୍କରେ କାମ କରୁଥିବା ସ୍ୱାବଲମ୍ବୀ କାରିଗରମାନଙ୍କର ପାରିଶ୍ରମିକ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାରିଶ୍ରମିକ ୬୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସ୍ୱାବଲମ୍ବୀ କାରିଗରମାନେ ପାରିଶ୍ରମିକ ବାବଦକୁ ମାସକୁ ୪୦୦୦ ଟଙ୍କା ପାଉଥିବା ବେଳେ ନୂତନ ପାରିଶ୍ରମିକ ୬୫୦୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ବର୍ତ୍ତମାନର ପାରିଶ୍ରମିକଠାରୁ ୬୨.୫୦ ପ୍ରତିଶତ ଅଧିକ। ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ ସ୍ୱାବଲମ୍ବୀ କାରିଗର ଏବଂ ପ୍ରତିନିଧି ମାନଙ୍କଠାରୁ ଏଥିପାଇଁ ▶ପୃଷ୍ଠା-୯

## ଲୋକକଥା



କୃଷି ପ୍ରଧାନ ଏ ରାଇଜ ଏଣିକି
ହେବ କେତେ ଅଗ୍ରସର,
ସଶକ୍ତ ହୋଇବ କୃଷି ପରିବାର
ହସିବ ଚାଷୀ ସଂସାର।
କଷଣ ହୋଇବ ଦୂର,
ରୂପାନ୍ତରଣର ସାରଥୀ ହୁଅନ୍ତି
ଲୋକଙ୍କ ନିକଟତର !!

# ଟ୍ରକ୍ ଧକ୍କାରେ ବାପ-ପୁଅ ମୃତ

**ଖବର ଶୁଣି ଗାଁରେ ବଡ଼ବାପାର ହୃଦ୍‌ଘାତରେ ମୃତ୍ୟୁ**

■ **କେନ୍ଦୁଝର/ଢେଙ୍କିକୋଟ, ୨୩।୨ (ସମିସ):** ଅକାଳରେ ଚାଲିଗଲା ୩ ଜୀବନ। ଦୁର୍ଘଟଣାରେ ବାପା-ପୁଅଙ୍କ ମୃତ୍ୟୁ ଖବର ଶୁଣି ଘରେ ଥିବା ବଡ଼ବାପାଙ୍କ ହୃଦ୍‌ଘାତରେ ମୃତ୍ୟୁ ହେବା ଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲାରେ। ସୂଚନାନୁସାରେ, କେନ୍ଦୁଝର ପଟୁ ଆସୁଥିବା ଏକ ଲୁହାରଡ୍ ବୋଝେଇ ମିନି ଟ୍ରକ୍ (ଓଡି ୦୯ ଏଏ ୧୧୬୬) ପିପିଳିଆ ଛକ ନିକଟରେ ଓଡି୦୯ୱାଇ ୨୨୬୭ ନମ୍ବର ବିଶିଷ୍ଟ ଏକ ସ୍କୁଟି ସହ ଧକ୍କା ହୋଇଥିଲା। ଏଥିରେ ସ୍କୁଟିରେ ଥିବା ସଦର ବ୍ଲକ ବାରିଙ୍ଗା ଗ୍ରାମର ଯାତ୍ରା ପଡ଼ିଆ ନିକଟରେ ରହୁଥିବା କାଣ୍ଡେ ମୁଣ୍ଡା (୫୩) ଓ ତାଙ୍କ ପୁଅ ଲକ୍ଷ୍ମଣ ମୁଣ୍ଡା (୩୨)ଙ୍କ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଢେଙ୍କିକୋଟ ପୁଲିସ ସେମାନଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତରଖାନା ପହଞ୍ଚିବା ବେଳକୁ ଉଭୟଙ୍କର ମୃତ୍ୟୁ ହୋଇସାରିଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

ତେବେ ଏହି ଦୁଃଖଦ ଖବର ଶୁଣିବା ପରେ କାଣ୍ଡେଙ୍କ ବଡ଼ଭାଇ ସମରା ମୁଣ୍ଡା (୫୫)ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ପିପିଳିଆ ଛକରେ ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୁଇ, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ, ସୁରଥ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା।

# ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସଙ୍କଳ୍ପବଦ୍ଧ

## ଏକ କୋଟିରୁ ଅଧିକ ପରିବାର ପାଇଁ ସଞ୍ଜୀବନୀ ସାଜିଛି ବିଏସ୍‌କେୱାଇ



**୬ ବର୍ଷରେ ୮ ନୂଆ ମେଡ଼ିକାଲ କଲେଜ, ୨ ପିଜି ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ**

**ବର୍ଷକୁ ବାହାରୁଛନ୍ତି ୨୫୦୦ ଡାକ୍ତର, ୪ ବର୍ଷରେ ୪୦୦୦ ଡାକ୍ତର ନିଯୁକ୍ତି**

■ **ଭୁବନେଶ୍ୱର, ୨୩।୨ (ସମିସ):** ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ସଦସ୍ୟ ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପ୍ରତ୍ୟେକ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା ସୁନିଶ୍ଚିତ କରିବା ପାଇଁ କାମ କରୁଛନ୍ତି। କୋଭିଡ୍ ପରିଚାଳନା ହେଉ ଅବା ବିଏସ୍‌କେୱାଇ, ମମତା ସହାୟତା ଯୋଜନା ହେଉ ଅବା ଅପପୁଷ୍ଟି ଦୂର ପାଇଁ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ମୁଖ୍ୟମନ୍ତ୍ରୀଙ୍କର ଉଦ୍ଦେଶ୍ୟ। ଏକ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଠନ ପାଇଁ ବଦ୍ଧ ପରିକର ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସମଗ୍ର ଭାରତ ବର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। ଏହା ହିଁ ହେଉଛି ରାଜ୍ୟବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ ବୋଲି ବୋଲି କହିଛନ୍ତି ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡଃ ସନ୍ତୃପ୍ତ ମିଶ୍ର ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡଃ ମିଶ୍ର କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ସହିତ ଆମ ଅର୍ଥନୀତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯଦି କେହି ରୋଗାଗ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ସେବା ପାଇବା ନିମନ୍ତେ ନିଜ ଜମି ବାଡ଼ି, ଗହଣା ବନ୍ଧକ ରଖୁଛି, ନିଜ ପିଲାର ପାଠ ପଢ଼ା ବନ୍ଦ କରିବା ପାଇଁ ବାଧ୍ୟ ହେଉଛି, ତା ହେଲେ ▶ପୃଷ୍ଠା-୯



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-240 ♦BHUBANESWAR ♦SATURDAY ♦24 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୦ ♦ଭୁବନେଶ୍ୱର ♦ଶନିବାର ♦୨୪ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କଲା ପ୍ରଥମ ଘରୋଇ ମହାକାଶଯାନ

■ **ୱାଶିଂଟନ, ୨୩।୨ (ଏଜେନ୍ସି):** ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ପରେ ଆମେରିକାର ଏକ ମହାକାଶଯାନ ଚନ୍ଦ୍ରରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଏକ ଘରୋଇ କମ୍ପାନୀ 'ଇନ୍‌ଟ୍ୟୁଟିଭ ମେସିନ୍ସ'ର ଲ୍ୟାଣ୍ଡର 'ଓଡ଼ିସିୟସ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପରେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ଆମେରିକା ଏହି କୃତିତ୍ୱ ହାସଲ କରିଛି। ଗତ ୧୫ ତାରିଖରେ ସ୍ପେସ୍ ଏକ୍ସର ରକେଟରୁ ହ୍ୟୁଷ୍ଟନର ଏହି କମ୍ପାନୀର ମହାକାଶଯାନକୁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଭାରତୀୟ ସମୟ ଗୁରୁବାର ସକାଳ ୪ଟା ୫୩ ମିନିଟରେ ଚନ୍ଦ୍ରରେ ଅବତରଣ କରିଥିଲା। ଏହାର ଠିକ୍ ପୂର୍ବରୁ ଓଡିସିୟସର ନେଭିଗେସନ ସିଷ୍ଟମରେ କିଛି ସମସ୍ୟା ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ଲ୍ୟାଣ୍ଡରକୁ ଅବତରଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଅବତରଣ ପରଠାରୁ ଓଡିସିୟସ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ଏହା ସହ ଯୋଗାଯୋଗ ମଧ୍ୟ ହୋଇପାରି ନାହିଁ। ମାତ୍ର ଚନ୍ଦ୍ରପୃଷ୍ଠରେ ଓଡିସିୟସ ରହିଛି ବୋଲି ଅଭିଯାନର ନିର୍ଦ୍ଦେଶକ ଟିମ୍ କ୍ରେନ କହିଛନ୍ତି। ଏହି ଯାନ ଚନ୍ଦ୍ରରେ ଥିବା ଧୂଳି ଉପରେ ଅଧ୍ୟୟନ କରିବ। ସେହିପରି ଓଡିସିୟସ ଅବତରଣ କରିଥିବା ସ୍ଥାନର ନାମ ୧୭ଶ ଶତାବ୍ଦୀର ବେଲଜିୟମ ବୈଜ୍ଞାନିକ 'ମାଲାପର୍ଟ'ଙ୍କ ନାମରେ ରଖାଯାଇଛି। ଏବେ ନାସା ଏହି ସ୍ଥାନକୁ ମହାକାଶ ଯାତ୍ରୀଙ୍କୁ ପଠାଇବା ପାଇଁ ବିଚାର କରୁଛି ବୋଲି କୁହାଯାଇଛି।




# ବିଜେଡିରେ ମିଶିଲେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡା

■ **ଭୁବନେଶ୍ୱର, ୨୩।୨(ସମିସ):** ନିର୍ବାଚନ ପୂର୍ବରୁ ଦିନକୁ ଦିନ ସବଳ ହେଉଛି ବିଜେଡି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀ ବିଜେଡିରେ ଯୋଗ ଦେଉଛନ୍ତି। ଏହି କ୍ରମରେ ଶୁକ୍ରବାର ପୂର୍ବତନ ବିଜେପି ରାଜ୍ୟ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଶ୍ରୀ ପଣ୍ଡା ଧର୍ମଶାଳା ନିର୍ବାଚନମଣ୍ଡଳୀର ଜଣେ ଟାଣୁଆ ନେତା ଭାବରେ ପରିଚିତ। ଏହି ମିଶ୍ରଣ ସଭାରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ନବାଗତମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି।



ଏହି ଅବସରରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ଆଜି ସୁରେନ୍ଦ୍ର ପଣ୍ଡାଙ୍କର ଘରବାହୁଡ଼ା ହୋଇଛି। ସେ ସ୍ୱର୍ଗତ ଅଶୋକ ଦାସ ଏବଂ କଳ୍ପତରୁ ଦାସଙ୍କ ଘନିଷ୍ଠ ସହଯୋଗୀ ଓ ତାଙ୍କ ପରିବାରର ସଦସ୍ୟ ଥିଲେ। ତାଙ୍କ ଭଳି ଜଣେ ଦକ୍ଷ ସଂଗଠକ ବିଜେଡିରେ ଯୋଗଦେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ବିଜେଡିରେ ଶୃଙ୍ଖଳା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଦଳରେ ପ୍ରତ୍ୟେକ ଶୃଙ୍ଖଳିତ ସଦସ୍ୟଙ୍କ ପାଇଁ ଲୋକଙ୍କ ହିତରେ କାମ କରିବାର ଅପାର ସୁଯୋଗ ରହିଛି। ଆଜି ଯେପରି ଭାବେ ଓଡ଼ିଶାର ରୂପାନ୍ତରଣ ପର୍ବ ଚାଲିଛି, ପ୍ରତ୍ୟେକ ବର୍ଗର ଲୋକଙ୍କ ବିକାଶ ହେଉଛି ତାହା ସମସ୍ତଙ୍କୁ କିମିଆ କରିଛି। ଯେଉଁମାନେ ଜନସାଧାରଣଙ୍କ କଲ୍ୟାଣ ପାଇଁ କାମ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବିଜୁ ଜନତା ଦଳର ଦ୍ୱାର ସର୍ବଦା ଖୋଲା ରହିଛି ବୋଲି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଜି ହେଉଛି ମୋର ଘରବାହୁଡ଼ା।ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି। ତାଙ୍କ ସହ ୟୁଏନ୍‌ଏସ୍ ମହାବିଦ୍ୟାଳୟର ପୂର୍ବତନ ସଭାପତି ବାପିନା ବିଶ୍ୱାଳ, ଯୁବନେତା ଗଙ୍ଗାଧର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା (ଟୁକୁନା), ପ୍ରକାଶ ସେଠୀ, ବିଜୟ ରାଉତ, ଦୀପକ ତିଆଡ଼ି, ଯାଜପୁର ଜିଲ୍ଲା ଅଖିଳ ଭାରତ ଯାଦବ ୟୁନିୟନର ସମ୍ପାଦକ ଇଂ ମନୋଜ ଦାସ, ପ୍ରଶାନ୍ତ ସାମଲ, ବିନୋଦ ବିହାରୀ ସାମଲ, ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ବାରିକ, ସାମାଜିକ କର୍ମୀ ପ୍ରକାଶ ଜେନା, ନିରୁପମା ନାୟକ, ଯାଦବ ୟୁନିୟନର ସମ୍ପାଦକ ପ୍ରଶାନ୍ତ ସାମଲଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷା ଖରାପ ହେବାରୁ +୨ ଛାତ୍ରଙ୍କ ଆତ୍ମହତ୍ୟା

■ **ବ୍ରହ୍ମପୁର, ୨୩।୨(ସମିସ):** ପରୀକ୍ଷାରେ କପି କରି ଧରାପଡ଼ିବା ଓ ଏମ୍‌ପି ହେବା ପରେ ମାନସିକ ଚାପଗ୍ରସ୍ତ ହୋଇ +୨ର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ। ସୂର୍ଯ୍ୟନଗର ଚତୁର୍ଥ ଲାଇନ୍ ନିବାସୀ ତଥା ମାଲକାନଗିରି ପୁଲିସ ଜିଲ୍ଲାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ଦେବାଶିଷ ସେଠୀ(୧୮) ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରର ଯୁକ୍ତଦୁଇ ଶ୍ରେଣୀର ବିଜ୍ଞାନ ଛାତ୍ର। ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଦେବାଶିଷ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ପୂର୍ବରୁ ସାହିତ୍ୟ ଓ ଇଂରାଜୀ ଭଳି ଦୁଇଟି ବିଷୟ ପରୀକ୍ଷା ଭଲ ହୋଇଥିବା ବେଳେ ଗୁରୁବାର ଦିନ ପଦାର୍ଥ ବିଜ୍ଞାନ ପରୀକ୍ଷାରେ କପି କରୁଥିବା ବେଳେ ଦେବାଶିଷ ସ୍କ୍ୱାଡ୍ ହାତରେ ଧରାପଡ଼ି ଏମ୍‌ପି ବା (ମାଲ ପ୍ରାକ୍ଟିସ)ରେ ବୁକ୍ ହୋଇଥିଲେ। ଘରକୁ ଫେରି ପରୀକ୍ଷା ଖରାପ ହୋଇଥିବା ସେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଅପରାହ୍ଣରେ ନିଜ ରୁମରେ ବେକରେ ଲୁଗା ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ମଉସା ଘରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

■ **ଦୋବଲ, ୨୩।୨(ସମିସ):** ରାତି ପାହିଥିଲେ ଇଂରାଜୀ ପରୀକ୍ଷା ଦେବାକୁ ନଦିଗାଁ ପରୀକ୍ଷା କେନ୍ଦ୍ରକୁ ଯାଇଥାଆନ୍ତା ଛାତ୍ର। ହେଲେ ରାତି ପାହିବା ପୂର୍ବରୁ ସବୁ ସରିଗଲା। ନିଜ ବେକରେ ମାଉସୀର ଲୁଗାକୁ ବାନ୍ଧି ପଙ୍ଖାରେ ଝୁଲିପଡ଼ିଲା ମାଟ୍ରିକ୍ ପରୀକ୍ଷାର୍ଥୀ। ଏମିତି ଏକ ଘଟଣା ଘଟିଛି ଧାମନଗର ଥାନା ଦୋବଲ ଜୋନ ଅନ୍ତର୍ଗତ ଦଲାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଶାସନ ଗ୍ରାମରେ। ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ଘରେ ଏପରି ଅଘଟଣ ଘଟିଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ରାଡ ଗ୍ରାମର ଅଭୟ ପଣ୍ଡାଙ୍କ ପୁଅ ଅଭିଷେକ ପଣ୍ଡା ତାଙ୍କ ମଉସା ଲକ୍ଷ୍ମୀଧର ଦାଶଙ୍କ ଘରେ ରହି ପାଠ ପଢୁଥିଲେ। ଅଭିଷେକ ଏବେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଅଭିଷେକ ନିଜ ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-240 •BHUBANESWAR •SATURDAY •24 FEBRUARY 2024 •PAGE-16 •₹ 6.00


•ବର୍ଷ-୪୧ •ସଂଖ୍ୟା-୨୪୦ •ଭୁବନେଶ୍ୱର •ଶନିବାର •୨୪ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଯୋଶୀଙ୍କ ପରଲୋକ

■ **ମୁମ୍ବାଇ, ୨୩।୨ (ଏଜେନ୍ସି):** ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଲୋକସଭା ବାଚସ୍ପତି ମନୋହର ଯୋଶୀ (୮୬)ଙ୍କ ପରଲୋକ ହୋଇଛି। ଗୁରୁବାର ହୃଦ୍‌ଘାତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଶୁକ୍ରବାର ଭୋର ୩ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଷ୍ଟ୍ରୀୟ ସମ୍ମାନ ସହ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ଶ୍ରୀ ଯୋଶୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ମଇ ମାସରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ମସ୍ତିଷ୍କ ଆଘାତ ଯୋଗୁଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସେ ଶିବାଜୀ ପାର୍କ ସ୍ଥିତ ଘରକୁ ଫେରିଥିଲେ। ୨୦୨୦ରେ ତାଙ୍କ ପତ୍ନୀ ବିୟୋଗ ହୋଇଥିଲା। ଶ୍ରୀ ଯୋଶୀ ଶିକ୍ଷକତାରୁ ନିଜ କ୍ୟାରିୟର ଆରମ୍ଭ କରି ୧୯୬୭ରେ ରାଜନୀତିରେ ସାମିଲ ହୋଇଥିଲେ। ସେ ୪୦ ବର୍ଷ ପର୍ଯ୍ୟନ୍ତ ଶିବସେନାରେ ଥିଲେ। ସେ ଶିବସେନା-ବିଜେପି ମେଣ୍ଟ ସରକାରରେ ୧୯୯୫-୯୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ।

**ରାଇଜିଂ ଓଡ଼ିଶା ସମ୍ମିଳନୀ**

# ଆମ କାମ ହିଁ କଥା କହେ: ମୁଖ୍ୟମନ୍ତ୍ରୀ

- ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ଆମ ରୂପାନ୍ତରଣ ଯାତ୍ରାର ଅଭିନ୍ନ ଅଙ୍ଗ
- ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ
- ରୂପାନ୍ତରଣ ଓ ସଶକ୍ତୀକରଣରେ ନୂଆ କାହାଣୀ ଲେଖୁଛି ଓଡ଼ିଶା



■ **ଭୁବନେଶ୍ୱର, ୨୩।୨(ସମିସ):** ଆମ ରାଜ୍ୟ ଓଡ଼ିଶା ଆଗକୁ ବଢୁଛି, ଉତ୍କର୍ଷ ସାଧନ କରୁଛି। ଆମେ ବିନା ହୋ ହଲ୍ଲାରେ ବିକାଶର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଚାଲିଛୁ। କାରଣ ଆମ କାମ ହିଁ କଥା କହେ। ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ରୂପାନ୍ତରଣ ଓ ସଶକ୍ତିକରଣରେ ଓଡ଼ିଶା ନୂଆ କାହାଣୀ ଲେଖିଛି। ବିପର୍ଯ୍ୟୟ ପରିଚାଳନା ହେଉ ଅବା ଖାଦ୍ୟ ସୁରକ୍ଷା, ସବୁଥିରେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ମହିଳା ସଶକ୍ତିକରଣରେ ଓଡ଼ିଶା ଅନ୍ୟମାନଙ୍କୁ ବହୁ ପଛରେ ଛାଡ଼ି ଦେଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

'ନ୍ୟୁଜ୍-୧୮' ପକ୍ଷରୁ ଆୟୋଜିତ 'ରାଇଜିଂ ଓଡ଼ିଶା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ଯାତ୍ରା ଦେଶର ଅନ୍ୟ ରାଜ୍ୟ ମାନଙ୍କୁ ଆକର୍ଷିତ କରୁଛି। ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଏବଂ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ସମଗ୍ର ବିଶ୍ୱରେ ଚର୍ଚ୍ଚିତ ରାଜ୍ୟ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆମ ରାଜ୍ୟର ତୃଣମୂଳସ୍ତରରେ ଲୋକଙ୍କୁ ବଳ ଯୋଗାଉଛି। ସେହିପରି ବିଦ୍ୟାଳୟ ରୂପାନ୍ତରଣ ପରେ ସୁଦୂର ମାଲକାନଗିରି ଜିଲ୍ଲାରେ ଥିବା ପିଲାଟିଏ ମଧ୍ୟ ସ୍ମାର୍ଟ ଶ୍ରେଣୀଗୃହରେ ବସି ଡିଜିଟାଲ ବୋର୍ଡ ସହାୟତାରେ ପାଠ ପଢ଼ିପାରୁଛି। ଏହା ହେଉଛି ରୂପାନ୍ତରଣ, ଏହା ହେଉଛି ସଶକ୍ତିକରଣ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପୁଞ୍ଜି ନିବେଶ କରାଇବାରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗତ କିଛି ବର୍ଷ ହେଲା ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଏକଦା ସବୁଠାରୁ ପଛରେ ରହିଥିବା ଓଡ଼ିଶା ଆଜି ଆର୍ଥିକ ଅଭିବୃଦ୍ଧିରେ ବହୁ ବଡ଼ ବଡ଼ ରାଜ୍ୟକୁ ପଛରେ ଛାଡିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଆମେ ଦେଶର ପ୍ରଥମ ତିନିଟି ରାଜ୍ୟ ଭିତରେ ସ୍ଥାନ ପାଇବା ନେଇ ଆମେ ଆଶାବାଦୀ ଅଛୁ। ଆମର ଏହି ସଫଳତାର କାରଣ ହେଉଛି '୫-ଟି' ଉପକ୍ରମ ଆଧାରିତ ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା। ରୂପାନ୍ତରଣ ଯାତ୍ରାରେ ଜଣେ ହେଲେ ବି ଯେମିତି ପଛରେ ରହି ନ ଯାଏ ତାହା ଆମ ସରକାର ସୁନିଶ୍ଚିତ କରୁଛନ୍ତି। ରାଜ୍ୟର ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ହୃଦବୋଧ କରିବା ଆବଶ୍ୟକ ଯେ ସେ ବି ଏହି ରୂପାନ୍ତରଣର ଏକ ଅଭିନ୍ନ ଅଙ୍ଗ। ଏହା ହେଉଛି ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ବିକାଶ ଓ ଉତ୍ଥାନର କାହାଣୀ। ଏହି ସମସ୍ତ ଓଡ଼ିଶାବାସୀ ମୋ ପରିବାରର ସଦସ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

**ଗନ୍ଧମାର୍ଦ୍ଦନରେ ମାଓ କ୍ୟାମ୍ପ ଠାବ**

## ଯବାନଙ୍କ ସହ ଗୁଳି ବିନିମୟ; ମାଓ ସାମଗ୍ରୀ ଜବତ

■ **ବରଗଡ଼/ପାଇକମାଲ, ୨୩।୨ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପାଦଦେଶ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନଥିବା ବେଳେ ମାଓବାଦୀମାନେ ସେଠାରୁ ଖସି ପଳାଇଛନ୍ତି। ଏସଓଜି ଓ ସିଆରପିଏଫ ତରଫରୁ ସେଠାରେ ମାଓ କ୍ୟାମ୍ପ ଠାବ କରାଯିବା ସହ ଆଇଡି, ମାଓବାଦୀଙ୍କ କପଡ଼ା, ବ୍ୟାଗ୍, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପ୍ରଚାରପତ୍ର, ପୁସ୍ତିକା ଆଦି ଜବତ କରାଯାଇଥିବା ନେଇ ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଛନ୍ତି। ଗତ ୨୧ ତାରିଖରୁ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବରଗଡ଼ ଓ ବଲାଙ୍ଗିରର ଏସଓଜି ସହ ସିଆରପିଏଫ ମିଳିତ କମ୍ବିଂ ଜାରି ରଖିଥିବା ବେଳେ ଶୁକ୍ରବାର ସକାଳେ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ସୂଚନା ମିଳିଥିଲା। ଏହାପରେ ସକାଳ ୮ ଟା ୩୦ ମିନିଟ ସମୟରେ ଏସଓଜି ଏବଂ ମାଓବାଦୀଙ୍କ ମଧ୍ୟରେ ଉଭୟ ପଟରୁ ଗୁଳି ବିନିମୟ ହୋଇଥିଲା। ଅପରପକ୍ଷେ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ପହଞ୍ଚି ସ୍ଥିତିର ସମୀକ୍ଷା ଏବଂ ଅନୁଧ୍ୟାନ କରି ବରଗଡ଼ ଏସପି ମୀନାଙ୍କ ସହ ଆଲୋଚନା କରିଛନ୍ତି।

# ମସ୍ତିଷ୍କ ମୃତ୍ୟୁ ପରେ ଝିଅର ଯକୃତ ଦାନକଲେ ଅଟୋ ଚାଳକ



■ **ଭୁବନେଶ୍ୱର, ୨୩।୨ (ସମିସ):** ଭଗବାନଙ୍କୁ ଡାକୁଛି ମୋ ଝିଅର ଅଙ୍ଗ ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚୁ, ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ। ଭଗବାନ ବୋଧ ହୁଏ ଏହା ହିଁ ଲେଖିଛନ୍ତି, ମୋ ପାଖରେ ଯେତିକି ଦିନ ମୋର ହୋଇ ରହିବାର ଥିଲା, ରହିଲା। ଏବେ ସେ ଆଉ କାହା ପାଖରେ ବଞ୍ଚିବ। ଏମ୍ସ ଭୁବନେଶ୍ୱରରେ ମସ୍ତିଷ୍କାଘାତରେ ପ୍ରାଣ ହରାଇଥିବା ୧୪ ବର୍ଷର ଝିଅ ଦମୟନ୍ତୀଙ୍କ ମା' ବନିତା ମହାନ୍ତ ନିଜ ଝିଅର ଅଙ୍ଗ(ଯକୃତ)ଦାନ କଲା ବେଳେ ଲୁହ ଆଉ କୋହମିଶା ସ୍ୱରରେ ଏମିତି କିଛି କହିଛନ୍ତି। ଦମୟନ୍ତୀଙ୍କ ଯକୃତକୁ ଆଜି ଭୁବନେଶ୍ୱର ଏମ୍‌ସରୁ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଯକୃତକୁ ଗ୍ରିନ୍-କରିଡର୍‌ରେ ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ନିଆଯାଇଥିଲା। ପରେ ସେଠାରୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇଥିବା ଜଣାଯାଇଛି। ଏଥିପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ମୂଳନିବାସୀ ଦୁଃଖୀବନ୍ଧୁ ଓ ବନିତାଙ୍କ ଝିଅ ଦମୟନ୍ତୀ। ଦୁଃଖବନ୍ଧୁ ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର ସହ ଏଇଠି ରହି ଦମୟନ୍ତୀଙ୍କୁ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢ଼ାଉଥିଲେ। ବେଶ ହସଖୁସିରେ ଚାଲିଥିଲା ତାଙ୍କ ଛୋଟ ପରିବାର। ହେଲେ ତାଙ୍କ ସୁଖର



**ଗ୍ରିନ୍ କରିଡର୍‌ରେ ଭୁବନେଶ୍ୱର ଏମ୍ସରୁ ଗଲା ଦିଲ୍ଲୀ**

**ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ: ବନିତା**

ସଂସାରକୁ ହଠାତ୍ ଘୋଟି ଆସିଥିଲା ଦୁଃଖର କଳାବାଦଲ। କିଛି ମାସ ତଳେ ଦମୟନ୍ତୀ ଗୁରୁତର କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଲେ। ନିୟମିତ ବ୍ୟବଧାନରେ ଡାଏଲସିସ୍ ଚାଲିଥିଲା। କିନ୍ତୁ ଗତ ୧୫ ତାରିଖରେ ସେ ହଠାତ୍ ମସ୍ତିଷ୍କାଘାତର ସମ୍ମୁଖୀନ ହୋଇ ଏମ୍ସ ମେଡିସିନ୍ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିଛି ଦିନ ଧରି ଚିକିତ୍ସିତ ହେବା ପରେ ସେ କୋମାକୁ ଚାଲିଯାଇଥିଲେ ଓ ତାଙ୍କ ଶ୍ୱାସକ୍ରିୟା ସ୍ୱାଭାବିକ କରିବାକୁ ଭେଣ୍ଟିଲେଟରର ଆବଶ୍ୟକତା ପଡ଼ିଥିଲା। ଏତେ ଦିନ ଧରି ଚିକିତ୍ସା ପରେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ଏହାସହ ଦମୟନ୍ତୀଙ୍କ ମସ୍ତିଷ୍କ ଅଚଳ(ବ୍ରେନ୍ ଷ୍ଟିମ୍ ଡେଥ୍) ହୋଇଯାଇଥିବା ନେଇ ଡାକ୍ତରୀଦଳ ତାଙ୍କ ପରିବାରଲୋକଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାର ପରୀକ୍ଷା କରିବା ପରେ ଜଣାପଡ଼ିଥିଲା ଯେ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇଯାଇଛି। ଯାହାକୁ ଚିକିତ୍ସା ଦ୍ୱାରା ଭଲ କରିବା ଅସମ୍ଭବ। ପରିବାରଲୋକ ଏହା ଶୁଣିବା ପରେ ମହତ୍ ଉଦ୍ଦେଶ୍ୟରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କ ଝିଅର ଅଙ୍ଗ ଲାଗୁ ବୋଲି ସ୍ୱତଃପ୍ରବୃତ୍ତ ଭାବେ ଇଚ୍ଛା ପ୍ରକାଶ କରିଥିଲେ। ଫଳରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଜଣେ ମସ୍ତିଷ୍କମୃତ ଝିଅର ଶରୀରରୁ ସଫଳତାର ସହ ଲିଭର୍‌କୁ ବାହାର କରାଯାଇଥିଲା। ପରେ ତାହାକୁ ଗ୍ରୀନ୍ କରିଡର୍‌ରେ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ନିଜ ଝିଅର ଅଙ୍ଗଦାନ କରିଥିବା ଦମ୍ପତିଙ୍କୁ ଶ୍ରୀ ବିଶ୍ୱାସ ଶ୍ରେଷ୍ଠ ମାନବୀୟ କାର୍ଯ୍ୟ ବୋଲି ଅଭିହିତ କରିବା ସହ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

ଏ ସଂପର୍କରେ ଦମୟନ୍ତୀଙ୍କ ମା' ବନିତା କହିଛନ୍ତି ଯେ ୭-୮ ବର୍ଷ ବୟସରୁ ମୋ ଝିଅ ପୁଅ ଭଳି ଘରର ସବୁ କଥା ସମ୍ଭାଳୁଥିଲା। ହେଲେ ବୟସ ବଢ଼ିଲା ବେଳକୁ ଆମ ଜୀବନରେ କଳା ବାଦଲ ଘୋଟି ଆସିଲା। ଏମିତି ସବୁ ଅଘଟଣ ଘଟିଗଲା। ଏହା ହିଁ ବୋଧେ ଭଗବାନଙ୍କର ନିର୍ଦ୍ଦେଶ ଥିଲା। ହୋଇପାରେ ବିଧିର ବିଧାନ କି ଦଇବର ଦାଉ। ମୁଁ ଆଉ କ'ଣ କରିପାରିବି। ସେ ଜନ୍ମରୁ ଯାହା ଚାହିଁଥିଲା ମୁଁ କେବଳ ତା' ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରିଛି। ଏବେ ଛାତିରେ ପଥର ରଖି ମୁଁ ମୋର କର୍ତ୍ତବ୍ୟ ଛଡ଼ା ଆଉ କିଛି କରିପାରିନି।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-240 •BHUBANESWAR •SATURDAY •24 FEBRUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୦ •ଭୁବନେଶ୍ୱର •ଶନିବାର •୨୪ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦

ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ପ୍ରକାଶ

# ଦୋଷୀକୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୨୩।୨(ସମିସ):** କେନ୍ଦୁଝର ପଣ୍ଡାପଡ଼ା ଥାନା ଅଞ୍ଚଳରେ ୨୦୨୧ ମସିହାରେ ଘଟିଥିବା ଗଣଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବଲାଣିପଶି ଗ୍ରାମର ସୁଶାନ୍ତ ନାଏକକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଏକମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପଣ୍ଡାପଡ଼ା ଥାନା ବସନ୍ତପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ସୁଶାନ୍ତର ପ୍ରେମ ସମ୍ପର୍କ ଥିଲା। କିନ୍ତୁ ସୁଶାନ୍ତ ଯୁବତୀଜଣଙ୍କୁ ସନ୍ଦେହ କରୁଥିଲେ। ଗତ ୨୦୨୧ ଅକ୍ଟୋବର ୨୩ ତାରିଖ ରାତିରେ ସୁଶାନ୍ତ ଯୁବତୀଙ୍କ ଗାଁକୁ ଯାଇ ତାଙ୍କୁ ଫୋନ୍ କରି ପାଖକୁ ଡକାଇଥିଲେ। ଯୁବତୀଜଣକ ଆସିବା ପରେ ସୁଶାନ୍ତ ତାଙ୍କୁ ଏକ ନିକାଞ୍ଚନ ସ୍ଥାନରେ ଦୁଷ୍କର୍ମ କରିଥିଲା। ପରେ ସାଙ୍ଗରେ ଯାଇଥିବା ସୁଶାନ୍ତର ଅନ୍ୟ ତିନିଜଣ ସହଯୋଗୀ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ତେବେ କଥା ପ୍ରଘଟ ହେବା ଭୟରେ ସେମାନେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ତାଙ୍କ ବାଡ଼ିପଛ ଏକ ପରିତ୍ୟକ୍ତ ପୋଖରୀରେ ଫିଙ୍ଗି ଦେଇଥିଲେ। ଯୁବତୀଙ୍କୁ ନପାଇ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ। ତା' ପରଦିନ ଯୁବତୀଙ୍କ ଜେଜେମା' ପୋଖରୀକୁ ଯିବା ବେଳେ ଯୁବତୀଙ୍କ ମୃତଦେହ ଠାବ ହୋଇଥିଲା। ଏନେଇ ପରିବାର ପକ୍ଷରୁ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।






## କୋଭିଡ୍ ଗଲାଣି; ଛାଡ଼ିଯାଇଛି ଯନ୍ତ୍ରଣା

# ଫୁସ୍‌ଫୁସ୍‌କୁ ଦୁର୍ବଳ କରିଛି କୋଭିଡ୍

**ଭୁବନେଶ୍ୱର, ୨୩।୨ (ସମିସ):** କୋଭିଡ୍‌ର ତିନି ଚାରିଟି ଲହର ଆସିଲା ଆଉ ଚାଲିଗଲା ମଧ୍ୟ। କୋଭିଡ୍ ମହାମାରୀର ଭୟ ଆଉ ନାହିଁ। କିନ୍ତୁ କୋଭିଡ୍ ସଂକ୍ରମିତଙ୍କ ପାଇଁ ଛାଡ଼ି ଯାଇଛି ଯନ୍ତ୍ରଣା। ତିନି ବର୍ଷ ପୂର୍ବର ସଂକ୍ରମଣ ପାଇଁ ଏବେ ବି ରୋଗ ଯନ୍ତ୍ରଣାରୁ ନିସ୍ତାର ମିଳୁନାହିଁ। ଏପରିକି ୟୁରୋପ ଓ ଚାଇନାଠାରୁ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ବିଶେଷକରି ଫୁସ୍‌ଫୁସ୍ ଜନିତ ସମସ୍ୟା ବେଶ୍ ଉତ୍କଟ ରହିଛି। ଭେଲୋର୍‌ସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ (ସିଏମ୍‌ସି) ପକ୍ଷରୁ ଅନୁଷ୍ଠିତ ଗବେଷଣା ରିପୋର୍ଟରୁ ଏହା ଜଣାପଡ଼ିଛି। ଏଥିରେ କୁହାଯାଇଛି ଯେ ଭାରତରେ କୋଭିଡ୍‌ର ପ୍ରଥମ ଲହର ଆରମ୍ଭ ହେବାର ୬୩ ଦିନ ପରେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସିଏମ୍‌ସିର ପଲମୋନାରୀ ମେଡିସିନ୍ ବିଭାଗର ବିଶେଷଜ୍ଞମାନେ ୨୦୨୦ ଅଗଷ୍ଟ ୧୧ରୁ ୨୦୨୧ ଜାନୁଆରୀ ୧୪ ମଧ୍ୟରେ ସଂକ୍ରମିତଙ୍କ ଉପରେ ପରୀକ୍ଷା ଜାରି ରଖିଥିଲେ। ସେମାନେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ପରୀକ୍ଷା କରିବା ସହ ବ୍ୟାୟାମ ଦକ୍ଷତା, ଛାତିର ରେଡିଓଗ୍ରାଫି, ଜୀବନଶୈଳୀ ଆଦିର ମାନକ ଆଧାରରେ ଗବେଷଣା କରିଥିଲେ।

### ୟୁରୋପ ଓ ଚୀନ୍ ସଂକ୍ରମିତଙ୍କ ତୁଳନାରେ ଭାରତୀୟଙ୍କଠାରେ ସମସ୍ୟା ଅଧିକ

ଗବେଷଣା ରିପୋର୍ଟ ଅନୁସାରେ, ଏପର୍ଯ୍ୟନ୍ତ ସେମାନଙ୍କ ଫୁସ୍‌ଫୁସ୍‌ଜନିତ ସମସ୍ୟାରେ ସୁଧାର ଆସିପାରିନାହିଁ। ସେମାନଙ୍କ ଶରୀରରୁ ଅଙ୍ଗାରକାମ୍ଳ ଛାଡ଼ିବାରେ ସମସ୍ୟା ରହିଥିବା ବେଳେ ରକ୍ତକୋଷିକାରେ ଅମ୍ଳଜାନ୍ ଠିକ୍ ଭାବେ ପହଞ୍ଚି ପାରୁନାହିଁ। ପ୍ରାୟ ୪୪% ରୋଗୀଙ୍କଠାରେ ଏହି ସମସ୍ୟା ରହିଥିଲା। ସେହିପରି ୩୫%ଙ୍କଠାରେ ଫୁସ୍‌ଫୁସ୍ ଶତପ୍ରତିଶତ କାମ କରୁନଥିବା ବେଳେ ୮.୩%ଙ୍କଠାରେ ଉଭୟ ସମସ୍ୟା ରହିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ଆଗକୁ ଗୁରୁତର ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ସିଏମ୍‌ସିର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଫୁସ୍‌ଫୁସ୍ ଜନିତ ସମସ୍ୟା ପାଇଁ ସେମାନେ ଦୈନିନ୍ଦିନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଧ୍ୟ ଅକ୍ଷମ ହେଉଛନ୍ତି। ଏଥିସହ ଦୌଡ଼ିବା କିମ୍ବା ଅଧିକ ପରିଶ୍ରମ କରିବାରେ ଅସମର୍ଥ ହୋଇପାରନ୍ତି। ସେମାନଙ୍କ ଫୁସ୍‌ଫୁସ୍ ଅଧିକ ବେଗରେ ଚାଲିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଉଛି।

ଏହି ଗବେଷଣା ସମୟରେ ଭାରତ ସମେତ ଅନ୍ୟ ଦେଶର ସଂକ୍ରମିତଙ୍କଠାରେ ବହୁବିଧ ରୋଗର ପ୍ରଭାବ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରାଯାଇଥିଲା। ଏଥିରେ ମଧ୍ୟ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଥିବା ଦେଖାଯାଇଥିଲା। ପ୍ରାୟ ୭୨.୫% ଲୋକ ବହୁବିଧ ରୋଗରେ ଆକ୍ରାନ୍ତ ଥିବା ବେଳେ ସେଥିରୁ ୪୦%ଙ୍କଠାରେ ଦୁଇଟି କିମ୍ବା ଅଧିକ ରୋଗ ଥିବା ଜଣାପଡ଼ିଥିଲା। କୋଭିଡ୍ ସଂକ୍ରମଣ ହେତୁ ମଧୁମେହ ଜନିତ ସମସ୍ୟା, ଉଚ୍ଚ ରକ୍ତଚାପ, ଶ୍ୱାସଜନିତ ଗୁରୁତର ସମସ୍ୟା, ହୃଦରୋଗ, କିଡ୍‌ନୀ ଆଦି ରୋଗ ପୂର୍ବାପେକ୍ଷା ଅଧିକ ଜଟିଳ ହୋଇଛି। ତେବେ ୟୁରୋପ କିମ୍ବା ଚୀନ୍‌ର ଲୋକଙ୍କଠାରେ ଅତି ବେଶିରେ ଗୋଟିଏ କିମ୍ବା ଦୁଇଟି ରୋଗ ଦେଖାଦେଉଛି। ଅନ୍ୟ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ କମ୍ ରହୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର ମାନକ ଅନୁସାରେ ଗବେଷଣାରେ ସାମିଲ ସଂକ୍ରମିତଙ୍କ ମଧ୍ୟରୁ ୨୦.୩%ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଥିଲା।

■ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ ଶେଷ

# ୩୦ ଜିଲ୍ଲାରୁ ବୁଲିଲେ ୧.୭୦ ଲକ୍ଷ ଭକ୍ତ

### ସବୁ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ ସରକାର

**ପୁରୀ, ୨୩।୨ (ସମିସ):** କିପରି ହୋଇଛି ଶ୍ରୀମନ୍ଦିର ଚୌହଦୀର ବିକାଶ, ପୂର୍ବେ ବଡ଼ଦେଉଳକୁ ଆସିଲେ କିପରି ଥିଲା ଅନୁଭୂତି ଆଉ ଏବେ କେଉଁଭଳି ଅନୁଭବ ମିଳୁଛି ? ଉପାନ୍ତରୁ ଉପକୂଳ, ଦୁର୍ଗମ ଅଞ୍ଚଳରୁ ସହରାଞ୍ଚଳର ବ୍ୟକ୍ତି କିପରି ଶ୍ରୀକ୍ଷେତ୍ର ଆସି ପରିକ୍ରମା ପ୍ରକଳ୍ପର ଦିବ୍ୟ ଅନୁଭୂତି ସାଉଣ୍ଟିବେ, ସେଥିଲାଗି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରିଥିଲେ ରାଜ୍ୟ ସରକାର। ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଆଣି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲାଇ ପୁଣି ନେଇ ଘରେ ଛାଡୁଥିଲେ। ଗତ ମାସ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ ଶୁକ୍ରବାର ଶେଷ ହୋଇଛି। ଅନ୍ତିମ ଦିବସରେ ବରଗଡ଼ ଜିଲ୍ଲାରୁ ୩,୦୦୦ ଶ୍ରଦ୍ଧାଳୁ ଚତୁର୍ଦ୍ଧା ଗ୍ରହଙ୍କୁ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲିଛନ୍ତି। ଏହି ଶ୍ରଦ୍ଧାଳୁମାନେ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

ଗତ ମାସ ୨୯ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତେବେ ଫେବୃୟାରୀ ୨୩ ପର୍ଯ୍ୟନ୍ତ (ପ୍ରତି ଶନିବାର ଓ ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହେଉଥିବାରୁ ବନ୍ଦ ରହିଥିଲା ଏହି କାର୍ଯ୍ୟକ୍ରମ) ମୋଟ ୨୦ ଦିନରେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାର ୮,୮୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୧ ଲକ୍ଷ ୬୯ ହଜାର ୫୪୭ ଶ୍ରଦ୍ଧାଳୁଙ୍କୁ ରାଜ୍ୟ ସରକାର ପୁରୀ ଆଣିଥିଲେ। ସେମାନେ ବସ୍‌ରେ ଆସି ପ୍ରଥମେ ସମଙ୍ଗ ପାର୍କିଂ ସ୍ଥଳରେ ପହଞ୍ଚୁଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଆସି ଜେବିପିସିରେ ପହଞ୍ଚୁଥିଲେ। ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପରେ ପୁନଶ୍ଚ ସମଙ୍ଗ ପାର୍କିଂରେ ପହଞ୍ଚୁଥିଲେ। ସେଠାରେ ମଧ୍ୟାହ୍ନଭୋଜନ କରିବା ପରେ ପୁଣି ଯେଉଁ ବସ୍‌ରେ ଆସିଥିଲେ, ସେହି ବସ୍‌ରେ ବସି ଫେରୁଥିଲେ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଜାଗାରେ ରାତ୍ରରହଣିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏଥିପାଇଁ ଶ୍ରଦ୍ଧାଳୁମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଶଂସା କରିଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ ଲକ୍ଷ ୫୨ ହଜାର ଟଙ୍କା ଲୁଟ୍

**ବାଣପୁର, ୨୩।୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇପଡ଼ିଛନ୍ତି। ପୁଲିସକୁ ଖୋଲା ଚାଲେଞ୍ଜ୍ ଦେଇ ଲୁଟେରା ଗ୍ୟାଙ୍ଗ ଗୋଟିଏ ମାସରେ ଚାରି ଚାରୋଟି ଲୁଟ୍ ଓ ଡକାୟତି ଭଳି ଘଟଣା ଘଟାଇ ସାରିଲେଣି। ୨୧ ତାରିଖ ରାତିରେ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ଲକ୍ଷ ୫୨ହଜାର ୨୫୦ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏଯାବତ୍ ଲୁଟେରାଙ୍କ ଟେର୍ ପାଇ ପାରିନାହିଁ।

ଅଭିଯୋଗ ମୁତାବକ, ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ସମେତ ୫ଜଣ କର୍ମଚାରୀ ବିଭିନ୍ନ ଗ୍ରାମରୁ ଦେଇଥିବା ଗ୍ରୁପ୍ ଲୋନ୍ ଟଙ୍କା ଆଦାୟ କରି ରାତିରେ ସମସ୍ତେ ଏକାଠି ନିଜର ବାଇକ୍ ଓ ସ୍କୁଟି ଯୋଗ ଫେରୁଥିଲେ। ପ୍ରାୟ ରାତି ୯ଟାରେ ବାଣପୁର ଥାନା ଆଦିବାସୀମାଳ ଅଞ୍ଚଳ ଶାଳିଆଡ୍ୟାମ୍ ନିକଟରେ ହଠାତ୍ ୧୦ରୁ ୧୨ଜଣ ଦୁର୍ବୃତ୍ତ ମୁହଁରେ କଳାକନା ଘୋଡ଼ାଇ ରାସ୍ତାରେ ଡାଳ ପକାଇ କର୍ମଚାରୀଙ୍କୁ ଅଟକାଇଥିଲେ। ଫାଇନାନ୍ସ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ଦ୍ରୁତ ଗତିରେ ଗାଡି ଚଳାଇ ଖସି ପଳାଇଥିଲେ। ବାକି ୩ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ସେମାନଙ୍କ ନିକଟରୁ ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଓ କାଗଜପତ୍ର ଛଡ଼ାଇ ନେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀ ଦୀପାଞ୍ଜଳି ଛାଟୋଇ ଏନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତଙ୍କ କୌଣସି ପତ୍ତା ପାଇପାରିନାହିଁ।

## ଦ୍ୱାରଶୁଣୀ ଘାଟିରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ

# ପଥର ବ୍ଲାଷ୍ଟିଂ ପାଇଁ ୫ ଘଣ୍ଟା ରାସ୍ତା ବନ୍ଦ




**ବାରିପଦା, ୨୩।୨ (ସମିସ):** ମରଣଯନ୍ତା ସାଜିଥିବା ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣୀ ଘାଟିରାସ୍ତାର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ୫ଘଣ୍ଟା ପାଇଁ ଘାଟି ରାସ୍ତାରେ ଗାଡ଼ି ମଟର ଚଳାଚଳ ବନ୍ଦ ରଖି ପଥର ବ୍ଲାଷ୍ଟିଂ କରାଯାଇଛି। ଏନେଇ ଦିନ ୧୨ଟାରୁ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଘାଟି ରାସ୍ତା ବନ୍ଦ ରହିଥିଲା। ଶୁକ୍ରବାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଅନୁରୂପ ଭାବେ ଶନିବାର ଓ ରବିବାର ମଧ୍ୟାହ୍ନ ୧୨ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଘାଟି ରାସ୍ତା ବନ୍ଦ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ଭଞ୍ଜସେନା ପକ୍ଷରୁ ଖୁସିବ୍ୟକ୍ତ କରି ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଗତ କିଛି ବର୍ଷ ମଧ୍ୟରେ ଦ୍ୱାରଶୁଣି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନି ହେଲାଣି। ୪୯ ନମ୍ବର ଜାତୀୟ ରାଜପଥର ଏହି ଘାଟିରେ କିଛି ଦିନ ତଳେ ଏକ ଯାତ୍ରାପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୯ ଜଣଙ୍କ ଜୀବନ ଯାଇଥିଲା। ତେଣୁ ରାସ୍ତା ପ୍ରଶସ୍ତୀକରଣ ଦାବିରେ ଭଞ୍ଜସେନା ପକ୍ଷରୁ ଗତ ଫେବ୍ରୁଆରୀ ୨ରେ ଘାଟି ରାସ୍ତା ଅବରୋଧ କରାଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଘାଟି ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଛି। ଏନଏଚ୍‌ଆଇ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଘାଟି ରାସ୍ତା ଅନୁଧ୍ୟାନ କରିବା ପରେ ୧୦ଟି ବାଙ୍କକୁ ଚିହ୍ନଟ କରି ପ୍ରଶସ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ପାହାଡ଼କୁ ବ୍ଲାଷ୍ଟିଂ କରି ପଥର ହଟାଯିବାର ବ୍ୟବସ୍ଥା ହୋଇଛି। ଘାଟିରାସ୍ତା ମରାମତି ପାଇଁ ୨୦୨୩ରେ ୭କୋଟି ଟଙ୍କାରେ ଟେଣ୍ଡର୍ ନେଇଥିବା ଠିକାସଂସ୍ଥା ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଉଛି। ଗତ ଫେବୃଆରୀ ୧୨ରେ ପଥର ବ୍ଲାଷ୍ଟିଂ ନିମନ୍ତେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏନେଇ ସଂଗଠନ ପକ୍ଷରୁ ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ତେନ୍ତୁଳି ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

**ଝରିଗାଁ,୨୩।୨(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତ ଅନ୍ତର୍ଗତ ଭରକିଭଟ୍ଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବେକରେ ରଶି ଲଗାଇ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ମୃତକଦ୍ୱୟ ହେଲେ, ଭରକିଭଟ୍ଟା ଗ୍ରାମର ଜଗା ଗୌଡ଼ଙ୍କ ଝିଅ ଗୌରୀ ଗୌଡ଼(୧୬) ଓ ସେହି ଗ୍ରାମର ମାଳୀ ଗୌଡ଼ଙ୍କ ପୁଅ ମନଧର ଗୌଡ଼। ଝରିଗାଁ ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଗାଁ ମଶାଣିରେ ଦୁହିଁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସୂଚନା ଅନୁସାରେ, ଗତରାତିରେ ଗୌରୀ ଖାଇପିଇ ଭଉଣୀ ସହ ଗୋଟିଏ ଘରେ ଶୋଇଥିଲେ। ସକାଳୁ ପରିବାରଲୋକ ଗୌରୀକୁ ପାଇନଥିଲେ। ଶୌଚ ପାଇଁ ନିକଟ ନାଳକୁ ଯାଇଥିବ ବୋଲି ଭାବିଥିଲେ। ତେବେ ସକାଳ ପ୍ରାୟ ୬ଟାରେ ବାସୁଦେବ ଗୌଡ଼ ଗାଁଠାରୁ ଅଧ କିଲୋମିଟର ଦୂରରେ ଥିବା ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିବା ବେଳେ ସେଠାରେ ଏକ ତେନ୍ତୁଳି ଗଛରେ ଗୌରୀ ଓ ମନଧର ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ପୁଲିସକୁ ଖବର ଦିଆଯାଇଥିଲା।




# ଦୁର୍ଘଟଣାରେ ବିଧାୟିକାଙ୍କ ମୃତ୍ୟୁ



ହାଇଦରାବାଦ, ୨୩।୨ (ଏଜେନ୍ସି): ହାଇଦରାବାଦରେ ଏକ ସଡ଼କ ଦୁର୍ଘଟଣାରେ ଭାରତ ରାଷ୍ଟ୍ର ସମିତି (ବିଆରଏସ) ବିଧାୟିକା ଲସ୍ୟା ନନ୍ଦିତାଙ୍କ ମୃତ୍ୟୁ ହୋଇଛି। ୩୭ ବର୍ଷୀୟ ଲସ୍ୟା ପ୍ରଥମ ଥର ପାଇଁ ବିଧାୟିକା (ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟ) ହୋଇଥିଲେ। ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ ନନ୍ଦିତା ଏକ ଏସ୍‌ୟୁଭିରେ ଯାତ୍ରା କରୁଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଳାଉ ଥିଲେ। ସଙ୍ଗାରେଡ୍ଡୀ ଜିଲ୍ଲାର ସୁଲତାନପୁର ରିଙ୍ଗ ରୋଡ୍‌ରେ ତାଙ୍କ କାର୍ ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲା। ଏଥିରେ ଡ୍ରାଇଭର ଏବଂ ନନ୍ଦିତା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ନନ୍ଦିତା ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ତାଙ୍କ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ୧୦ ଦିନ ତଳେ ଫେବୃଆରୀ ୧୩ରେ ଏକ ସଡ଼କ ଦୁର୍ଘଟଣାରେ ନନ୍ଦିତା ଆହତ ହୋଇଥିଲେ। ମାତ୍ର ଏଥିରେ ତାଙ୍କ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ନନ୍ଦିତା ମୁଖ୍ୟମନ୍ତ୍ରୀଙ୍କ ଏକ ରାଲିରେ ସାମିଲ ହେବା ପାଇଁ ନଲଗୋଣ୍ଡା ଯାଉଥିଲେ। ନରକଟପଲ୍ଲି ନିକଟରେ ତାଙ୍କ ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା।

# ରାହୁଲ ଗାନ୍ଧୀଙ୍କ ଆବେଦନ ଖାରଜ

ରାଞ୍ଚି, ୨୩।୨ (ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଝଟ୍‌କା ଲାଗିଛି। ମାନହାନୀ ମାମଲାରେ ରାହୁଲ ଦାଏର କରିଥିବା ଆବେଦନକୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ନିମ୍ନ ଅଦାଲତରେ ମାମଲାର ଟ୍ରାଏଲ ଜାରି ରହିବ ବୋଲି କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପରେ ଦେଇଥିବା ଅପମାନଜନକ ମନ୍ତବ୍ୟ ମାମଲାରେ ଏମ୍‌ପି-ଏମଏଲଏ କୋର୍ଟ କଂଗ୍ରେସ ନେତାଙ୍କ ବିରୋଧରେ ଜାମିନ ଯୁକ୍ତ ୱାରଣ୍ଟ ଜାରି କରିଥିଲେ। ସେ ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ। ଏବେ ହାଇକୋର୍ଟଙ୍କ ନିଷ୍ପତ୍ତି ରାହୁଲଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ୨୦୧୮ ରେ କର୍ଣ୍ଣାଟକରେ ନିର୍ବାଚନ ପ୍ରଚାର କରିବା ସମୟରେ ରାହୁଲ ଏହି ମନ୍ତବ୍ୟ ଦେଇଥିଲେ।

# ରୁଷରୁ ଭାରତୀୟଙ୍କ ମୁକ୍ତି ଲାଗି ପ୍ରୟାସ

ନୂଆଦିଲ୍ଲୀ,୨୩।୨(ଏଜେନ୍ସି): ୟୁକ୍ରେନ୍ ଓ ରୁଷ ମଧ୍ୟରେ ଦୁଇବର୍ଷ ଧରି ଯୁଦ୍ଧ ଚାଲିଛି। ରିପୋର୍ଟ ମିଳିଛି ଯେ ରୁଷର ଏଜେଣ୍ଟମାନେ ରୁଷରେ ଥିବା ବା ଚାକିରି, କର୍ମସଂସ୍ଥାନ ତଥା ରୋଜଗାର ସନ୍ଧାନରେ ରୁଷ ଯାଇଥିବା ଭାରତୀୟ ଯୁବକଙ୍କୁ ନିଯୁକ୍ତିର ଲୋଭ ଦେଖାଇ ରୁଷ ସେନାକୁ ଅଣସାମରିକ ସହାୟତା ଦେବାପାଇଁ ଯୁଦ୍ଧକ୍ଷେତ୍ରକୁ ପଠାଉଛନ୍ତି। ଏପରି ରିପୋର୍ଟ ପ୍ରକାଶିତ ହେବା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରୁଷରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରି କରିଛି। ସେଥିରେ ଯୁଦ୍ଧକ୍ଷେତ୍ରରୁ ଦୂରେଇ, ସମସ୍ତ ଧରଣର ସଂଘର୍ଷକୁ ଏଡ଼ାଇ ନିରାପଦ ସ୍ଥାନରେ ରହିବାକୁ ଭାରତୀୟ ନାଗରିକମାନଙ୍କୁ ସତର୍କ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି କୁହାଯାଇଛି। ରୁଷ ଅଧିକାରୀମାନଙ୍କୁ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ରୁଷ ସେନାକୁ ସହାୟତା ଦେବା ପାଇଁ ନିଯୁକ୍ତି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସେବାନିବୃତ୍ତ କରାଯାଉ।

# 'ଆମେରିକାରେ ଫ୍ଲାଟ୍ ପାଇଁ ଜାଲିଆତି ଅଭିଯୋଗ କରିଥିଲେ ପାକ୍ ଅଧିକାରୀ'

ଇସଲାମାବାଦ, ୨୩।୨ (ଏଜେନ୍ସି): ପାକିସ୍ତାନ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇ ନିଜ ପଦରୁ ଇସ୍ତଫା ଦେଇଥିବା ରାୱଲପିଣ୍ଡିର ପୂର୍ବତନ କମିଶନର ଲିୟାକଲ ଅଲି ଚଟା ନିଜ ବୟାନ ବଦଳାଇ ଦେଇଛନ୍ତି। ଇମ୍ରାନଙ୍କ ଦଳ ପିଟିଆଇ କହିବାରୁ ଆଧାରହୀନ ଅଭିଯୋଗ ଲଗାଇ ଥିଲେ ବୋଲି କହିଛନ୍ତି। ଏହି ଅଭିଯୋଗ ଲଗାଇଥିବାରୁ ସେ ଲଜ୍ଜିତ। ଦେଶକୁ ବଦନାମ କରିଥିବାରୁ ଦୋଷୀ। ଏଥିପାଇଁ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ସେ ପ୍ରସ୍ତୁତ ଅଛନ୍ତି। ଗୁରୁବାର ରାତିରେ ସେ ବୟାନ ଜାରି କରି ଏହି ମନ୍ତବ୍ୟ ଦେଇଥିଲେ। ଏହା ପୂର୍ବରୁ ଗତ ୧୬ ତାରିଖରେ ସେ ହାରୁଥିବା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବାଲାଟ ପେପରରେ ଜାଲିଆତି କରିଥିବା କହିଥିଲେ। ନିଜ ଦୋଷ ନିଜେ ସ୍ୱୀକାର କରି ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ନୱାଜ ସରିଫଙ୍କ ଦଳ ପିଏମଏଲଏନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଆମେରିକାରେ ଫ୍ଲାଟ ଏବଂ କୋଟି କୋଟି ଟଙ୍କା ଦେବା ପାଇଁ ଇମ୍ରାନ ଲିୟାକତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

■ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଇଡି ସମନକୁ ଚ୍ୟାଲେଞ୍ଜ କରୁଛ କାହିଁକି?

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାମିଲନାଡୁରେ ବେଆଇନ ବାଲି ଖନନ ଘୋଟାଲାର ତଦନ୍ତ ଚଳାଇ ୫ଜଣ ଜିଲ୍ଲାପାଳଙ୍କୁ ସମନ ଜାରି କରିଛି। ଏହାକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଛନ୍ତି। ତାମିଲନାଡୁ ସରକାର ଇଡିର ତଦନ୍ତରେ ହସ୍ତକ୍ଷେପ କରିଛନ୍ତି ଦର୍ଶାଇ ଇଡି ପକ୍ଷରୁ ମଧ୍ୟ ସୁପ୍ରିମକୋର୍ଟରେ ପିଟିସନ୍ ଦିଆଯାଇଛି। ଆଜି ମାମଲାର ଶୁଣାଣି କରି ନ୍ୟାୟମୂର୍ତ୍ତି ବେଲା ଏମ ତ୍ରିବେଦୀ ତାମିଲନାଡୁ ସରକାରଙ୍କ ଓକିଲ ମୁକୁଲ ରୋହତଗୀଙ୍କୁ ପ୍ରଶ୍ନ କରିଥିଲେ ଯେ ଇଡି ତା'ର କାର୍ଯ୍ୟ କରୁଛି। ସେଥିରେ ରାଜ୍ୟ ସରକାରଙ୍କର କ'ଣ ଅସୁବିଧା ହେଉଛି ଯେ ରିଟ୍ ପିଟିସନ୍ ଦାଖଲ କରାଯାଉଛି? ରାଜ୍ୟ ସରକାର କେମିତି ଇଡି ବିପକ୍ଷରେ ପିଟିସନ୍ ଦାଖଲ କରିପାରିବେ? କେଉଁ ଆଇନ ବଳରେ? ରୋହତଗୀ ଉତ୍ତରରେ କହିଥିଲେ ଯେ ଇଡି ବେଆଇନ ବାଲି ଖନନ ଭଳି ଅଣତାଲିକାଭୁକ୍ତ ଅପରାଧର ତଦନ୍ତ କରିପାରିବ ନାହିଁ। ରୋହତଗୀଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଜଷ୍ଟିସ ତ୍ରିବେଦୀ କହିଥିଲେ ଯେ ସରକାରଙ୍କର କ'ଣ ଅସୁବିଧା ବା ସ୍ୱାର୍ଥହାନୀ ହେଉଛି ଯେ ଇଡିର ତଦନ୍ତକୁ ନିଷ୍କ୍ରିୟ କରାଯିବା ପାଇଁ ଆବେଦନ କରାଯାଇଛି, ତାହା ପ୍ରଥମେ ବୁଝାଇ କୁହ। ପରେ ଜଷ୍ଟିସ ତ୍ରିବେଦୀ ଶୁଣାଣିକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।



■ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

# ଯୋଜନା କାର୍ଯ୍ୟକାରୀ ପାଇଁ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ

ନୂଆଦିଲ୍ଲୀ, ୨୩।୨(ଏଜେନ୍ସି): ସରକାରଙ୍କ ନୀତି ଓ ଯୋଜନାର ନ୍ୟାୟିକ ସମୀକ୍ଷା କରିବା ପାଇଁ ଅଦାଲତଙ୍କର ସୀମିତ କ୍ଷମତା ରହିଛି। ସରକାରଙ୍କର ବିଭିନ୍ନ ଲୋକହିତ ଯୋଜନା ରହିଛି। ତାହାଠାରୁ ଅଧିକ ଭଲ ବିକଳ୍ପ ଉପଲବ୍ଧ ଦର୍ଶାଇ କୌଣସି ନିର୍ଦ୍ଦିଷ୍ଟ ନୀତି ଓ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କ୍ଷୁଧା ଓ ଅପପୁଷ୍ଟିରୁ ଲୋକଙ୍କୁ ମୁକ୍ତି ଦେବା ପାଇଁ ଗୋଷ୍ଠୀ ରନ୍ଧାଶାଳ(କମ୍ୟୁନିଟି କିଚେନ୍) ଖୋଲିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବା ନିମନ୍ତେ ନିବେଦନ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ବିଚାରପତି ବେଲା ଏମ ତ୍ରିବେଦୀ ଓ ବିଚାରପତି ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ ଦର୍ଶାଇଥିଲେ ଯେ ସରକାର କ୍ଷୁଧା ଓ ଅପପୁଷ୍ଟି ହଟାଇବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବ୍ୟବସ୍ଥା ରଖିଛନ୍ତି ଓ ଅନ୍ୟ ଅନେକ ଲୋକହିତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସରକାର ନୀତି ସ୍ଥିର କରିବେ, ସେହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ। ଏହା ସରକାରଙ୍କର ବା କାର୍ଯ୍ୟପାଳିକାର କ୍ଷମତା। ଯୋଜନା ଭଲ କି ମନ୍ଦ, ଏହାର ଭଲ ବିକଳ୍ପ ଅଛି କି ନାହିଁ-ଏସବୁରେ ହସ୍ତକ୍ଷେପ କରିବାର କ୍ଷମତା ନ୍ୟାୟପାଳିକାର ନାହିଁ। ଏପରି ଟିପ୍ପଣୀ ଦେଇ ଖଣ୍ଡପୀଠ ଜନସ୍ୱାର୍ଥ ମାମଲାଟିକୁ ଖାରଜ କରିଛନ୍ତି।

କଳା ଦିବସ ପାଳିଲେ ଚାଷୀ

# ହରିୟାଣାରେ ପୁଲିସ ସହ ମୁହାଁମୁହିଁ

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)



ଚାଷୀଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା ୨୯ ଯାଏଁ ସ୍ଥଗିତ

ଚାଷୀ ଶୁକ୍ରବାର କଳା ଦିବସ ପାଳିଛନ୍ତି। ଶମ୍ଭୁ ସୀମାରେ କଳା ପତାକା ଉଡ଼ାଇଛନ୍ତି। କଳା ପଟି ମଧ୍ୟ ବାନ୍ଧିଛନ୍ତି। ଶାନ୍ତି ପୂର୍ଣ୍ଣ ଭାବେ ବିଭିନ୍ନ ସୀମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ସଂଯୁକ୍ତ କିଶାନ ମୋର୍ଚ୍ଚା (ଏସକେଏମ) 'ଦିଲ୍ଲୀ ଚଲୋ' ଯାତ୍ରାକୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କିଶାନ ମଜଦୁର ମୋର୍ଚ୍ଚାର ସଂଯୋଜକ ସରବଣ ପନ୍ଧେର ଖନୌରି ସୀମାରେ ଏହି ସୂଚନା ଦେଇଛନ୍ତି। ଆଗାମୀ ରଣନୀତି ବିଷୟରେ ୨୯ରେ ନିଷ୍ପତ୍ତି ନିଆଯିବ। ଚାଷୀ ଶୁଭକରଣ ସିଂହଙ୍କ ମୃତ୍ୟୁକୁ ନେଇ ସମସ୍ତେ ଦୁଃଖୀ ଅଛନ୍ତି। ତେଣୁ ଶନିବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା କରିବାକୁ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଏପରି ସମୟରେ ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ଏନଏସଏ ଅଧିନରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି। ଏହା ପୂର୍ବରୁ ପ୍ରଦର୍ଶନକାରୀଙ୍କଠାରୁ ସରକାରୀ ସମ୍ପତ୍ତିରେ ହୋଇଥିବା କ୍ଷତିପୂରଣ ଆଦାୟ କରାଯିବ ବୋଲି ଅମ୍ବାଲା ପୁଲିସ ପକ୍ଷରୁ କୁହାଯାଇଥିଲା।

ଏ ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନରେ ୭ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ୩ ପୁଲିସ କର୍ମଚାରୀ ସାମିଲ ଅଛନ୍ତି। ସୀମାରେ ପ୍ରାଣ ହରାଇଥିବା ବଠିଣ୍ଡା ଚାଷୀ ଶୁଭକିରଣଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ଏବଂ ତାଙ୍କ ଭଉଣୀଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ପଞ୍ଜାବ ସରକାର ଘୋଷଣା କରିଛନ୍ତି। ତେବେ ଏତଲା ରୁଜୁ ନ ହେବା ପର୍ଯ୍ୟନ୍ତ ଶୁଭକିରଣଙ୍କ ଅନ୍ତିମ ସଂସ୍କାର ହେବନାହିଁ ବୋଲି ଚାଷୀ ନେତା କହିଛନ୍ତି। ଏହା ପୂର୍ବରୁ ହରିୟାଣା ହିସାରରେ ପୁଲିସ ଏବଂ ଚାଷୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଖନୌରି ସୀମାକୁ ଯିବାକୁ ଚାହୁଁଥିବା ଚାଷୀଙ୍କୁ ପୁଲିସ ଅଟକାଇ ଥିଲା। ଏହାକୁ ନେଇ ଚାଷୀ ପଥରମାଡ଼ କରିଥିଲେ। ଏହାର ଜବାବରେ ପୁଲିସ ଲୁହବୁହା ଗ୍ୟାସର ଗୋଳା ଏବଂ ଲାଠିମାଡ଼ କରିଥିଲା। ଏହି ସଂଘର୍ଷରେ ୪୦ ଚାଷୀ ଏବଂ ପୁଲିସ ଆହତ ହୋଇଥିଲେ। ଏହା ମଧ୍ୟରେ ଚାଷୀ ଆନ୍ଦୋଳନ ମାମଲାରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ଚାଷୀଙ୍କ ଦାବି ଉପରେ ବିଚାର କରି ଦିଲ୍ଲୀ ଯିବାକୁ ଅନୁମତି ଦେବା ପାଇଁ ନିବେଦନ କରାଯାଇଛି।

ସରୋଗେସୀ ଆଇନରେ ସଂଶୋଧନ କଲା କେନ୍ଦ୍ର

# ମାଆ ହୋଇପାରିବେ ଏକକ ମହିଳା

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି): କେନ୍ଦ୍ର ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକକ ମହିଳା ତଥା ବିଧବା ଏବଂ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ମାଆ ହେବାର ଅଧିକାର ପ୍ରଦାନ କରିଛନ୍ତି। ଏଥିପାଇଁ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହା ସହିତ ଜଟିଳ ମେଡିକାଲ ସ୍ଥିତିରେ ଦମ୍ପତିଙ୍କୁ ଡୋନର ଗ୍ୟାମିଟ (ଶୁକ୍ରାଣୁ କିମ୍ବା ଡିମ୍ବାଣୁ) ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ଆଇନରେ ପରିବର୍ତ୍ତନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ତଳେ ସୁପ୍ରିମକୋର୍ଟ ଜଣେ ଅବିବାହିତ ମହିଳାଙ୍କୁ ସରୋଗେସୀ ମାଧ୍ୟମରେ ମାଆ ହେବାକୁ ଅନୁମତି ଦେଇ ନ ଥିଲେ। କିନ୍ତୁ ଏବେ ସରକାର ସରୋଗେସୀ ଆଇନ, ୨୦୨୨ରେ ସଂଶୋଧନ କରି ଏହି ଅଧିକାର ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ମେଡିକାଲ ସମସ୍ୟାରେ ପୀଡ଼ିତ ଦମ୍ପତିଙ୍କ ପାଇଁ ଉଭୟ ଗ୍ୟାମିଟର ଆବଶ୍ୟକତାକୁ ମଧ୍ୟ ବଦଳାଇ ଦେଇଛନ୍ତି। ଅର୍ଥାତ ଏବେ ସରୋଗେସୀ ମାଧ୍ୟମରେ ମାଆ ହେବା ପାଇଁ କେବଳ ପତି କିମ୍ବା ପତ୍ନୀଙ୍କ ଗ୍ୟାମିଟ ଆବଶ୍ୟକ ପଡ଼ିବ। ଅନ୍ୟଟି ଗ୍ୟାମିଟ ଦାତାଙ୍କଠାରୁ ଆଣି ହେବ। ତେବେ ଏଥିପାଇଁ ଜିଲ୍ଲା ମେଡିକାଲ ବୋର୍ଡଠାରୁ ଅନୁମତି ନେବାକୁ ପଡ଼ିବ।




କଂଗ୍ରେସର ଅଭିଯୋଗ

# ଇଡି-ସିବିଆଇ ଦ୍ୱାରା ଚାନ୍ଦା ଆଦାୟ କରୁଛି ବିଜେପି

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)

ବିଜେପି ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ବିଜେପି ସରକାର ଇଡି-ସିବିଆଇର ଅପବ୍ୟବହାର କରି ଚାନ୍ଦା ଆଦାୟ କରୁଛନ୍ତି। ୨୦୧୮-୧୯ ଏବଂ ୨୦୨୨-୨୩ ମଧ୍ୟରେ ଅତିକମରେ ୩୦ଟି କମ୍ପାନୀ ବିଜେପିକୁ ୩୩୫ କୋଟି ଟଙ୍କା ଦାନ ଦେଇଛନ୍ତି। ତେବେ ଏହି ସବୁ କମ୍ପାନୀଙ୍କୁ କେନ୍ଦ୍ରୀୟ ଏଜେନ୍ସି କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିଛି। ୩୦ କମ୍ପାନୀ ମଧ୍ୟରୁ ୨୩ଟି ବିଜେପିକୁ ୧୮୭.୫୮ କୋଟି ଟଙ୍କା ଦେଇଥିଲେ। ଏହି କମ୍ପାନୀ ଚଢ଼ଉ ହେବା ମଧ୍ୟରେ କିମ୍ବା ୨୦୧୪ ପୂର୍ବରୁ ବିଜେପିକୁ କୌଣସି ଟଙ୍କା ଦେଇ ନ ଥିଲା। ଏଥିରୁ ଅତିକମରେ ୪ କମ୍ପାନୀ ଚଢ଼ଉର ୪ ମାସ ଭିତରେ ବିଜେପିକୁ ୯.୦୫ କୋଟି ଟଙ୍କା ଚାନ୍ଦା ଦେଇଥିଲେ। ସେହିପରି ଚାନ୍ଦା ଦେବାକୁ ମନା କରିଦେଇଥିବା ୬ଟି କମ୍ପାନୀକୁ ପରେ ଯାଞ୍ଚର ସାମ୍ନା କରିବାକୁ ପଡ଼ିଥିଲା। ତଲାସୀ ଅଭିଯାନ ପରେ ଏହି କମ୍ପାନୀ ବିଜେପିକୁ ବଡ଼ ରାଶି ଦେଇଥିଲେ।

କଂଗ୍ରେସ ପକ୍ଷରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ଏହି ଦାବି କରାଯାଇଛି। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ଏହି ମାମଲାର ତଦନ୍ତ କରାଯାଉ ବୋଲି ଦଳୀୟ ନେତା ଜୟରାମ ରମେଶ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହା ପୂର୍ବରୁ କୌଣସି ରାଜନୈତିକ ଦଳଙ୍କ ବ୍ୟାଙ୍କ ଖାତା ବନ୍ଦ କରାଯାଇ ନ ଥିଲା। ଚାନ୍ଦା ଆଦାୟ ପାଇଁ କାହାକୁ ଏତେ ଇଡି ନୋଟିସ ପଠା ଯାଇ ନ ଥିଲା। ଘରୋଇ କମ୍ପାନୀ ବିରୋଧରେ କୌଣସି ଯାଞ୍ଚ ହୋଇ ନ ଥିଲା। ଏଭଳି ସବୁକାର୍ଯ୍ୟ ବିଜେପି କାର୍ଯ୍ୟକାଳ ସମୟରେ ହୋଇଛି।

ଏ ପ୍ରସଙ୍ଗରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ପ୍ରଶ୍ନ କରିଥିଲେ। ସେ ପଚାରି ଥିଲେ ଯେ ତିନିରୁ ୨ଟି ଏଜେନ୍ସି ଅର୍ଥମନ୍ତ୍ରାଳୟ ଅଧିନରେ ରହିଛି। ସରକାର ଏହି ଯାଞ୍ଚ ଏଜେନ୍ସିଗୁଡିକୁ ରିମୋଟ କଣ୍ଟ୍ରୋଲ ମାଧ୍ୟମରେ ଚଳାଉଛନ୍ତି ବୋଲି ସାରା ଦେଶ ଜାଣିଛି। ୨୦୧୪ ପରେ ରାଜନେତାଙ୍କ ବିରୋଧରେ ଇଡି ମାମଲା ୪ ଗୁଣ ବଢ଼ିବା ଏହାକୁ ପ୍ରମାଣିତ କରୁଛି। ଏହି ମାମଲା ମଧ୍ୟରୁ ୯୫ ପ୍ରତିଶତ ବିରୋଧୀ ଦଳ ନେତାଙ୍କ ବିରୋଧରେ ରହିଛି।

କିଛି ଦିନ ତଳେ ବିଜେପିର ସମୀକ୍ଷା ରିପୋର୍ଟ ସାମ୍ନାକୁ ଆସିଥିଲା। ଏଥିରୁ ୨୦୨୨-୨୩ରେ ବିଜେପିର ମୋଟ ଆୟ ୨,୩୬୧ କୋଟି ଥିବା ଜଣା ପଡ଼ିଥିଲା। ଏହା ୨୦୨୧-୨୨ରେ ୧,୯୧୭ କୋଟି ରହିଥିଲା। ରାହୁଲ ଗାନ୍ଧୀ ମଧ୍ୟ ଚାନ୍ଦାକୁ ନେଇ ସରକାରଙ୍କୁ ଘେରିଛନ୍ତି। ଇଡି, ସିବିଆଇ, ଏବଂ ଆୟକର ବିଭାଗକୁ ଟଙ୍କା ଆଦାୟ ପାଇଁ ବ୍ୟବହାର କରାଯାଉଛି ବୋଲି କହିଛନ୍ତି। ବିଜେପିକୁ ଦେଇଥିବା ବେଆଇନ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡ ହିଁ 'ଇଜ୍ ଅଫ ଡୁଇଂ ବିଜନେସ' ବୋଲି କହିଛନ୍ତି। ସେହିପରି ଚାନ୍ଦା ଆଦାୟ ପ୍ରସଙ୍ଗକୁ ନେଇ କଂଗ୍ରେସ ଅର୍ଥମନ୍ତ୍ରୀଙ୍କୁ ପ୍ରଶ୍ନବାଣ ମାରିଛି। ଅର୍ଥମନ୍ତ୍ରୀ ଏହା ଉପରେ ଶ୍ୱେତପତ୍ର ଆଣିବେ କି? ଚାନ୍ଦାର ଉତ୍ସ ସହିତ ଏହା ଦେବା ପାଇଁ କର୍ପୋରେଟ କମ୍ପାନୀଙ୍କୁ କେମିତି ବାଧ୍ୟ କରାଗଲା କହିବେ କି? କେଉଁ ସମୟରେ, କେଉଁ କାରଣରୁ ବିଜେପିକୁ ପାଣ୍ଠି ଆସିଲା ତାହା ଦର୍ଶାଇବେ କି ବୋଲି ପଚାରିଛନ୍ତି।



୩୦ କମ୍ପାନୀଠୁ ମିଳିଛି ୩୩୫ କୋଟି ଚାନ୍ଦା

ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ତଦନ୍ତ ଦାବି

# ସଂପାଦକୀୟ



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ; ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

ସକାଳ
THE SAKALA

## ଆମ ବରିଷ୍ଠ ନାଗରିକ ଓ ରୌପ୍ୟ ଅର୍ଥନୀତି

'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ, ନିକଟରେ ତାହାର ଏକ ରିପୋର୍ଟ (ଭାରତରେ ବରିଷ୍ଠ ନାଗରିକଙ୍କ ଯତ୍ନରେ ସଂସ୍କାର ଓ ପୁନଃପରିକଳ୍ପନା) ପ୍ରସ୍ତୁତ କରାଯାଇ ଏହା ଉପରେ ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଛି। ରିପୋର୍ଟଟି ଏଥିପାଇଁ ଗୁରୁତ୍ୱ ବହନ କରେ ଯେ ବିଶ୍ୱର ସବୁଠୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢୁଛି ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ; କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳେ ନାହିଁ। କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ। ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ। ଆଉ ସେତିକି ଲୋକ ଇପିଏଫ୍ ପେନ୍‌ସନ୍ ଭୋଗୀ, ଯେଉଁମାନଙ୍କର ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ। ଏହାବାଦ୍ ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ତଥା ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି। ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ। ଏଭଳି ସ୍ଥିତିରେ ନିତି ଆୟୋଗର ଏହି ରିପୋର୍ଟ ଓ ସ୍ଥିତିପତ୍ର ପ୍ରଶାସନିକ ନୀତିର ପ୍ରକ୍ଷେପଣ ପାଇଁ ବିଶାଳ କ୍ଷେତ୍ରକୁ ସୂଚିତ କରେ। ସୁତରାଂ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ନିଶ୍ଚିତ ଏକ ଉତ୍ତମ ବିଚାରଯୋଗ୍ୟ ପ୍ରସ୍ତାବ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାମ କରିବା ବୟସର ଲୋକଙ୍କ ସଂଖ୍ୟା (ବିଶେଷ କରି ଯୁବବର୍ଗ) ବଢୁଛି। ଦ୍ୱିତୀୟରେ ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଭିନ୍ନ ଭିନ୍ନ। ତୃତୀୟଟି ହେଲା ବୟସ୍କ (ବରିଷ୍ଠ) ନାଗରିକଙ୍କ ସଂଖ୍ୟା ବୃଦ୍ଧି। ନିତି ଆୟୋଗର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ୬୦ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ। ଏହା ବଢ଼ି ବଢ଼ି ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ। ଏହା ନିତି ଆୟୋଗର ରିପୋର୍ଟ ହୋଇଥିବାରୁ ଏହାକୁ ସରକାରୀ ବୋଲି ଧରାଯିବ। ବାସ୍ତବରେ ୨୦୧୧ ଜନଗଣନା ତଥ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଓ ତାହାର ଆନୁପାତିକ ବୃଦ୍ଧିକୁ ନେଇ ଏହା ମୋଟ୍ ଜନସଂଖ୍ୟାର ପ୍ରାୟ ୨୧ ଭାଗ ବୋଲି ବେସରକାରୀ ଭାବେ କୁହାଯାଉଛି। ପରବର୍ତ୍ତୀ ସମୟରେ ଆନୁପାତିକ ବୃଦ୍ଧିକୁ ହିସାବକୁ ନେଲେ ସମ୍ପ୍ରତି ଆମ ଦେଶରେ ବରିଷ୍ଠଙ୍କ ସଂଖ୍ୟା ପ୍ରାୟ ଦେଢ଼ଗୁଣ ବଢ଼ିସାରିଥିବ। ସେ ଯାହା ହେଉ ସର୍ବଶେଷ ଜନଗଣନା ନ ହେବା ଯାଏଁ ଏହି ପରିସଂଖ୍ୟାନ କେବଳ ଅନୁମାନଭିତ୍ତିକ। ତଥାପି ନିତି ଆୟୋଗର ତଥ୍ୟକୁ ଯଦି ବିଚାରକୁ ନିଆଯାଏ, ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଏବେ ଭାରତରେ କମ୍ ନୁହେଁ। ସରକାରୀ ଓ ବେସରକାରୀ ହିସାବକୁ ତୁଳନା କଲେ ପ୍ରାୟ ୧୫ କୋଟି ପାର୍ଥକ୍ୟ ଆସୁଛି। କୁହାଯାଏ ଜନସଂଖ୍ୟା ପରିସଂଖ୍ୟାନ ଅନୁମାନ ଅତିବେଶିରେ 'ଅର୍ଦ୍ଧସତ୍ୟ'! ତେବେ ଏହି ସମସ୍ୟା ଉପରେ ଗମ୍ଭୀର ଆଲୋଚନା ଆବଶ୍ୟକ। ଏଠି ସଂଖ୍ୟା ନୁହେଁ, ବୁଢ଼ା ମଣିଷଙ୍କ କଲ୍ୟାଣ, ଯତ୍ନ ଓ ସଶକ୍ତୀକରଣ କଥା ପଡ଼ିଛି ଏବଂ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ବ୍ୟବହୃତ ହୋଇପାରିବ ତଥା ସୁରକ୍ଷିତ ରଖାଯାଇପାରିବ, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଆମ ଦେଶରେ 'ରୌପ୍ୟ ଅର୍ଥନୀତି' ବା 'ସିଲଭର ଇକୋନମି'ର ପରିକଳ୍ପନା ଏକ ବାସ୍ତବ ପରିଦୃଶ୍ୟ। ଏଥିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ, ଉତ୍ପାଦ ଓ ନକ୍ସା (ଡିଜାଇନ୍) ରହିଛି। ଏଥିରେ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ। ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତିକୁ ଅଣଦେଖା କରାଯାଇପାରିବ ନାହିଁ। ଆବଶ୍ୟକସ୍ଥଳେ ସରକାର ଏଥିରେ ହସ୍ତକ୍ଷେପ କରି ସହାୟତା ଯୋଗାଇଥା'ନ୍ତି। ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତିକୁ ମଧ୍ୟ ଲାଭ ମିଳିବ। ତେଣୁ ନିତି ଆୟୋଗ ଏ ନେଇ ଯେଉଁ ସଂକଳ୍ପନା ନକ୍ସା ପ୍ରସ୍ତୁତ କରିଛି, ତାହା ମନ୍ଦ ନୁହେଁ। ଏ କ୍ଷେତ୍ରରେ ସଂସ୍କାର ଆଣି ଏକ ସୁଦୃଢ଼ ଯୋଜନା ମାଧ୍ୟମରେ ଆୟୋଗ ଏହି ବରିଷ୍ଠ ନାଗରିକମାନଙ୍କ ଉତ୍ପାଦନକ୍ଷମ ଓ ସଫଳ ଜୀବନଯାପନକୁ ସୁନିଶ୍ଚିତ କରିପାରିବ। ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶବିଶେଷ କରିବା ଉଦ୍ୟମ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତଥ୍ୟ କହୁଛି, ଆମ ଦେଶର ବୁଢ଼ାବୁଢ଼ୀଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପରେ ରହୁଛନ୍ତି। ଏହାଛଡ଼ା ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ। ଅତଏବ ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ।

ଏସବୁ କଥା ତ ଆପଣାଛାଏଁ ହେବ ନାହିଁ। ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଯୋଗାଣ, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ତିଆରି କରିବାକୁ ପଡ଼ିବ। ସାମାଜିକ ନିରାପତ୍ତାର ପ୍ରଥମ ଆବଶ୍ୟକତା ହେଲା ଅର୍ଥ। ଏହା ଭତ୍ତା ହେଉ କିମ୍ବା ପେନ୍‌ସନ୍ ବା ଅନ୍ୟ ଯେକୌଣସି ପ୍ରକାର ନିଶ୍ଚିତ ମାସିକ ଆୟ। ଦ୍ୱିତୀୟ କଥା ହେଲା ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ପ୍ରତିଶ୍ରୁତିବଦ୍ଧ ନିରାପତ୍ତା। ଆଜିକାଲି ପରିବାରର ସଦସ୍ୟମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି। ତେଣୁ ଅନେକ ବୁଢ଼ାବୁଢ଼ୀ ନିଜ ପିଲାଙ୍କ ପାଇଁ ଏକ ପ୍ରକାର ବୋଝ ଭାବେ ବିବେଚିତ ହୋଇ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସୁତରାଂ ପରିବାରର ବୋଝକୁ ହାଲକା କରିବାକୁ ବୟସ୍କ ନାଗରିକଙ୍କ ପାଇଁ ସରକାର ଓ ଦେଶର ମଧ୍ୟ କିଛି କରିବାର ଅଛି। ସେ ବିଷୟରେ ଚିନ୍ତା କରିବାର ସମୟ ଏବେ ଆସିଛି। ସେମାନଙ୍କ ପାଇଁ ବାଧ୍ୟତାମୂଳକ ବୀମା ବ୍ୟବସ୍ଥା, ଟିକସ ରିହାତି, ସରକାରୀ ଭତ୍ତା ଯୋଗାଣ, ବୟସ୍କଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀର ମୂଲ୍ୟ ହ୍ରାସ, ବାଧ୍ୟତାମୂଳକ ସ୍ୱାସ୍ଥ୍ୟସେବା ଓ ଯତ୍ନ ତଥା ଆଶ୍ରୟ ବ୍ୟବସ୍ଥା କରାଯିବା ଉଚିତ।

ଭାରତର ସଞ୍ଚୟ ସଂସ୍କୃତି କ୍ରମଶଃ ବ୍ୟାପକ ହେଉଛି। ବୁଢ଼ାବୁଢ଼ୀମାନେ ଏବେ ମଧ୍ୟ ଏକ ଶକ୍ତିଶାଳୀ ଖାଉଟି ଓ ବିଶାଳ ସଞ୍ଚୟକାରୀ ବର୍ଗ। ଭାରତର ଏହି 'ରୌପ୍ୟ ଅର୍ଥନୀତି'ର ଆକାର ପ୍ରାୟ ୭ ବିଲିୟନ ଡଲାର ବୋଲି ଆକଳନ କରାଯାଇଛି। ତେଣୁ ଏହି ବରିଷ୍ଠ ନାଗରିକ ବର୍ଗଙ୍କ ଆର୍ଥିକ ଓ ସାମାଜିକ ନିରାପତ୍ତାକୁ ସୁଦୃଢ଼ କଲେ ଆମ ଅର୍ଥନୈତିକ ଅଭିବୃଦ୍ଧି ବଢ଼ିବ। ନିତି ଆୟୋଗର ଏଭଳି ପ୍ରସ୍ତାବ ଉପରେ ବ୍ୟାପକ ବିଚାରବିମର୍ଶ ହୋଇ ଏହା କାର୍ଯ୍ୟକାରୀ ହେବା ଉଚିତ।

## ବନ୍ଧୁତ୍ୱର ମହତ୍ତ୍ୱ



ଡ. କଳ୍ପନା ସାହୁ
ଭୁବନେଶ୍ୱର, ମୋ: ୮୨୪୯୮୯୬୧୪୮

ଭଗବାନଙ୍କ ସୃଷ୍ଟିରେ ଅନେକ ସମ୍ପର୍କ ଗଢ଼ି ଉଠିଛି। ମାତ୍ର ସବୁଠାରୁ ଉତ୍ତମ ସମ୍ପର୍କ ହେଉଛି ବନ୍ଧୁତା। ଆଜିର ବ୍ୟସ୍ତବହୁଳ ଜୀବନରେ ମନୁଷ୍ୟ ନିଜକୁ ବିଭିନ୍ନ କାର୍ଯ୍ୟରେ ହଜାଇଦିଏ। ଟିକେ ସମୟ ପାଇଲେ ନିଜକୁ ବନ୍ଧୁମାନଙ୍କ ସହ ଯୋଡ଼ିବାକୁ ଚେଷ୍ଟାକରେ। ନିଜ ଭାବ ଓ ଆବେଗକୁ ବ୍ୟକ୍ତ କରିବା ପାଇଁ ଏକ ବନ୍ଧୁର ମାଧ୍ୟମ ଅତ୍ୟନ୍ତ ଜରୁରୀ। କାରଣ ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ସ୍ୱାର୍ଥ ଓ ସର୍ତ୍ତ ନଥାଏ। ଯେଉଁଠି ପାରସ୍ପରିକ ଭାବର ଆଦାନପ୍ରଦାନ ପାଇଁ କୌଣସି ସର୍ତ୍ତ ବା ନିୟମ ନ ଥାଏ। ବନ୍ଧୁତାରେ କୌଣସି ବାଛବିଚାରର ସ୍ଥାନ ନାହିଁ। ଏହା ଧନୀଗରିବ, ଶିକ୍ଷିତଅଶିକ୍ଷିତ ଓ ଉଚ୍ଚନୀଚର ଭେଦଭାବ ଦେଖେ ନାହିଁ। ଏହାର ପ୍ରକୃଷ୍ଟ ଉଦାହରଣ ନିଜେ ଭଗବାନ ସ୍ୱୟଂ ବିଷ୍ଣୁ ଦର୍ଶାଇଛନ୍ତି। କୃଷ୍ଣ ଓ ସୁଦାମାର ବନ୍ଧୁତ୍ୱର କାହାଣୀ ଯୁଗେ ଯୁଗେ ପ୍ରଚଳିତ। ଭଗବାନ ନିଜେ ନିଜ ପ୍ରିୟ ମିତ୍ରର ପାଦ ଧୋଇଥିଲେ। ସେ ସମାଜରେ ଥିବା ଏହି ଭେଦଭାବକୁ ବନ୍ଧୁତ୍ୱ ମାଧ୍ୟମରେ ନିଜର ଉଦାହରଣରେ ଦର୍ଶାଇଛନ୍ତି।

ବନ୍ଧୁତ୍ୱର ପରିଭାଷା ବ୍ୟାପକ। ଜଣେ ବନ୍ଧୁ ହିଁ ଅନ୍ୟ ବନ୍ଧୁର ଅତୀତ ଓ ବର୍ତ୍ତମାନକୁ ଭଲ ରୂପେ ବୁଝିପାରେ। ଯେଉଁ ଲୁହ, ମଣିଷ ପରିବାରର କାହା ସଂଗେ ବାଣ୍ଟିପାରେ ନାହିଁ, ସେ କେବଳ ଜଣେ ପ୍ରିୟ ବନ୍ଧୁ ସଂଗେ ବାଣ୍ଟିପାରେ। ତେଣୁ ଅସଲ ବନ୍ଧୁ ଆଉ ଜଣେ ବନ୍ଧୁର ହସପଛରେ ଥିବା ଲୁହକୁ ହୃଦୟଙ୍ଗମ କରେ। ତେଣୁ ସଂସ୍କୃତରେ କୁହାଯାଇଛି-

*'ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷ ରାଷ୍ଟ୍ରବିପ୍ଳବେ*
*ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ'*

ବନ୍ଧୁତ୍ୱରେ ମୂଲ୍ୟାୟନ ବିଚାର କରାଯାଏ ନାହିଁ। ଗ୍ରହଣଶୀଳତା ଓ ଧୈର୍ଯ୍ୟଶୀଳତା ବନ୍ଧୁତ୍ୱର ଚାବିକାଠି। ବନ୍ଧୁତାର ପରିଭାଷା ପ୍ରତିମଣିଷ ପାଇଁ ପୃଥକ୍ ପୃଥକ୍ ଥାଏ। କିନ୍ତୁ ଏହାର ଏକ ମୌଳିକ ତତ୍ତ୍ୱ ହେଉଛି ଏହା ଶାଶ୍ୱତ, ଚିରନ୍ତନ ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଯେଉଁଠି ପରସ୍ପରଠାରୁ ଆଶା ଓ ପାଇବାର ଆକାଂକ୍ଷା କମ୍, କିନ୍ତୁ ସାହାଯ୍ୟର ପ୍ରବୃତ୍ତି ଅଧିକ। ଏହା କେବଳ ସଚ୍ଚୋଟତା ଓ ଭଲପାଇବା ଆଶା କରେ। ଆମର ଜୀବନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରେ। ପ୍ରତି ପର୍ଯ୍ୟାୟରେ ପାରିବାରିକ, ସାମାଜିକ ସମ୍ପର୍କର ସଂଜ୍ଞା ବଦଳିଯାଏ। ଜୀବନ ସହିତ ସମୟ ବଦଳିଯାଏ, ସମୟ ସହିତ ଜୀବନ ବଦଳିଯାଏ। କିନ୍ତୁ ସାଙ୍ଗମାନଙ୍କ ସହିତ ସମୟ ବଦଳେନାହିଁ। ବୟସର ଛାପ ଓ ସମୟର ଛାଇରୁ ଏହା ଉର୍ଦ୍ଧ୍ୱରେ। ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ଝଗଡ଼ା, ଦୋଷଦେବା, ଶବ୍ଦ ଓ ନକାରାତ୍ମକ ଆବେଗ କମ୍ ଥାଏ। ବରଂ ଅଧିକ ବାର୍ତ୍ତାଳାପ, ଆନନ୍ଦ, ସ୍ମୃତି ସାଉଁଟିବାର ଭାବନା ଓ ସମ୍ଭାବନା ଅଧିକ ଥାଏ। ସେଥିପାଇଁ କୁହାଯାଇଛି



ଯେ 'ଫ୍ରେଣ୍ଡସିପ୍ ଇଜ୍ ଦି ବେଷ୍ଟ ଷ୍ଟ୍ରେସ୍ ବୁଷ୍ଟର'। ମଣିଷ ଯେତେବେଳେ ସାଙ୍ଗମାନଙ୍କ ଗହଣରେ ସମୟକାଟେ, ଜୀବନର ସମସ୍ତ ମାନସିକ ଚାପ ଭୁଲିଯାଏ। କିଛି ମୁହୂର୍ତ୍ତ ପାଇଁ ଭୁଲିଯାଏ ଯେ ସେ ଏକ ସାଂସାରିକ ପ୍ରାଣୀ, ଯେଉଁଠି ତା'ର ବିଭିନ୍ନ ଭୂମିକା ଓ ଦାୟିତ୍ୱ ରହିଛି।

ଆଜିର ଆଧୁନିକ ବ୍ୟସ୍ତବହୁଳ ଜୀବନରେ ଆମମାନଙ୍କର ଅନେକ ମୋବାଇଲ୍‌ରେ ବନ୍ଧୁ ଅଛନ୍ତି। ଆମର ହ୍ୱାଟ୍ସଆପ୍-ବନ୍ଧୁ, ଫେସ୍‌ବୁକ୍-ବନ୍ଧୁ, ଇନ୍‌ଷ୍ଟାଗ୍ରାମ-ବନ୍ଧୁ ଆହୁରି ଅନେକ ପ୍ରକାରର ବନ୍ଧୁ। ଏହାକୁ ଆମେ 'ଡିଜିଟାଲ୍-ବନ୍ଧୁ' କହୁ। ଅନେକ ବନ୍ଧୁ ଥାଇ ମଧ୍ୟ ମଣିଷ ନିଜକୁ ଏକାମନେ କରେ। ବାସ୍ତବ ଜୀବନରେ କେବେ କେବେ ନିଃସଙ୍ଗ ମନେ ହୁଏ। ବିପଦ ସମୟରେ ନିଜକୁ ଅସହାୟବୋଧ କରେ। ତେଣୁ ମନକୁ ବୁଝିପାରୁଥିବା ଓ ବିପଦରେ ଛିଡ଼ା ହୋଇ ସାହସ ଦେବା ପାଇଁ ଏକ ବନ୍ଧୁର ଉପସ୍ଥିତି ନିହାତି ଜରୁରୀ। କେବଳ ଜଣେ ବନ୍ଧୁ ହିଁ ନିଜଠାରୁ ନିଜ ବନ୍ଧୁକୁ ଅଧିକ ବୁଝେ ଓ ଅଧିକ ବିଶ୍ୱାସ କରେ। ଦୈନନ୍ଦିନ ଜୀବନ ତଥା ସାମଗ୍ରିକ ଜୀବନରେ ମାନସିକ ଚାପର ନିୟନ୍ତ୍ରଣ ପାଇଁ ଏହା ଏକ ବିଶେଷ ମାଧ୍ୟମ।

ଆମେରିକାନ୍ ସାଇକୋଲୋଜିକାଲ୍ ଆସୋସିଏସନ୍ ଗବେଷଣାରୁ ଦେଖାଯାଇଛି ଯେ ବନ୍ଧୁତ୍ୱ ମନୁଷ୍ୟର ଏକ ସାମାଜିକ ଚାହିଦା ନୁହେଁ, ବରଂ ଏକ ମୌଳିକ ଚାହିଦା। ଯେପରି ଆମେ ଖାଦ୍ୟ, ଜଳ ବିନା ବଞ୍ଚିପାରିବୁ ନାହିଁ, ସେହିପରି ଆମେ ବନ୍ଧୁ / ମିତ୍ର ବିନା ବଞ୍ଚିପାରିବୁ ନାହିଁ। ଯେଉଁ ଲୋକର ବନ୍ଧୁତ୍ୱ ସ୍ଥାୟୀ, ସୁସ୍ଥ ଓ ବିଶ୍ୱାସ ଉପରେ ଆଧାରିତ, ସେହି ଲୋକମାନେ ଦୀର୍ଘଜୀବୀ। ସେହି ଲୋକମାନଙ୍କର ଶାରୀରିକ, ମାନସିକ ସୁସ୍ଥତା ଦୀର୍ଘସ୍ଥାୟୀ। ନିଜ ଭିତରରେ ଆତ୍ମସନ୍ତୋଷ, ଆତ୍ମତୃପ୍ତି ଓ ବାହାର ଦୁନିଆରେ ବନ୍ଧୁମାନଙ୍କ ସହିତ ନିବିଡ଼ତା ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଅନେକ ପ୍ରଭାବ ପକାଏ। ସାଧାରଣତଃ ଆଜି ପ୍ରତ୍ୟେକ ଲୋକ କିଛି ନା କିଛି ରୋଗରେ ପୀଡ଼ିତ। ହୃଦ୍‌ରୋଗ, ଉଚ୍ଚରକ୍ତଚାପ, କର୍କଟରୋଗ, ଚର୍ମରୋଗ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଆଜି ଘରେ ଘରେ ଦେଖାଯାଉଛି। ମନସ୍ତତ୍ତ୍ୱବିତ୍‌ମାନେ ପରୀକ୍ଷା କରି ଦେଖିଛନ୍ତି ଯେ ଏହିସବୁ ରୋଗ ଆମର ମାନସିକ ସମସ୍ୟା ସହ ଜଡ଼ିତ। ଅନ୍ୟ ଏକ ସର୍ବେକ୍ଷଣରୁ ଦେଖାଯାଇଛି ଯେ ଯେଉଁ ଲୋକମାନଙ୍କର ସାମାଜିକ ସମ୍ପର୍କ କ୍ଷୀଣ ଓ ସେମାନେ ସର୍ବଦା ଏକାକୀ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କର ମୃତ୍ୟୁହାର ଅଧିକ। ଜୁଲାନେ ହଲ୍ଟ ଲନ୍‌ଷ୍ଟାଣ୍ଡ, ବ୍ରିଂହାମ ବିଶ୍ୱବିଦ୍ୟାଳୟର ପ୍ରଫେସର। ସେ ମନସ୍ତାତ୍ତ୍ୱିକ ଦିଗ ଓ ସ୍ନାୟୁଜନିତ ପ୍ରକ୍ରିୟା ଉପରେ ଗବେଷଣା କରି ଦେଖାଇଛନ୍ତି ଯେ ଆମର ସମ୍ପର୍କ ଓ ସମ୍ବନ୍ଧର ପ୍ରଭାବ ଆମର ମସ୍ତିଷ୍କ ଓ ଶରୀର ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ତେଣୁ ଭଲ ସମ୍ପର୍କ ଆମର ଅନ୍ତ ଓ ବାହ୍ୟ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରେ। ଏହି ସମ୍ପର୍କର ସେତୁ ବନ୍ଧୁତ୍ୱରୁ ଆରମ୍ଭ ହୁଏ। ଏହା ଯେକୌଣସି ବୟସରୁ ଓ ଯେକୌଣସି ସମୟରେ କରିହେବ, କିନ୍ତୁ ଏହାକୁ ସବୁଦିନ ପାଇଁ ଜୀବିତ ରଖିବା ଆମ୍ଭମାନଙ୍କ ପାଇଁ ଏକ ଆହ୍ୱାନ। ତେଣୁ ବନ୍ଧୁତ୍ୱର ସଂଜ୍ଞାକୁ ଆମେ ଗଭୀରଭାବେ ବୁଝିବାକୁ ହେବ। ଏହା କେବଳ ରୋମାଣ୍ଟିକ୍ ସମ୍ବନ୍ଧ ନୁହେଁ- ଏହା ଏକ ଗଭୀର ଚିରନ୍ତନ ଓ ଶାଶ୍ୱତ ଭାବନା। ଏହା ଆମର ବିଷାଦ ଓ ନିଃସଙ୍ଗତାକୁ ଦୂର କରେ। ଏହା ଏକ ଶକ୍ତିବର୍ଦ୍ଧକ ଔଷଧ ପରି କାର୍ଯ୍ୟ କରେ। ତେଣୁ ପ୍ରତ୍ୟେକ ବର୍ଗର ଲୋକମାନେ ନିଜ ପାଇଁ ସମୟ ବାହାର କରି ବନ୍ଧୁ ମିଳନର ଉତ୍ସବକୁ ଉତ୍ସାହିତ କରିବା ଉଚିତ। ଏହି ବନ୍ଧୁମିଳନ ଅତୀତ ବନ୍ଧୁକୁ ଦେଖିବା ପାଇଁ ନୁହେଁ, ବରଂ ଆମ ଭିତରେ ଥିବା ସ୍ନେହ, ଶ୍ରଦ୍ଧା ଓ ଭାବନାକୁ ଦୁଇଗୁଣିତ କରେ। ଏହା ଜୀବନକୁ ଆହୁରି ରସମୟ, ଛନ୍ଦମୟ ଓ ଅର୍ଥପୂର୍ଣ୍ଣ କରିଦିଏ। ଗୋଟିଏ ଭଲ ବନ୍ଧୁ ଜୀବନର କର୍ତ୍ତବ୍ୟ ପଥରେ ଉଚିତ ମାର୍ଗ ଦେଖାଏ। ବନ୍ଧୁତ୍ୱ ମଣିଷକୁ ସହାନୁଭୂତି, ଦୟା, କ୍ଷମା କରିବା ଶିଖାଏ। ଜୀବନ ସଂଘର୍ଷରେ ହରିଗଲେ ବଞ୍ଚିବାର ନୂଆ ରାହା ଦେଖାଏ।

ଗୋଟିଏ ଭଲ ବନ୍ଧୁ ବିପଦ ସମୟରେ ମନରେ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଆଣିବାରେ ସାହାଯ୍ୟ କରେ। ପ୍ରତି ମାର୍ଗରେ ସଚ୍ଚୋଟ ସାଥୀ ଭଳି ପାହାଡ଼ ପରି ଠିଆ ହୁଏ। ବନ୍ଧୁର ଉପସ୍ଥିତି ମନରେ ଉତ୍ସାହ, ଆନନ୍ଦ ଭରିଦିଏ। ତେଣୁ ବନ୍ଧୁଙ୍କ ଉପସ୍ଥିତି ଆମର ସମସ୍ତ ସକାରାତ୍ମକ ହରମୋନ୍ ଯଥା ଡୋପାମାଇନ୍ ଓ ଅକ୍ସିଟୋସିନ୍‌କୁ ବୃଦ୍ଧି କରେ। ଯାହାଫଳରେ ଆମର ମିଜାସ ଖୁସି ରହେ। ବାସ୍ତବ କର୍ମମୟ ଜଞ୍ଜାଳରୁ ସମୟ କାଢ଼ି ବନ୍ଧୁମିଳନ ଉପରେ ଟିକେ ସମୟ ଦେଲେ ଜୀବନଟା ସୁଖମୟ ରହିବ। ଏହି ବନ୍ଧୁମିଳନ ସୁସ୍ଥ ଓ ସୁଖୀ ଜୀବନ ପାଇଁ ପ୍ରେରଣା ଦିଏ। ବିଶ୍ୱାସର ବନ୍ଧନକୁ ଆହୁରି ମଜବୁତ କରେ ଏବଂ ମନ ମଧ୍ୟରେ ଆତ୍ମା, ପ୍ରେରଣା ଓ ନୂଆ ଅଭିଜ୍ଞତା ଭରିଦିଏ।

## ରଙ୍ଗ ପାଇଁ କଥା ପଦେ

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

କଳା ରଙ୍ଗକୁ ନେଇ କିଛି ଲୋକଙ୍କର ଏକ ନକାରାତ୍ମକ ମନୋଭାବ ରହିଛି। କେତେକ ବିକୃତ ମାନସିକତାର ଲୋକ କେବଳ ଦେହର ରଙ୍ଗକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ଦାମ୍ପତ୍ୟ ଜୀବନକୁ ନଷ୍ଟ କରି ଦେଉଥିବାର ଦୃଷ୍ଟାନ୍ତ ବି ରହିଛି। ସେମାନେ ଜାଣି ପାରନ୍ତି ନାହିଁ ଯେ ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ତା'ର ଦେହରେ ନୁହେଁ ତା'ର ଗୁଣ, ସ୍ୱଭାବ, ଚରିତ୍ର, ବ୍ୟବହାର ଓ ଚାଲିଚଳଣିରେ ଥାଏ। ସେଥିପାଇଁ ତ ଗୋ, କନ୍ୟା, ଭୂମି ଭାଗ୍ୟରେ ଥିଲେ ମିଳେ ବୋଲି ବିଶ୍ୱାସ ରହିଛି। ଅଥଚ ଝିଅଟିଏ ଜନ୍ମ ହେଲାବେଳେ ତା'ର ଗୋରା ରଙ୍ଗକୁ ଦେଖି ପିତାମାତା ଯେତିକି ଖୁସି ହୁଅନ୍ତି, କଳା ରଙ୍ଗ ଦେଖିଲେ ତା'ଠାରୁ କମ୍ ଖୁସି ହୁଅନ୍ତି। ଏପରିକି କାଳୀ ଝିଅଟିର ଶ୍ରଦ୍ଧା ନାମ, ଡାକ ନାମ ଓ ଭଲ ନାମ ସ୍ଥଳବିଶେଷରେ ରଙ୍ଗ ଅନୁସାରେ ହୋଇଥାଏ। ଯଥା - କାଳୀ, କୃଷ୍ଣା, ଶ୍ୟାମା, ଶ୍ୟାମଳୀ, କୋଇଲି, କାଜଲ, କାଇଁଚ ଇତ୍ୟାଦି। ପରିବାର, ପରିଜନ, ସାଇପଡ଼ିଶା, ବନ୍ଧୁବାନ୍ଧବ ଏ ସମସ୍ତଙ୍କର ସେହି ନାମ ଧରି ଡାକିବା ଦେହସୁହା ହୋଇଯାଏ। ବିବାହ ପାଇଁ କନ୍ୟା ଚୟନ କଲାବେଳେ ଝିଅଟି କଳା ରଙ୍ଗର ବୋଲି ଜାଣିଲେ କିମ୍ବା ଶୁଣିଲେ କିମ୍ବା ଦେଖିଲେ କିଛି ବର ଘରବାଲାଙ୍କର ମନ ଟିକେ ଊଣା ହୋଇଯାଏ। ବିବାହ ପରେ ବି କାଳୀ ରମଣୀଟିଏ ତା'ର ରଙ୍ଗ ପାଇଁ ଥଟ୍ଟା ମଜାରେ ମଝିରେ ମଝିରେ ହାଲୁକା ଟିପ୍ପଣୀ ଶୁଣିବାର ନଜିର ରହିଛି। ସଂକ୍ଷେପରେ କହିବାକୁ ଗଲେ ଅନେକ ଲୋକଙ୍କର ମନସ୍ତତ୍ତ୍ୱ ଏମିତି ଯେ କଳା ଓ ଗୋରା ମଧ୍ୟରେ ପସନ୍ଦ କରିବାକୁ ପଡ଼ିଲେ ସେମାନେ ବିନା ବିଚାରରେ ଗୋରା ଆଡ଼କୁ ହିଁ ଢଳନ୍ତି।

କଳା ରଙ୍ଗ ପ୍ରତି ଏଭଳି ଅପ୍ରିୟ ମନୋଭାବକୁ ଏକ ଦୁର୍ବଳତା ବୋଲି କୁହାଯାଇପାରେ। ଯଦି ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ସର୍ବାଙ୍ଗ କେବଳ ଧଳା ରଙ୍ଗର ହୁଏ ତେବେ ସମୁଦାୟ ରୂପ କେମିତି କଦର୍ଯ୍ୟ ହେବ ଚିନ୍ତା କରନ୍ତୁ ତ। ଦେହର ଚର୍ମ ଯେତେ ଧଳା ହେଲେ ବି ମୁଣ୍ଡର କେଶ, ଦେହର ଲୋମ, ଭ୍ରୂଲତା, ଆଖିପତାର ଲୋମ, ଡୋଳା, ଏ ସବୁର କଳା ରଙ୍ଗ ହିଁ ସୌନ୍ଦର୍ଯ୍ୟର ପ୍ରତୀକ। ସେହିପରି କାଳିଜାଇଟିଏ ଥିଲେ ମୁଖ ଅଧିକ ଆକର୍ଷଣୀୟ ହୁଏ। ସେଥିପାଇଁ ତ କେତେକ ମୁହଁରେ କୃତ୍ରିମ ପଦାର୍ଥ ଦ୍ୱାରା କାଳିଜାଇ ଆଙ୍କନ୍ତି। ପ୍ରସାଧନ ମାଧ୍ୟମରେ ଆଖିରେ କଜ୍ୱଳ ଧାର ଓ କପାଳରେ କଜ୍ୱଳର ବିନ୍ଦୁଟିଏ ଟାଣନ୍ତି। ଛୋଟ ପିଲାଙ୍କୁ ଖରାପ ନଜରରୁ ରକ୍ଷା କରିବା ପାଇଁ ମଥାରେ କଜ୍ୱଳର ଟିପାଟିଏ ଲଗେଇ ଦିଆଯାଏ। ତା' ଛଡ଼ା ଗୋରା ଦେହକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଳା ରଙ୍ଗର ପରିଚ୍ଛଦ, କଳା ଚଷମା, କଳା ଚୁଡ଼ି ଅଧିକ ପସନ୍ଦଯୋଗ୍ୟ ହୋଇଥାଏ।

ଏହା ଏକ ସାଧାରଣ କଥା ଯେ ରଙ୍ଗ ସହିତ ସୌନ୍ଦର୍ଯ୍ୟର ସମ୍ପର୍କ ନାହିଁ। ଅନୁପମ ସୌନ୍ଦର୍ଯ୍ୟର ଅଧିକାରିଣୀ ଦ୍ରୌପଦୀ ଈଷତ୍ ଶ୍ୟାମାଙ୍ଗୀ ଥିଲେ ବି ତାଙ୍କର ରୂପକୁ ଦେଖି ସ୍ୱୟମ୍ବରରେ ଉପସ୍ଥିତ ରାଜାମାନଙ୍କର ଚକ୍ଷୁ ନିଷ୍ପଲକ ହୋଇ ରହି ଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ସହସ୍ରଚକ୍ଷୁରେ ଦ୍ରୌପଦୀଙ୍କୁ ଦେଖିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ତାଙ୍କ ଦେହରେ ଥିବା ସହସ୍ର ଆଖିକୁ ଉଧାର ଦେବା ପାଇଁ ପ୍ରାର୍ଥନା କରିଥିଲେ। କାରଣ ସେଭଳି ଶୋଭାକୁ ଦର୍ଶନ କରିବା ପାଇଁ ମାତ୍ର ଦୁଇଟି ଆଖି ସମର୍ଥ ନଥିଲା। ସେହିପରି ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଶକ୍ତିସ୍ୱରୂପିଣୀ ମାଆ ଯେଉଁ ରୂପ ଧାରଣ କରିଥିଲେ ତାହା କଳା ରଙ୍ଗର ଥିଲା(ମହାକାଳୀ)। ଆମ ଜଗନ୍ନାଥ ବି ତ କଳା। ଏହାଛଡ଼ା ରୌଦ୍ର ତାପରେ ଶ୍ୱେତଚର୍ମରେ ଜ୍ୱଳନ ଅନୁଭୂତ ହେଉଥିବା ବେଳେ କୃଷ୍ଣଚର୍ମ ଉପରେ କିଛି ପ୍ରଭାବ ପଡ଼େନା। ତେଣୁ ହୁଏତ କୁହା ଯାଇଅଛି - କୂପୋଦକ ବଟଚ୍ଛାୟା ଶ୍ୟାମା ସ୍ତ୍ରୀ ଇଷ୍ଟକାଳୟଂ ଶୀତକାଳେ ଭବେଦୁଷ୍ଣ ଗ୍ରୀଷ୍ମେ ଚ ଶୀତଳମ୍ ଭବେତ୍।'

ଅତଏବ କଳା ରଙ୍ଗର ଆବଶ୍ୟକତା ଅଛି ଓ ଆଦର ରହିଛି; କାରଣ ତା' ବିନା ସୌନ୍ଦର୍ଯ୍ୟ ଅସମ୍ପୂର୍ଣ୍ଣ। ସମୟଚକ୍ରରେ ଯୌବନ ଚାଲିଯାଏ। ରୂପମଳିନ ହୋଇଯାଏ। ରଙ୍ଗ ଫିକା ପଡ଼ିଯାଏ। ମାତ୍ର ଅନ୍ତର ଭିତରେ ଥିବା ସଦଗୁଣ ବଞ୍ଚିଥିବା ଯାଏଁ ରହିଥାଏ। ଅତଏବ ନାରୀର ବାସ୍ତବ ସୌନ୍ଦର୍ଯ୍ୟ ତା'ର ରୂପ, ରଙ୍ଗ କିମ୍ବା ଦେହରେ ନୁହେଁ, ଅନ୍ତରରେ ଥାଏ। ଏତିକି ବୁଝିପାରିଲେ ରଙ୍ଗ ପାଇଁ ଥିବା ଭ୍ରମ ଆପେ ଦୂରେଇ ଯିବ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଲୋକମତ

### ବନାଗ୍ନି ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଜରୁରୀ

ଆମ ରାଜ୍ୟରେ ଧୀରେଧୀରେ ଗରମ ଅନୁଭୂତ ହେଲାଣି। ଏପର୍ଯ୍ୟନ୍ତ ଆଶାନୁରୂପ ବର୍ଷା ମଧ୍ୟ ହୋଇନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ବନାଞ୍ଚଳମାନଙ୍କରେ ଶୁଖିଲା ପତ୍ର, କାଠି, ଶିମୁଳି ତୁଳା ଆଦି ଅନେକ 'ନିଆଁକୁ ଘିଅ ଢାଳିବା' ପରି ଅବସ୍ଥା ସୃଷ୍ଟି କଲେଣି। ବିଗତ ବର୍ଷମାନଙ୍କରେ ହୋଇଥିବା ବାନଗ୍ନି ସମସ୍ୟା ତୁଳନାରେ ଏବର୍ଷ ଏପର୍ଯ୍ୟନ୍ତ ଏହାର ମାତ୍ରା କମ ଅଛି। କିନ୍ତୁ ସ୍ଥାନୀୟ ଲୋକମାନଙ୍କ ସହିତ ସରକାରୀ କଳ ମଧ୍ୟ ଏଥିପାଇଁ ସଜାଗ ରହିବା ଦରକାର। ଏ ବର୍ଷ ନିର୍ବାଚନ ହେବାକୁ ଥିବାରୁ ଜନତାଙ୍କଠାରୁ ନେତା, ମନ୍ତ୍ରୀଙ୍କଠାରୁ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବେ। ଯାହାଫଳରେ ବନାଗ୍ନି ପ୍ରତି କାହାର ନିଘା ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ଜଙ୍ଗଲ କର୍ମଚାରୀମାନଙ୍କୁ ନିର୍ବାଚନ କାମରେ ନଲଗାଇ ଏବେଠାରୁ ବନାଗ୍ନି ନିରୋଧ, ନିୟନ୍ତ୍ରଣ ଏବଂ ନିର୍ବାପନ କାର୍ଯ୍ୟରେ ଲଗାଇବା ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହେଉ। କାରଣ, ଆମକୁ କୌଣସି ମୁହୂର୍ତ୍ତରେ ବନାଗ୍ନିକୁ ସାମ୍ନା କରିବାକୁ ପଡ଼ିପାରେ। ଏତଦବ୍ୟତୀତ ବିଭିନ୍ନ ସତର୍କତା ଏବଂ ପ୍ରତିଷେଧକମୂଳକ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେବାର ସମୟ ଉପଗତ।

ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ଗାଡ଼ି ଚକାତଳେ ବନ୍ୟଜନ୍ତୁଙ୍କ ଜୀବନ ନ ଯାଉ

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ଆନ୍ତର୍ଜାତିକ ପର୍ଯଟନ ସ୍ଥଳ ମରାଳ ମାଳିନୀ ଚିଲିକାରେ ନୌବିହାର, ବିରଳ ଇରାଓଡି ଡଲଫିନର ଜଳକ୍ରୀଡ଼ା, ଦେଶୀବିଦେଶୀ ବିହଗଙ୍କ ସମାଗମ ଓ କଳରବରେ ଦେଖିବାକୁ ଓ ଶୁଣିବାକୁ ଦେଶବିଦେଶରୁ ଧାଇଁ ଆସୁଛନ୍ତି ସହସ୍ର ସହସ୍ର ପର୍ଯ୍ୟଟକ। ତା' ସହିତ ବଢ଼ିଚାଲିଛି ଯାନବାହନ ସଂଖ୍ୟା। କିନ୍ତୁ ପର୍ଯ୍ୟଟକଙ୍କ ବହୁଳ ସମାବେଶ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ନିଶାଗ୍ରସ୍ତ ହୋଇ ବେଲଗାମ ଦ୍ରୁତଗାଡ଼ି ଚାଳନା ଯୋଗୁଁ ବହୁ ବନ୍ୟଜନ୍ତୁଙ୍କ ଜୀବନ ଯାଉଛି। ପୁରୀ - ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ସୁନାମୁହିଁଠାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକା ମଧ୍ୟ ଦେଇ ଯାଇଛି। ଜୈବବିବିଧତାର ଭରପୂର ସମ୍ଭାରରେ ସମୃଦ୍ଧ ଏହି ଅଞ୍ଚଳ। ବିବିଧ ପ୍ରକାର ସାପ, ଗୋଧି, ଏଣ୍ଡୁଅ, ନେଉଳ, ଠେକୁଆ, ଶାଳିଆପତନୀ, ଓଧ, କୋକିଶିଆଳି, ଶୃଗାଳ, ବଣଭୂଆ, ବାଘାଡି, ବାଘଟା, ଝିଙ୍କ, ଗାଡ଼ଭାଲୁ, ବାରହା, କଇଁଛ, ବିରଳ ବେଙ୍ଗ, ମୂଷା ଆଦି ବିରଳ ପ୍ରଜାତିର ଜୀବ ଖାଦ୍ୟ ଅନ୍ୱେଷଣରେ ରାସ୍ତା ପାର ହୁଅନ୍ତି। କିନ୍ତୁ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏମାନଙ୍କ ଜୀବନ ଯାଉଥିବା ଦେଖାଯାଉଛି। ଏହିପରି ଅନେକ ପ୍ରଜାତି ଲୋପ ପାଇଲାଣି। ଏବେ ଆମକୁ ସଚେତନ ହେବାକୁ ପଡ଼ିବ। ଆମ ଗାଡ଼ିର ଆପେକ୍ଷିକ ବେଗ ସହ ବନ୍ୟଜନ୍ତୁ ତାଳଦେଇ ରାସ୍ତା ପାରିହେବାରେ ଅଭ୍ୟସ୍ତ ନୁହନ୍ତି। ଏଣୁ ପର୍ଯ୍ୟଟକଙ୍କୁ ଆଣୁଥିବା ଗାଡ଼ିଚାଳକ ଏଥିପାଇଁ ସଚେତନ ହେଲେ କିଛି ନିରୀହ ଜୀବ ରକ୍ଷା ପାଇପାରିବେ ବୋଲି ଆଶା।

କାଶୀନାଥ ନାୟକ
ବ୍ରହ୍ମଗିରି, ମୋ: ୯୯୩୭୫୭୬୧୬୮

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ୬୬୦ କୋଟିର...

ସିନ୍ଥେଟିକ୍ ଆଷ୍ଟ୍ରୋ ଟ୍ରଫ ବିଶିଷ୍ଟ ହକି ତାଲିମ କେନ୍ଦ୍ର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ଆଜି ୧୨ ଟି ହକି ତାଲିମକେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏଠାରେ ଦକ୍ଷ କୋଚ୍‌ଙ୍କ ଦ୍ୱାରା ହକି ଖେଳ ପାଇଁ ପିଲାମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ନୂଆ ୧୨ ଟି ହକି ତାଲିମ୍ କେନ୍ଦ୍ର ସହ ରାଜ୍ୟରେ ମୋଟ୍ ହକି ତାଲିମ୍ କେନ୍ଦ୍ର ସଂଖ୍ୟା ୨୩କୁ ବୃଦ୍ଧି ହୋଇଛି। ଏଥିରେ ସୁନ୍ଦରଗଡ଼ରେ ୧୭ ଟି, ସମ୍ବଲପୁରରେ ୨ ଟି ଯାଜପୁର ୧, କଟକ ୧, ଗଞ୍ଜାମ ୧ ଓ ଭୁବନେଶ୍ୱରରେ ଗୋଟିଏ କେନ୍ଦ୍ର ରହିଛି। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ୧୧ ଟି ପ୍ରକଳ୍ପ ମଧ୍ୟରେ ରେମୁଣା, ବାଲିଗୁଡ଼ା, ଟିଟିଲାଗଡ଼ ଓ କରଞ୍ଜିଆରେ ଗୋଟିଏ ଲେଖାଏଁ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ସହ ଭଦ୍ରକରେ ଇଣ୍ଡୋର ସୁଇମିଂପୋଲ୍, କଟକରେ ଗୋଟିଏ ଫୁଟ୍‌ବଲ୍ ତାଲିମ କେନ୍ଦ୍ର, ଇଣ୍ଡୋର ସୁଇମିଂପୋଲ ଓ ବାସ୍କେଟ୍‌ବଲ୍ କୋର୍ଟ ରହିଛି। ସେହିପରି କେନ୍ଦ୍ରାପଡ଼ାର ଆଳିରେ ଗୋଟିଏ ମହିଳା ଫୁଟ୍‌ବଲ୍ ତାଲିମ କେନ୍ଦ୍ର, ଦେବଗଡ଼ରେ ହକି ତାଲିମ କେନ୍ଦ୍ର, ବାରିପଦା ଷ୍ଟାଡିୟମର ରୂପାନ୍ତରିକରଣ ଓ ଭଦ୍ରକ ନେହରୁ ଷ୍ଟାଡିୟମର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମେୟର ସୁଲୋଚନା ଦାସ, ଉନ୍ନୟନ କମିସନର ଅନୁ ଗର୍ଗ ଓ କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣା ଭୁବନେଶ୍ୱର ଇଣ୍ଡୋର ଷ୍ଟାଡିୟମରେ ଉପସ୍ଥିତ ଥିବା ବେଳେ ରାଜ୍ୟର ୬୦ ସ୍ଥାନରୁ କ୍ରୀଡ଼ାବିତ, କୋଚ୍, ଜନସାଧରଣ, ଲୋକପ୍ରତିନିଧୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିଲେ।

## ଓଡ଼ିଶାରେ ନିର୍ମାଣ...

ନିମନ୍ତେ କଲ୍ୟାଣୀ ଷ୍ଟିଲ୍ ଟିଟାନିୟମ୍ ମେଟାଲ ଓ ଆଲୋଏ ମିଲ୍ ସହ ଇଣ୍ଟିଗ୍ରେଟେଡ୍ କମ୍ପୋନେଣ୍ଟ ୟୁନିଟ୍ ପ୍ରତିଷ୍ଠା କରି ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ବହୁ ଉଚ୍ଚ କୁଶଳୀ ମାନବସମ୍ବଳ ପାଇଁ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି ହେବ। ନୂଆ ଯୁଗର ଶିଳ୍ପ ପ୍ରତିଷ୍ଠା ସହିତ ଆମର ଆକାଂକ୍ଷା ପୂରଣ ଦିଗରେ ଏହି ପଦକ୍ଷେପ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି କମ୍ପାନୀ ପ୍ରତିଷ୍ଠା ହେବା ଦ୍ୱାରା ଆମ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଆହୁରି ସମୃଦ୍ଧ ହେବା ସହ ଆନୁସଙ୍ଗିକ ଶିଳ୍ପ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହେବ। ଫଳରେ ଆହୁରି ବ୍ୟାପକ କର୍ମନିଯୁକ୍ତି ବାଟ ଫିଟିବ। ଦକ୍ଷତା ବିକାଶ ଦିଗରେ କଲ୍ୟାଣୀ ଷ୍ଟିଲ୍‌ର ପ୍ରତିବଦ୍ଧତାର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ। ଧାତବ, ଗାଡ଼ି ଯନ୍ତ୍ରାଂଶ ତଥା ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଛନ୍ତି।

କଲ୍ୟାଣୀ ଷ୍ଟିଲ୍‌ସ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅମିତ କଲ୍ୟାଣୀ କହିଥିଲେ, ଓଡ଼ିଶା ସହ ଆମର ସୁଦୀର୍ଘ ସମ୍ପର୍କକୁ ଏହି ପ୍ରକଳ୍ପ ଆହୁରି ସୁଦୃଢ଼ କରିବ। ଓଡ଼ିଶାର ବିକାଶ ଓ ସମୃଦ୍ଧିରେ ଆମର ମଧ୍ୟ ବଡ଼ ଯୋଗଦାନ ରହିବ। ଓଡ଼ିଶା ଭଳି ଏକ ଶିଳ୍ପ ଅନୁକୂଳ ରାଜ୍ୟରେ କାରବାର ଆରମ୍ଭ କରିବା ଆମ ପାଇଁ ଗର୍ବର ବିଷୟ। ପରସ୍ପର ସହଯୋଗ ଜରିଆରେ ବିକାଶ ଓ ନବସୃଜନକୁ ଗୁରୁତ୍ୱ ଦେଇ ଦକ୍ଷତାସମ୍ପନ୍ନ କର୍ମବଳ ପାଇଁ ଅପାର ସମ୍ଭାବନାକୁ ଉଜାଗର କରିବା ଲକ୍ଷ୍ୟରେ ଆମେ କାମ କରୁଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ କଲ୍ୟାଣି ଷ୍ଟିଲ୍‌ର ପ୍ରକଳ୍ପ ପ୍ରସ୍ତାବକୁ ଗତ ୧୨ତାରିଖରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଥିଲା। ଏହି କମ୍ପାନୀ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ବିଶ୍ୱ ଟିଟାନିୟମ୍ ଉତ୍ପାଦ ବଜାର ଏବଂ ଏଥିରେ ଭାରତର ଭାଗୀଦାରି ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି। ବିମାନ ଯନ୍ତ୍ରାଂଶ ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ଓଡ଼ିଶା ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ ମାନୁଫାକ୍‌ଚରିଂ ପଲିସି ପ୍ରଣୟନ କରିଛନ୍ତି।

## ୨୦୨୪ରେ ବିଜେଡିକୁ...

ରୂପାନ୍ତରଣ ଦଳ ପ୍ରତି ସାରା ରାଜ୍ୟରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି । ଏହି ସ୍ଥିତିରେ ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମଗ୍ର ରାଜ୍ୟରେ ତୋଫାନୀ ଗସ୍ତ, ଲୋକଙ୍କ ସମସ୍ୟା ଦୂର କରିବାରେ ବିନିଦ୍ର ତତ୍ପରତା ଦଳ ପାଇଁ ଆଶୀର୍ବାଦ ସଦୃଶ ହୋଇଛି।

ବିଜେଡି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡଃ ସସ୍ମିତ ପାତ୍ର କହିଛନ୍ତି, ପ୍ରାକ୍ ନିର୍ବାଚନୀ ଜାତୀୟ ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶାର ୨୧ଟି ଲୋକସଭା ଆସନରୁ ବିଜେଡି ୧୮ ଟି ଆସନରେ ନିଶ୍ଚିତ ଭାବେ ବିଜୟ ହାସଲ କରିବ। ସେହିପରି ଅନ୍ୟ ଏକ ଜାତୀୟ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟର ୧୪୭ଟି ବିଧାନସଭା ଆସନରୁ ୧୨୮ରୁ ଅଧିକ ଆସନ ବିଜେଡି ଖାତାକୁ ଆସିବ। ୧୯୯୦ ମସିହାରେ ବିଜୁ ବାବୁ ୧୨୩ଟି ଆସନ ପାଇଥିବା ବେଳେ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୧୨୮ରୁ ଅଧିକ ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିବେ। ଏହି ଦୁଇ ସର୍ଭେ ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ଯେ ବିଜୁ ଜନତା ଦଳ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ବଢ଼ି ଚାଲିଛି। ଓଡ଼ିଶାବାସୀ ଭଲ ଭାବେ ଜାଣିଛନ୍ତି କେବଳ ବିଜେଡି ସରକାର ହିଁ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିପାରିବ। ଏଥର ମଧ୍ୟ ସାଢ଼େ ଚାରି କୋଟି ଓଡ଼ିଶାବାସୀ ନବୀନ ବାବୁଙ୍କୁ ପୁନର୍ବାର ଆଶୀର୍ବାଦ କରି ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବେ ବୋଲି ଡ଼. ପାତ୍ର କହିଛନ୍ତି।

ବିଜେଡି ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର କହିଛନ୍ତି ଯେ ଯେଉଁ ରାଜନୈତିକ ଦଳ ବିକାଶକୁ ସର୍ବଦା ବିରୋଧ କରୁଛନ୍ତି, ରୂପାନ୍ତରଣ କାମକୁ ସମାଲୋଚନା କରୁଛନ୍ତି ତାଙ୍କୁ ଓଡ଼ିଶାବାସୀ ଭଲ ଭାବେ ଚିହ୍ନି ସାରିଲେଣି। ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ସେମାନଙ୍କୁ ଦୃଢ଼ ଜବାବ୍ ଦେବେ। ଏହା ଦୁଇ ଦୁଇଟି ଜାତୀୟ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହୋଇ ଯାଇଛି। ସର୍ଭେ ରିପୋର୍ଟ ଅନୁସାରେ ଆସନ୍ତା ବିଧାନସଭା ନିର୍ବାଚନରେ ବିଜେପିକୁ ମାତ୍ର ୧୩ଟି, କଂଗ୍ରେସ୍‌କୁ ୪ ଓ ସିପିଏମ୍‌କୁ ଗୋଟିଏ ଆସନ ମିଳିବ। ଏଥିସହ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ନିର୍ବାଚିତ ହେବେ। ବିଜୁ ଜନତା ଦଳ ୧୨୮ରୁ ଅଧିକ ଆସନ ପାଇ ୬ଷ୍ଠ ଥର ପାଇଁ ସରକାର ଗଢ଼ିବ। ଏପରିକି ୧୭ଟି ଲୋକସଭା ଆସନ ଅନ୍ତର୍ଗତ ସମସ୍ତ ୭ଟି ଯାକ ବିଧାନସଭା ଆସନରେ ବିଜେଡି ବିଜୟୀ ହେବ। ଏପରି ଭାବେ ୧୭ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ୧୧୯ ଆସନରେ ବିଜୟ ଲାଭ କରିବେ। ଅବଶିଷ୍ଟ ୪ଟି ଲୋକସଭା ଆସନରୁ ବିଜେଡି ୨ରୁ ୩ଟି ଲେଖାଏଁ ବିଧାନସଭା ଆସନରେ ବିଜେଡିର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ସ୍ୱାବଲମ୍ବୀ କାରିଗରଙ୍କ...

ଅନୁରୋଧ ଓ ପ୍ରସ୍ତାବ ଆସିଥିଲା। '୫-ଟି' ଅଧ୍ୟକ୍ଷ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ଗ୍ରାମକୁ ନିୟମିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ତଥା ଜଳକଷ୍ଟ ଦୂର କରିବା ପାଇଁ ପଞ୍ଚାୟତଗୁଡ଼ିକରେ ଦୁଇଜଣ ଲେଖାଏଁ ସ୍ୱାବଲମ୍ବୀ କାରିଗର ନିୟୋଜିତ ଅଛନ୍ତି ଏବଂ ସେମାନେ ପାଇପ ଜଳଯୋଗାଣ, ରକ୍ଷଣାବେକ୍ଷଣ ତଥା ଟ୍ୟୁବୱେଲ ମରାମତି ପାଇଁ ନିରନ୍ତର ସେବା ଯୋଗାଇ ଆସୁଛନ୍ତି।

## ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ...

ଆମ ଅର୍ଥନୀତି ଆଗକୁ ବଢ଼ି ପାରିବ ନାହିଁ। ସେହିପରି ରୋଗାଗ୍ରାନ୍ତ ନାଗରିକ ଦେଶ ତଥା ରାଜ୍ୟର ବିକାଶରେ ନିଜକୁ ସାମିଲ କରିବା ପାଇଁ ଅସମର୍ଥ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତ୍ୟେକ ଗରିବ ପରିବାର ପାଇଁ ବିଏସ୍‌କେୱାଇ କାର୍ଡ ଜରିଆରେ ଲକ୍ଷାଧିକ ଟଙ୍କାର ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଉଛନ୍ତି। ରାଜ୍ୟର ସବୁ ବର୍ଗର ଲୋକ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ସୁବିଧାରେ ପାଇପାରିବେ ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବଦା ପଦକ୍ଷେପ ନେଉଛନ୍ତି ବୋଲି ଡଃ ମିଶ୍ର କହିଛନ୍ତି।

ସେ ପୁଣି କହିଛନ୍ତି ଯେ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ, ସାମୂହିକ ଟୀକାକରଣ, ପିଲାଙ୍କୁ ପୃଷ୍ଟିକର ଖାଦ୍ୟ, ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ରାଜ୍ୟର ପାଖାପାଖି ୧ କୋଟି ପରିବାର ପାଇଁ ସଞ୍ଜୀବନୀ ପାଲଟିଛି। ବିଏସ୍‌କେୱାଇ କାଡର୍‌ଧାରୀ ପ୍ରତ୍ୟେକ ପରିବାରର ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରହିଛି। ଏହି କାଡର୍ ଖଣ୍ଡକ ଜରିଆରେ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲ ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ରୁ ଅଧିକ ବେସରକାରୀ ହସ୍ପିଟାଲମାନଙ୍କରେ ନିଃଶୁଳ୍କ ଚିକିତ୍ସା ମିଳିପାରୁଛି। କୋଭିଡ୍ ମହାମାରୀ ବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଦେଶର ପ୍ରମୁଖ ରାଜ୍ୟମାନଙ୍କୁ ଅକ୍ସିଜେନ ଯୋଗାଇ ଦେଇଥିଲେ। ବିଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡ଼ିକାଲ କଲେଜ ଓ ୨ଟି ପିଜି ଇନଷ୍ଟିଚ୍ୟୁଟ୍ ସ୍ଥାପନ କରାଯାଇଛି। ଆଗକୁ ଆଉ ଦୁଇ, ତିନିଟି ମେଡିକାଲ କଲେଜ ଲୋକାର୍ପଣ ହେବ। କିଛି ବର୍ଷ ପୂର୍ବେ ରାଜ୍ୟରୁ ପ୍ରତିବର୍ଷ ମାତ୍ର ୩୦୦ ଡାକ୍ତର ଉତ୍ତୀର୍ଣ୍ଣ ହେଉଥିବା ବେଳେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଫଳରେ ଏହି ସଂଖ୍ୟା ଆଜି ୨୫୦୦ରେ ପହଞ୍ଚିଛି। ଏତିକି ନୁହେଁ ବିଗତ ୫ ବର୍ଷ ମଧ୍ୟରେ ୪ ହଜାର ଡାକ୍ତର, ୯ ହଜାରରୁ ଅଧିକ ନର୍ସଙ୍କ ସମେତ ଫାର୍ମାସିଷ୍ଟ, ଟେକ୍ନିସିଆନମାନଙ୍କୁ ନିଯୁକ୍ତି ଦିଆଯାଇଛି। ରୋଗୀସେବା କ୍ଷେତ୍ରରେ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇ ଆମ୍ବୁଲାନ୍ସ ପହଞ୍ଚିବା ସମୟକୁ ୨୦ ମିନିଟ୍‌କୁ ହ୍ରାସ କରାଯାଇପାରିଛି। ଆମ ହସ୍ପିଟାଲ ଯୋଜନାରେ ଚଳିତ ବର୍ଷ ୭୩ଟି ହସ୍ପିଟାଲର ରୂପାନ୍ତରଣ କରାଯିବା ସହ ଆଗାମୀ ୫ ବର୍ଷରେ ରାଜ୍ୟର ୧୮୫୮ଟି ହସ୍ପିଟାଲର ରୂପାନ୍ତରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସ୍ୱାସ୍ଥ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟ ସେବା ଆଉ ଏକ ଉଦାହରଣ। ମୋବାଇଲ କ୍ଲିନିକ ଦ୍ୱାରା ମୁଖ୍ୟମନ୍ତ୍ରୀ ଯୋଗାଉଛନ୍ତି ସ୍ୱାସ୍ଥ୍ୟସେବା। ୯୦ ପ୍ରତିଶତ ମାଆଙ୍କୁ ଦିଆଯାଇଛି ଟୀକା ଓ ରାଜ୍ୟରେ ଶିଶୁ ମୃତ୍ୟୁହାର ଉପରେ ଅଙ୍କୁଶ ଲଗାଯାଇଛି। ଏବେ ୧୧ଟି କ୍ୟାନସର ହସ୍ପିଟାଲ କାର୍ଯ୍ୟ କରୁଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା କରିଛନ୍ତି। ପ୍ରତି ବର୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅନୁଦାନ ସରକାର ବୃଦ୍ଧି କରି ଚାଲିଛନ୍ତି। ଚଳିତ ବଜେଟରେ ପୂର୍ବାପେକ୍ଷା ୨୪% ଅଧିକ ଅର୍ଥ ବ୍ୟୟବରାଦ କରାଯାଇଛି ବୋଲି ଡଃ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

---

**R.I.H.S, Bhograi**
Regd. No- 14239/1983,
At/po- Jaleswarpur,
Dist- Balasore, Pin-756036
**Corrigendum to Advertisement**
Notice No- 01/2023 - 24/OPEHEE/ dt-22.02.2024

In response to the above advertisement published on dt-22.02.2024 and it is like that the last date of tender call will be dt-29.02.2024 instead of dt-29.03.2024. Inconvenience is deeply regretted.

Sd/- Principal
R.I.S.H, Bhograi

---

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

---

**AFFIDAVIT**
I, Inisha Majumdar, D/o Indu Bhushan Mridha, resident of Qr No- D/36, Sector-3, Nalco Township, Damanjodi, Ps-Damanjodi, Dist-Koraput, Pin-763008,Odisha declare by this affidavit No.1823 dtd-20/02/2024 that now onwards I shall be known as **INISHA MRIDHA MAJUMDAR** for all future purpose.

---

**ଦଲିଲ ଓ ପଟ୍ଟା ହଜିଛି**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ମୁଁ ଶ୍ରୀ ଅଭିଷେକ ଜେନା, ପିତା- ଅମୃତଲାଲ ଜେନା, ସା/ପୋ- ପଞ୍ଚପଡା, ଥାନା – ବସ୍ତା, ଜିଲ୍ଲା – ବାଲେଶ୍ୱର ନିବାସି ଅଟେଁ। ଗତ ତା ୧୩.୦୨.୨୦୨୪ ରିଖ ମଙ୍ଗଳବାର ଦିନ ସନ୍ଧ୍ୟାରେ ବାଲେଶ୍ୱର କଚେରିରୁ ଆମ୍ଭର ସାଙ୍ଗ ସତ୍ୟବ୍ରତ ସାମଲଙ୍କ ଙ୍କ ପୁତ୍ର ଜନ୍ମଦିନ ଭୋଜିରେ ରେ ଯୋଗ ଦେବାପାଇଁ ଭଞ୍ଜପୁର ବାରିପଦାକୁ ବାଇକ ଯୋଗେ ଯାଉଥିବା ସମୟରେ ଅରିଜିନାଲ ଦଲିଲ ନ ୧୦୦୬୧୯୦୨୫-୫-୫, ତା ୧୨.୦୪.୧୯ ରିଖ ଦଲିଲ ସହିତ ଦୁଇ ଗୋଟି ସଂଶୋଧିତ ଖାତା ୫୦/୪୦୩ ଓ ୫୦/୨୯୫ ହଜି ଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଦଲିଲ ଓ ତା ସହିତ ଦୁଇ ଗୋଟି ପଟ୍ଟା ପାଇଥିବେ ତାହେଲେ ନିମ୍ନରେ ଦିଆ ଯାଇଥିବା ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ ।
ରଜତ କୁମାର କର (ଓକିଲ)
ମୋ- ୯୯୩୭୯୪୩୦୮୬

---

**AFFIDAVIT**
I, Basanta Nanda, S/o- Late Giridhari Nanda, Resident of Govindapur, PO/PS-Khantapada, Dist-Balasore, Odisha declare by this affidavit Sl No.613 dtd 21.02.2024 that now onwards I shall be known as **Basanta Kumar Nanda** for all future purposes.

---

**AFFIDAVIT**
By virtue of an affidavit sworn before the Notary Public, Bhadrak, affidavit No.69AA100985 on dated 16.02.2024, I, Chinmaya Kumar Nayak, S/O- Sudarsana Nayak, Resident of Village-Kushagadia (Bhagada), PO-Tesinga, PS-Bhandaripokhari, Dist-Bhadrak, Odisha-756121. I have changed my Son's name from M Anshuman to **Anshuman Mohan Nayak** for all future purposes.

---

**AFFIDAVIT**
I, Ajay Kanta Nayak, S/o- Arjun Nayak, Resident of Unit-4, Baidyanath Nagar, Jajpur, Odisha-755001 declare by this affidavit no.225 dtd 22.02.2024 that now onwards I shall be known as **Ajaya Kanta Nayak** for all future purposes.

---

**AFFIDAVIT**
I, Kumari Sarika, W/o- Santosh Singh Thakur, Resident of Village-Meramandali, C/2-802, PO-Meramandali, Tata Steel Colony, Narendrapur, Dist-Dhenkanal, Odisha-759121 declare by this affidavit no.505 (65AA 249407) dtd 20.02.2024 that now onwards I shall be known as **Sarika Singh** for all future purposes.

---

**TPCODL**
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ନାଗେଶ୍ୱରଟାଙ୍ଗୀ, ବିବେକାନନ୍ଦ ମାର୍ଗ, ମହାରଣା ସାହି ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଏବଂ ଏସ୍‌ଆଇଆରଡି କଲୋନୀ, ଡେଲ୍ଟା କଲୋନୀ, ଷ୍ଟୁଆର୍ଟ ସ୍କୁଲ୍ ଛକ, ଓଡବ୍ଲୁପିଓ କଲୋନୀ ଓ ୟୁନିଟ୍ – ୮ ବାଳକ ଉଚ୍ଚ ବିଦ୍ୟାଳୟ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

---

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
Behind Mini Stadium,
AT/PO/PS/Dist- Nuapada- 766105
Phone No: 06678-223295
E-mail: dpcnuapadassa.opepa@nic.in
No. 453 /PED/2024
Dated: 23.02.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Holistic Progress Card 2023-24" for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card 2023-24 for Class-I to VIII Students | Rs.1000/- | Rs.10000/- | 06.03.2024 | 07.03.2024 11 AM |

The detailed BID document is available in the website (www nuapada.nic.in & https://osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

DEO-cum-DPC
Samagra Shiksha, Nauapada

---

C-3192
**ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦ, ଖଣ୍ଡପଡ଼ା**
**OFFICE OF THE NOTIFIED AREA COUNCIL : KHANDAPADA**
E-Mail Id-nackpg89@gmail.com
Letter No -403 Date.13/02/2024

**QUOTATION CALL NOTICE**

The Executive officer, N.A.C Khandapada on behalf of Khandapada N.A.C. invited sealed quotation from the intending authorized firms / reputed agencies having PAN, GST Certificate, Similar Nature of work experience, for "**Supplying, fitting and fixing of Park Gazebo with VIP Park Chair**" as per approved design and specification of N.A.C. Khandapada. The Quotation will be available from Dt.16/02/2024 to Dt.27/02/2024 up to 5.00 P.M in the Office hour. The quotationer should have to deposit tender paper cost in shape of DD Rs. 6,000/- ( Rupees Six Thousand only) at N.A.C. office, Khandapada. The quotations should reach the office of the undersigned on or before Dt.28.02.2024 at. 2.00 **P.M**. The undersigned will not take any responsibility in delay in receiving the quotation through post/by drop box, the quotation will be opened on Dt.28.02.2024 at 3.30**P.M.** The bidder or his authorized representative may remain present during the opening of the quotation. The quotationer must have to deposit the EMD of Rs.16,000/- (Rupees Sixteen Thousand Only) with quotation in shape of TDR/Bank Draft in favor of Executive officer, NAC Khandapada. The details will be available in the shedule. The quotationer are requested to submit their documents along with the drawing of the material to be supplied. The lowest quotation rate will be taken in to consideration for acceptance. The quotation received after scheduled date is liable for rejection. The tender will be decided as per the design basic and IRC guideline. The authority reserves the right to reject any or all Quotation without assigning any reason thereof.

Executive Officer
NAC, Khandapada
OIPR-13147/11/0024/2324

---

C-3190
**ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦ, ଖଣ୍ଡପଡ଼ା**
**OFFICE OF THE NOTIFIED AREA COUNCIL : KHANDAPADA**
E-Mail Id-nackpg89@gmail.com
Letter No - 376 Date.12/02/2024

**QUOTATION CALL NOTICE**

The Executive officer, N.A.C Khandapada on behalf of Khandapada N.A.C. invited sealed quotation from the intending authorized firms / reputed agencies having PAN, GST Certificate, Similar Nature of work experience, for "**Supplying fitting and fixing of Toy Train**" as per approved design and specification of N.A.C. Khandapada. The Quotation will be available from Dt.15/02/2024 to Dt.23/02/2024 up to 5.00 P.M in the Office hour. The quotationer should have to deposit tender paper cost in shape of DD Rs. 6,000/- ( Rupees Six Thousand only) at N.A.C. office, Khandapada. The quotations should reach the office of the undersigned on or before Dt.26.02.2024 at. 2.00 **P.M**. The undersigned will not take any responsibility in delay in receiving the quotation through post/by drop box, the quotation will be opened on Dt.26.02.2024 at 4.30**P.M.** The bidder or his authorized representative may remain present during the opening of the quotation. The quotationer must have to deposit the EMD of Rs.16,500/- (Rupees Sixteen Thousand Five Hundred Only) with quotation in shape of TDR/Bank Draft in favor of Executive officer, NAC Khandapada. The details will be available in the shedule. The quotationer are requested to submit their documents along with the drawing of the material to be supplied. The lowest quotation rate will be taken in to consideration for acceptance. The quotation received after scheduled date is liable for rejection. The tender will be decided as per the design basic and IRC guideline. The authority reserves the right to reject any or all Quotation without assigning any reason thereof.

Executive Officer
NAC, Khandapada
OIPR-13147/11/0025/2324

---

B-1838
**WORKS DEPARTMENT**
OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 44 /2023-24
No. 1290/Dt. 12.02.2024

1. Nature of work: - - Electrical Work
2. Number of works: -21(twenty One) No's
3. Amount put to Tender: -Rs.6,87,208/-,Rs6,94,310/-,Rs14,56,971/-,Rs23,41,376/-,Rs25,46,343/-,Rs18,32,786/-,Rs27,37,385/-,Rs17,52,754/-,Rs19,42,861/-,Rs22,12,521/-,Rs6,30,502/-,Rs19,81,181/-,Rs19,75,275/-,Rs16,24,760/-,Rs17,21,098/-,Rs15,66,658/-,Rs20,86,089/-,Rs21,44,147/-,Rs18,23,389/-,Rs2,57,904/-, Rs1,50,996/-
4. Class of Contractor: HT & MV
5. Date & Time of availability of bid document in the portal: - 26.02.2024 at 11.00 AM
6. Last Date / Time of receipt of bid in the portal: - 04.03.2024 up to 05.00 PM
7. Date of opening of bid: - Dt. 06.03.2024 up to 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

Superintending Engineer
Bhadrak (R&B) Division
OIPR-34079/11/0039/2324

---

**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No-06841-222024
Quotation Call No: 584 Date 20.02.2024

**QUOTATION CALL NOTICE**

Sealed Quotations are invited from the reputed manufacturer / Suppliers/ Agencies having valid GST registration certificate upto date tax clearance certificate, PAN etc for supply of following sanitary materials like iron wheel barrow & tricycle to the Boudhgarh NAC. The Quotation will be received from **Dt 21.02.2024 to 27.02.0224 upto 5.30 pm** by post or courier. The quotation will be opened on **28.02.2024 at 11.00 AM** in presence of the quotationer or authorized representative All the required information is available in NAC website i.e. **www.boudhgarhnac.in** & district website **www.boudhnic.in**

The rate quoted should be inclusive of all taxes, transportation charges. The payment should be released after certification of the concern section. The quotation paper can be downloaded from the website of NAC Boudhgarh & NIC Boudh. The cost of tender paper for **Rs.4000/-(Rupees four thousand)** only Should be payable in shape of DD (demand draft) along with the Quotation Paper. The authority reserve the right to accept or reject any quotation without assigning any reason thereof.

Executive Officer
N.A.C. Boudhgarh
OIPR-13155/11/0015/2324 C-3174

---

C-3172
**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL: JEYPOR**
Main Road, Jeypore Dist. Koraput, Odisha Phone No. 06854-231098e-Mail :ulbjeypore@gmail.com
Letter No. 642/JM Date: 15.02.2024

**CANCELLATION OF TENDER CALL NOTICE FOR DISPOSAL OF OBSOLETE / SCRAP JKSUTT BUSES BY JEYPORE MUNICIPALITY.**

The tender call notice published by Jeypore Municipality vide Notice No. 560 Dated 13/02/2024 and 559 Dated 13/02/2024 regarding disposal of the obsolete / scrap of 20 no. of JKSUTT buses are hereby cancelled.

Executive Officer,
Jeypore Municipality
OIPR-13079/11/0079/2324

---

B-1840
E-Mail I.D.-eepwdcuttack@gmail.com
Tel./ Fax No.(0671)-2304128
**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**
**GOVERNMENT OF ODISHA**
**('e' PROCUREMENT NOTICE)**
**Bid Identification No. S.E. CTC(R&B)-61 of 2023-24**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building work as mentioned below.
2. No. of Work :- **1 No.**
3. Nature of work :- **Building work.**
4. Class of Contractor :- **"B" Class**
5. Tender Paper Cost :- **Rs.10000/- (Online)**
6. Available of bid documents in the website :- **From 23.02.2024 to 5PM of 03.03.2024**
7. Date of Opening of Bid :- **11AM of 04.03.2024**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Er. P.K. Majhi
Superintending Engineer,
Cuttack (R&B) Division No. I
OIPR-34091/11/0048/2324

---

C-3178
**MUNICIPAL OFFICE: JEYPORE**
Ph. No.06854-321098, Fax No.06854-230104, Email- jeyporem.hud@nic.in
L. No. 766/JM JM-TCN19/2023-24 Date 20.02.2024

Bid documents consisting of specification the Bill of Quantity and the Tender call notice can be seen in the Govt. website **https://tendersorissa.gov.in/nicgep/app.**

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app. |
| No of works. | 47 |
| Estimated cost | As per DTCN |
| Date & Time of Bidding in portal | From **22.02.2024** at 11:00 Hours to **28.02.2024** Upto16:00Hours |
| Last date & time for receipt of bids in portal | **28.02.2024** Upto16:00Hours |
| Offline Documents Received through Speed Post/ Registered Post | **28.02.2024** at 16:00 Hours to **02.03.2024** Up to 11:00 Hours (Working Days Only) |
| Bids received online shall be opened on | **02.03.2024** at 11:00 Hours onwards |
| Offline Documents shall be opened in presence of the Participate Bidders | **02.03.2024** at 11:00Hours onwards |

Executive Officer
Jeypore Municipality
OIPR-13079/11/0078/2324

---

O-2613
**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 54 OF 2023-24**
☎ (06752) 251276 Fax - (06752) 251276 E-mail – eerwss_puri@nic.in

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District. |
|---|---|---|
| 1. | No. of works: | 02 (TWO) |
| 2. | Estimated Cost: | Rs. **7.30** lakhs to **8.69** lakhs (app.) |
| 3. | Time for completion: | 2 (Two) months |
| 4. | Cost of bidding document: | Rs.**4000/-** |
| 5. | Class of Contractors eligible: | **HT Licenses of ELBO** |
| 6. | Availability of bids on-line: | From 11.00 hour of **26.02.2024** to 17.00 hours of **02.03.2024** |
| 7. | Last date and time for seeking clarification: | 17.00 hours of **29.02.2024** |
| 8. | Date & time of opening of technical bids: | On dt **04.03.2024** at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

Superintending Engineer,
RWS&S Division, Puri
OIPR-25017/11/0024/2324

---

O-2621
**Government of Odisha**
Office of the Chief Construction Engineer,
Rural Works Circle, Sambalpur.
E-mail Id serwcirclesbp@yahoo.com
**Bid Identification No. Road tender Online RWCSBP-68/2023-24 No: 770, Dated: 20.02.2024**

The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for Transferred Road Improvement Programme (TRIP) for the year 2023-24.

1 Name of work : Transferred Road Improvement Programme (TRIP) for the year 2023-24.
2 No of works : 01 No details as per DTCN.
3 Estimated cost : Approximately Rs.533.35 **lakhs**
4 Class of Contractor. : "A" Class
5 Cost of tender paper and mode of deposit. : Rs. 10,000/- per set.( to be deposited On-line) in favour of concerned Superintending Engineer/Executive Engineer.
6 Mode of submission of tender : Tender should be submitted only On line in website **www.tendersorissa.gov.in.**(https//tendersodisha.gov.in)
7 EMD and mode of deposit : **1% of estimated cost of the work to be remitted online as mentioned in DTCN.**

8 Summary of key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date& time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer Rural Works Circle, Sambalpur | Road Tender Online RWCSBP-68/2023-24 | 26.02.2024 From 11.00. A. M. | 11.03.2024 Up to 05.00 P.M. | 07.02.2024 Up to 5.00 P.M. | 12.03.2024 at 11.00 AM | Will be intimated later |

*Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
*Bidder should inspect the road before bidding and quote his rate accordingly.

Chief Construction Engineer,
Rural Works Circle, Sambalpur
OIPR-25091/11/0103/2324

# ଯୁବକଙ୍କୁ ମାଡ଼ମାରି ଟଙ୍କା ଓ ମୋବାଇଲ ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୨୩।୨(ସମିସ):** ଯୁବକଙ୍କୁ ମାଡମାରି ଟଙ୍କା ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ଏ.ବାପୁଜୀ ସୁବୁଦ୍ଧି(୪୨)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨ହଜାର ଟଙ୍କା, ମୋବାଇଲ ଓ ଗୋଟିଏ ବାଇକ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୦ତାରିଖ ପୂର୍ବାହ୍ନ ସାଢେ ୧୧ଟା ସମୟରେ ସ୍ଥାନୀୟ ଆମ୍ବମାର୍କେଟ ନିକଟରେ ରହୁଥିବା ଆଲିସାନ ଅହମ୍ମଦ(୨୬) ନାମକ ଜଣେ ଯୁବକଙ୍କ ଗାଡି ଖରାପ ହେବା କାରଣରୁ ପୁରୁଣା ବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ତାଙ୍କ ନିକଟରେ ପହଞ୍ଚି ଆଲିସାନ ଅହମ୍ମଦଙ୍କୁ କଣ ହୋଇଛି ବୋଲି ପଚାରିଥିଲେ। ସେ ଗାଡି ଖରାପ ହେବା କାରଣରୁ ସେ ଠିଆ ହୋଇଥିବା କହିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ତାଙ୍କୁ ଗାଡିରେ ବସାଇ ଖଜୁରିଆ ବାଇପାସକୁ ନେଇ ଯାଇଥିଲେ। ଏବଂ ସେଠାରେ ଆଲିସାନ ଅହମ୍ମଦଙ୍କୁ ଦୁର୍ବୃତ୍ତମାନେ ନିସ୍ତୁକ ମାଡ଼ମାରି ତାଙ୍କ ଠାରୁ ୧୮ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆଲିସାନ ଅହମ୍ମଦଙ୍କ ମୁଣ୍ଡ ସମେତ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆଲିସାନ ଅହମ୍ମଦ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ପୁଲିସ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋଳନ୍ଥରା ଥାନା ଅଞ୍ଚଳରୁ ଅଭିଯୁକ୍ତ ଏ.ବାପୁଜୀ ସୁବୁଦ୍ଧିଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ରାଜ କିଶୋର ପାତ୍ର ଦୃଢୋକ୍ତି ପ୍ରକାଶ ଦେଇଛନ୍ତି।

# ପଦାର୍ଥ ବିଜ୍ଞାନରେ ୯ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଲେ

**ବ୍ରହ୍ମପୁର, ୨୩।୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷାର୍ଥୀମାନଙ୍କ ଗୁରୁବାର ଥିଲା ପଦାର୍ଥ ବିଜ୍ଞାନ ପରୀକ୍ଷା। ଦକ୍ଷିଣାଞ୍ଚଳ ଅଧୀନସ୍ଥ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ +୨ ବିଜ୍ଞାନ ସ୍ରୋତର ପଦାର୍ଥ ବିଜ୍ଞାନ ପରୀକ୍ଷା ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଦକ୍ଷିଣାଞ୍ଚଳ ସ୍ତରୀୟ ସ୍କ୍ୱାର୍ଡ଼ ସଦସ୍ୟମାନେ ଉପଯୁକ୍ତ ଆଠଟି ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପଦାର୍ଥ ବିଜ୍ଞାନ ପରୀକ୍ଷାରେ ଦକ୍ଷିଣାଞ୍ଚଳରେ ୯ ଜଣ ପରୀକ୍ଷାର୍ଥୀ କପି ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ପେଣ୍ଡ୍ରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ଆର୍.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ଗଞ୍ଜାମ ଜିଲ୍ଲା ସୋରଡ଼ା ସ୍ଥିତ ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ଓ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଗତକାଲି କପି ଅଭିଯୋଗରେ ଅଭିଯୁକ୍ତ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସୂତ୍ରରୁ ଜଣାପଡ଼ିଛି।

# ହତ୍ୟା ଉଦ୍ୟମ ମାମଲା, ୩ ଅଭିଯୁକ୍ତ ନିର୍ଦୋଷ

**ବ୍ରହ୍ମପୁର, ୨୩।୨(ସମିସ):** ଏକ ହତ୍ୟା ଉଦ୍ୟମ ମାମଲାର ବିଚାରଣା କରି ସିଜେଏମ କୋର୍ଟ ବିଚାରପତି ବିଷ୍ଣୁପ୍ରସାଦ ମିଶ୍ର ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ୩ଜଣ ଅଭିଯୁକ୍ତଙ୍କୁ ନିର୍ଦୋଷ ସାବ୍ୟସ୍ତ କରିଛନ୍ତି। ନିର୍ଦୋଷ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ପ୍ରତାପ କୃଷ୍ଣଚନ୍ଦ୍ରପୁରର ରିଙ୍କୁ ପ୍ରଧାନ, ଧୋବା ପ୍ରଧାନ ଓ କାଳିଆ ପ୍ରଧାନ। ସୂଚନାଯୋଗ୍ୟ ଯେ, ୨୦୨୨ଅଗଷ୍ଟ ୧୬ତାରିଖରେ ପ୍ରତାପ କୃଷ୍ଣଚନ୍ଦ୍ରପୁର ଗ୍ରାମର କାନ୍ତରୁ ଗୌଡ ବିଲକୁ କାମ କାରିବାକୁ ଯାଇଥିଲେ। ବିଲ ହୁଡା ଭାଙ୍ଗିବା ଘଟଣାକୁ ନେଇ ଉପରୋକ୍ତ ବ୍ୟକ୍ତିଙ୍କ ସହ କାନ୍ତାରୁଙ୍କର ପାଟିତୁଣ୍ଡ ହୋଇଥିଲା। ସେଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଠିଆକୋଡିରେ ଆକ୍ରମଣ କରି କାନ୍ତରୁଙ୍କ ହାତ ଓ ମୁହଁରେ କ୍ଷତ ସୃଷ୍ଟି କରିଥିଲେ। ଏହା ଜାଣିବା ପରେ କାନ୍ତରୁଙ୍କ ପୁଅ ଶ୍ରୀନୁ ଗୌଡ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ବାପାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ବାଟରେ ଅଭିଯୁକ୍ତମାନେ ପୁଣି ଶ୍ରୀନୁଙ୍କୁ ଅଟକାଇ ଆକ୍ରମଣ କରିଥିଲେ ବୋଲି ଶ୍ରୀନୁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗପ୍ରକାରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାର ବିଚାରଣା ଚାଲୁଥିବା ବେଳେ ମୋଟ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥି ମକଦ୍ଦମା ପରିଚାଳନା କରୁଥିଲେ।

# ପୁରୀ- ଅହମ୍ମଦାବାଦ ଟ୍ରେନକୁ ଆବୁରୋଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

**ବ୍ରହ୍ମପୁର, ୨୩।୨(ସମିସ):** ବ୍ରହ୍ମପୁର ରେଳ ଷ୍ଟେସନରେ ଶୁକ୍ରବାର ବରିଷ୍ଠ ନାଗରିକ ମଞ୍ଚ ଏବଂ ପ୍ରଜାପିତା ବ୍ରହ୍ମକୁମାରି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁରୀ-



ଅହମ୍ମଦାବାଦ ଟ୍ରେନକୁ ଆବୁରୋଡ଼ ସମ୍ପ୍ରସାରଣ ଦାବି କରାଯାଇଥିଲା। ଏ ଅବସରରେ ଡିଆରଏମଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେସନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତ୍ରିନାଥ ମୋହରଣା, ସୀମାଞ୍ଚଳ ପତି, ପି. ସାଇକ୍ରିଷ୍ଣା, ମୁନା ନାୟକ, ବିଭୁ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ‘ଓକିଲମାନେ ସଂଗଠିତ ହେବାକୁ ପଡ଼ିବ’

ବ୍ରହ୍ମପୁର, ୨୩।୨(ସମିସ)




ରାଜ୍ୟ ସରକାର ଆଇନଜୀବୀଙ୍କ ବିଭିନ୍ନ ଦାବିକୁ ଗୁରୁତ୍ୱର ସହିତ ଗ୍ରହଣ କରିଆସିଛନ୍ତି। ବିନା ଦ୍ୱିଧାରେ ଓକିଲଙ୍କ ମଙ୍ଗଳ ପାଣ୍ଠି ବା ୱେଲଫର ଫଣ୍ଡର ମେଚିଂ ସେୟାରକୁ ୫କୋଟିରୁ ଦୁଇଗୁଣା ଅର୍ଥାତ୍ ୧୦କୋଟି କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି। ବିଭିନ୍ନ ବର୍ଗଙ୍କ ପାଇଁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିବା ଫଳରେ ବହୁ ହିତାଧିକାରୀ ଉପକୃତ ମଧ୍ୟ ହେଉଛନ୍ତି। ଏହିକ୍ରମରେ ରାଜ୍ୟ ସରକାର ଓକିଲଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା ଘୋଷଣା କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ନିବେଦନ କରିଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ନୂତନ କର୍ମକର୍ତ୍ତା ତଥା ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ ମହାନ୍ତି ଓ ବରିଷ୍ଠ ସଦସ୍ୟ ମିଳନ କାନୁନଗୋଙ୍କୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ସଂଘର ସଭାନେତ୍ରୀ ମିନତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶିବ ନାରାୟଣ ସାହୁ, ଉପସଭାପତି ଏମ.ଚନ୍ଦ୍ରଶେଖର ଓ ଯୁଗ୍ମ ସମ୍ପାଦକ ତାପସ କୁମାର ସାହୁଙ୍କ ସମେତ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ରାଜ୍ୟ ପରିଷଦକୁ ନିର୍ବାଚିତ ହୋଇଥିବା ଦୁଇ ସଦସ୍ୟ ସଞ୍ଜିତ କୁମାର ପାଣିଗ୍ରାହୀ ଓ ପୀତବାସ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀଙ୍କ ନାର୍ଯ୍ୟଦାବି ହାସଲ ପାଇଁ ଆନ୍ଦୋଳନ କରିବା ଉପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା କଟକଣା ଉପରେ କାଉନସିଲ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ସିତାଂଶୁ ଦ୍ୱିବେଦୀ। ସେହିଭଳି ରାଜ୍ୟରେ ଯୁବ ଆଇନଜୀବୀଙ୍କ ପ୍ରଶିକ୍ଷଣ ପାଇଁ ଆଡଭୋକେଟ ଏକାଡେମୀ ପ୍ରତିଷ୍ଠା କରିବା, ଓକିଲଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଓକିଲଙ୍କ ପାଇଁ ପେନସନ ଯୋଜନା ଲାଗୁ କରିବା ଭଳି ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଶ୍ରୀଦ୍ୱିବେଦୀ ସୂଚନା ଦେଇଥିଲେ। ସେହିଭଳି ଓକିଲଙ୍କ ନିର୍ବାଚନରେ ଅଣପେଷାଦାର ଓକିଲଙ୍କୁ ଭୋଟଦାନରୁ ବଞ୍ଚିତ ରଖିବା, ଆଇନଜୀବୀଙ୍କ ଅଭିଯୋଗ ଗ୍ରହଣ ପାଇଁ କାଉନସିଲ ପକ୍ଷରୁ ୨୪ଘଣ୍ଟିଆ ଟୋଲଫ୍ରି ନମ୍ବର ବ୍ୟବସ୍ଥା, ସମ୍ବଲପୁର ଓ ବାଲେଶ୍ୱର ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ବାରକୁ ଯାଇ କାଉନସିଲ ପକ୍ଷରୁ କ୍ୟାମ୍ପକୋର୍ଟ ଜରିଆରେ ଓକିଲଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏଥି ସହିତ ତତ୍କାଳ ସନତ ବା ଲାଇସେନ୍ସ ପ୍ରଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେଥିପାଇଁ ଆବେଦନକାରୀଙ୍କୁ କିଛି ଦେୟ ଦେବାକୁ ହେବ। ଏବଂ ସେଥିରୁ ସଂଗୃହିତ ହେବାକୁଥିବା ଅର୍ଥକୁ ଭିନ୍ନକ୍ଷମ ଆଇନଜୀବୀଙ୍କ ପାଇଁ ଷ୍ଟାଇପେଣ୍ଡ ପ୍ରଦାନ ପାଇଁ କାଉନସିଲ ଚିନ୍ତା କରୁଥିବା ଶ୍ରୀ ଦ୍ୱିବେଦୀ ସଭାରେ ଉପସ୍ଥିତ ଓକିଲମାନଙ୍କୁ ସୂଚନା ଦେଇଥିଲେ। ସର୍ବୋପରି ଓକିଲଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ରାଜ୍ୟ ବାର କାଉନସିଲ ଓକିଲଙ୍କ ହିତସାଧନ ପାଇଁ ସବୁବେଳେ ଉଦ୍ୟମ କରିବ ତେବେ ଓକିଲଙ୍କୁ ସଙ୍ଗଠିତ ଓ ନିର୍ଭିକ ହେବାକୁ ପଡ଼ିବ ବୋଲି ବାର କାଉନସିଲ ଅଧ୍ୟକ୍ଷ ସମସ୍ତ ଆଇନଜୀବୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଓକିଲ ସଂଘର ବହୁ ବରିଷ୍ଠ ଆଇନଜୀବୀ, ପୂର୍ବତନ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

- ଆନ୍ଦୋଳନ କଟକଣା ଉପରେ ସୁପ୍ରିମକୋର୍ଟରେ ଦାଖଲ ହେବ ରିଭ୍ୟୁ ପିଟିସନ
- ଅଭିଯୋଗ ଗ୍ରହଣ ପାଇଁ କାଉନ୍‌ସିଲ ପକ୍ଷରୁ ରହିବ ୨୪୩୭ ଟୋଲଫ୍ରି ନମ୍ବର
- ଓକିଲଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଘୋଷଣା ସହ ସୁରକ୍ଷା ଆଇନ ପ୍ରଣୟନ ଦାବି
- ବାର ନିର୍ବାଚନରେ ଅଣ ପେସାଦାର ଓକିଲଙ୍କ ମତଦାନକୁ ରଦ୍ଦ କରିବା ଉପରେ ଗୁରୁତ୍ୱ

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦୁଇଦିନିଆ ‘ଉଡ଼ାଣ ୨୦୨୪’ କାର୍ଯ୍ୟକ୍ରମ




ବ୍ରହ୍ମପୁର, ୨୩।୨(ସମିସ)

ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ଦୁଇଦିନିଆ ‘ଉଡାନ ୨୦୨୪’ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗୋପାଳପୁର ଆର୍ମି ଏୟାର ଡିଫେନ୍‌ସ କଲେଜର କମାଣ୍ଡାଣ୍ଟ ବ୍ରିଗେଡ଼ିୟର ଇନ୍ଦ୍ରଜିତ ସିଂ ପଞ୍ଜରଥପ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ ଶାଖା ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ପାଠପଢ଼ାରେ କଠିନ ପରିଶ୍ରମ କରି ନିଜର ତଥା ଅଭିଭାବକଙ୍କର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ କର୍ଣ୍ଣଲ ଆନନ୍ଦ ତନ୍ତୀ, ଭାରତୀୟ ତଟରକ୍ଷୀ ବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଧନଞ୍ଜୟ କୁମାର ମିଶ୍ର ଓ କମାଣ୍ଡାଣ୍ଟ ବିକ୍ରମ ପାଲ ଉପସ୍ଥିତି ଥିଲେ। ଏହି ଅବସରରେ ୫୪୪ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୪୯.୪୧ହଜାର ଟଙ୍କାର ଜ୍ୟୋତି ଫେଲୋସିପ ପ୍ରଦାନ କରାଯାଇଥିଲା। ଆର୍ଥିକ ଦୃଷ୍ଟିରୁ ପଛୁଆ ଏସସି ଓ ଏସଟି ପରିବାରର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ତଥା ବୃତ୍ତି ଆକାଂକ୍ଷା ହାସଲ କରିବାକୁ ‘ଜ୍ୟୋତି ଫେଲୋସିପ୍’ ଫାଉଣ୍ଡେସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ଜିଲ୍ଲାର ୮୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ଉଦ୍ୟୋଗ ବିକାଶ, ମହିଳାଙ୍କ ଅଧିକାର, ନେତୃତ୍ୱ ବିକାଶ ଏବଂ ଲିଙ୍ଗଗତ ସମାନତା ସମ୍ପର୍କରେ ଟିଏସ୍‌ଏଫ୍‌ର ଦିଶା କାର୍ଯ୍ୟକ୍ରମ ଅଧୀନରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଟାଟାଷ୍ଟିଲ୍ ଫାଉଣ୍ଡେସନର ପାରିପାର୍ଶ୍ୱିକ ଗ୍ରାମର ୩୦ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟା ଓ କିଶୋରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହିଳାଙ୍କ ବିକାଶ ପାଇଁ ଏକ ରୋଡମ୍ୟାପ୍ ବିକାଶ କରିବା ଉପରେ ଉଦ୍ୟୋଗୀ ଓ ସାମାଜିକ କର୍ମୀମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷ୍ୟା ଡ. ରୀନା ରାଉତରାୟ, ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା ଅବସରପ୍ରାପ୍ତ ଆଇଏଏସ୍ ବ୍ରତାତୀ ହରିଚନ୍ଦନ ଆଦି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗ ବିକାଶ ଓ ଏସ୍‌ଏଚ୍‌ଜିରେ ମହିଳାମାନଙ୍କ ଭୂମିକା ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ କରାଯାଇଥିଲା। ଭୁବନେଶ୍ୱରର ଦି ବୁକ୍ ଟର୍ଫ ଲାଇବ୍ରେରିର ଶିକ୍ଷାଦ୍ୟୋଗୀ ପ୍ରୀତି ମାରିଆ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଶନିବାର ଜଳାବାୟୁ ଦୀର୍ଘସ୍ଥାୟୀ ଚାଷ ଉପରେ ଗୁରୁତ୍ୱାରୋପ କରି ଏକ ଚାଷୀ-ବୈଜ୍ଞାନିକ ଆଲୋଚନା ଅଧିବେଶନ ସହ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ସମାପନ ହେବ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦେଶବ୍ୟାପୀ କଳା ଦିବସ ପାଳିତ




ବ୍ରହ୍ମପୁର, ୨୩।୨(ସମିସ): ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କୁ ନେଇ ଗଠିତ ସ୍ୱାଧୀନ ଫେଡେରେସନର ଆହ୍ୱାନ କ୍ରମେ ଶୁକ୍ରବାର ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ନିକଟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କଳା ବ୍ୟାଜ ପରିଧାନ ପୂର୍ବକ ପ୍ରତିକାତ୍ମକ ଆନ୍ଦୋଳନ କରାଯାଇଥିଲା। ପଞ୍ଜାବ ସୀମାରେ ହରିୟାଣା ପୁଲିସ ଆକ୍ରମଣରେ ୨୩ବର୍ଷୀୟ ଯୁବଚାଷୀ ଶୁଭକରନ ସିଂହଙ୍କ ହତ୍ୟା ଘଟଣାର ପ୍ରତିବାଦରେ ଦେଶବ୍ୟାପୀ ଏହି ଆନ୍ଦୋଳନର ଡାକରା ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ୩୦୨ଦଫାରେ ତୁରନ୍ତ ଗିରଫ କରିବା ସହ କୃଷକଙ୍କୁ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ସ୍ୱାମୀନାଥନ କମିଶନ ସୁପାରିଶକୁ କାର୍ଯ୍ୟକାରୀ କରିବା, ମୃତ୍ୟୁବରଣ କରିଥିବା ସହିଦଙ୍କ ପରିବାରକୁ ସହାୟତା ଦେବା ଆଦି ଦାବି କରାଯାଇଛି। ବିକ୍ଷୋଭରେ ମିଳିତ ମଞ୍ଚର କୈଳାଶ ଷଡ଼ଙ୍ଗୀ, ପି. ହରିକୃଷ୍ଣ ରେ‡ୀ, ଯୁଧିଷ୍ଠିର ବେହେରା, ପ୍ରତାପ ଚନ୍ଦ୍ର ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଶଙ୍କର ସାହୁ, ବିଜୟ ସ୍ୱାଇଁ, ପି. ପାର୍ବତୀ, ଜୟନ୍ତୀ ବାଳା ଷଡ଼ଙ୍ଗୀ, ଅବନୀ ଗୟା, ଲକ୍ଷ୍ମୀନୃସିଂହ ରଥ, ନାରାୟଣ ସାହୁ, ଗଗନ ପ୍ରଧାନ, ମୋହନ ରାଓ, କେ. ନାଦେଷୁ ସେନାପତି ଓ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଅଲ ଇଣ୍ଡିଆ ବିଜୁପଟ୍ଟନାୟକ ମେମୋରିଆଲ୍ ଡେ-ନାଇଟ କ୍ରିକେଟ୍

# ବାଲେଶ୍ୱର ୟୁ ଆଣ୍ଡ ମି କ୍ରିକେଟ୍ କ୍ଲବ୍ ବିଜୟୀ



**ବ୍ରହ୍ମପୁର, ୨୩।୨(ସମିସ):** ସ୍ଥାନୀୟ ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ୧୪ତମ ଅଲ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିୟାଲ ଡେ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବି. ଗ୍ରୁପ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ଆଲଫା କ୍ଲବ ଉପ ସଭାପତି ସଞ୍ଜୟ ବିଷୋୟୀ, ଆଲଫା ସ୍ପୋର୍ଟିଂ କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ, ଷ୍ଟାଡିୟମ ଇନଚାର୍ଜ ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ହୋଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟର ବି ଗ୍ରୁପର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ବାଲେଶ୍ୱର ୟୁ ଆଣ୍ଡ ମି କ୍ରିକେଟ କ୍ଲବ ବନାମ ବାପୁଜୀ କ୍ରିକେଟ କ୍ଲବ ଭୁବେନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାପୁଜୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭର ମ୍ୟାଚ ଖେଳି ୮ଟି ୱିକେଟ ବିନିମୟରେ ୧୨୩ରନ ସଂଗହ କରିଥିଲେ। ଦଳ ପକ୍ଷରୁ ଆର୍ଯ୍ୟଶ୍ରୀ ଡ଼ି ଭଟ୍ଟ ୨୮ବଲ ଖେଳି ୨୯ରନ କରିଥିଲେ। ସେହିପରି ବାଲେଶ୍ୱର ଦଳ ପକ୍ଷରୁ ବୋଲିଂରେ ମୁକେଶ କୁମାର ୪ଓଭରେ ୧୫ରନ ଦେଇ ୩ଟି ୱିକେଟ ଓ ଜ୍ଞାନେନ୍ଦ୍ର ପରିଡ଼ା ୪ ଓଭରେ ୧୮ ଦେଇ ୩ଟି ୱିକେଟ ଅକ୍ତିହାର କରିଥିଲେ। ଜବାବରେ ବାଲେଶ୍ୱର ୟୁ ଆଣ୍ଡ ମି ୧୯.୪ ଓଭର ଖେଳି ୯ଟି ୱିକେଟ ବିନିମୟରେ ୧୨୮ ରନ କରି ବିଜୟୀ ଲାଭ କଲେ। ଦଳ ପକ୍ଷରୁ ପି. ସୋମେଶ୍ୱର ରାଓ ୨୯ବଲରେ ୪୧ରନ କରିଥିଲେ। ଭୁବେନେଶ୍ୱର ବାପୁଜୀ ଦଳ ପକ୍ଷରୁ ବୋଲିଂରେ ସମୀର ରଞ୍ଜନ ମହାନ୍ତି ୩.୪ ଓଭର ପକାଇ ୨୧ରନ ଦେଇ ୩ଟି ୱିକେଟ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ ବାଲେଶ୍ୱର ୟୁ ଆଣ୍ଡ ମି ଗୋଟିଏ ୱିକେଟରେ ମ୍ୟାଚ ଜିତି ନେଇଥିଲା। ମ୍ୟାଚରେ ବାଲେଶ୍ୱର ୟୁ ଆଣ୍ଡ ମି ପି. ସୋମେଶ୍ୱର ରାଓଙ୍କୁ ମ୍ୟାନ ଦି ମ୍ୟାଚ ଭାବେ ବିବେଚିତ ହୋଇଛନ୍ତି। ମ୍ୟାଚରେ ଆମ୍ପାୟାର ଭାବେ ଓସିଏ ଏମ୍ପାୟାର ଆଶୁତୋଷ ପାଣି ଓ ସୁଶାନ୍ତ କୁମାର ପଣ୍ଡା ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୁଶୀଲ କୁମାର ସୁନ୍ଦରାୟ ଓ କମେଣ୍ଟ୍ରି ଭାବେ ବୁବୁ ସେନ ସହଯୋଗ କରିଥିଲେ। ସେହିପରି ଶୁକ୍ରବାର କଟକ ରାଇଜିଂ ଷ୍ଟୁଡେଣ୍ଟ ବାନାମ ଛତିଶଗଡ଼ର ଫୋରେଷ୍ଟ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଇଣ୍ଡିଆର ୧୨ଟି ଟିମ ଭାଗ ନେଇଥିବା ବେଳେ ଏହା ୧୭ ତାରିଖଠାରୁ ଆରମ୍ଭ ହୋଇ ୨୭ତାରିଖ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ।

# ଅନ୍ତର୍ଜାତୀୟ ବକ୍ସିଂ ରେଫେରୀ ଶିଶିର ପାଣିଗ୍ରାହୀଙ୍କ ଗ୍ୟାଙ୍ଗଟକ୍ ଯାତ୍ରା



**ବ୍ରହ୍ମପୁର, ୨୩।୨(ସମିସ):** ଚଳିତ ମାସ ୨୯ତାରିଖରେ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ମେନସ୍ ୟୁନିଭରସିଟି ଗେମ୍ସରେ ଯୋଗଦେବା ପାଇଁ ଆନ୍ତର୍ଜାତୀୟ ବକ୍ସିଂ ରେଫେରୀ ତଥା କୋଚ ଶିଶିର କୁମାର ପାଣିଗ୍ରାହୀ ସିକିମ ରାଜ୍ୟର ଗ୍ୟାଙ୍ଗଟକ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତାରେ ବକ୍ସିଂ ଫେଡେରେସନ ପକ୍ଷରୁ ତାଙ୍କୁ ଆମନ୍ତ୍ରିତ କରାଯାଇଥିବା ବେଳେ ସେ ରିଫେରୀ କାର୍ଯ୍ୟ ତୁଲାଇବେ ବୋଲି ଓଡ଼ିଶା ଆମେଚ୍ୟୁର ବକ୍ସିଂ ଏସୋସିଏସନର ସମ୍ପାଦକ ଅନୀଲ ବହିଦାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ବକ୍ସିଂ ଆସୋସିଏସନର ସଭାପତି ଅଧୂପ ଦାସ, ଓଡ଼ିଶାର ବିଶିଷ୍ଟ କ୍ରୀଡାବିତ ତଥା କ୍ରୀଡ଼ା ସଂଘଠକ ଆଶୀର୍ବାଦ ବେହେରା, ଅଶୋକ ସାହୁ, ରଘୁନନ୍ଦନ ପାଢ଼ୀ, କେ. ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ଶିବରାମ ପାତ୍ର, ପଦ୍ମନାଭ ପାତ୍ର, ଏସ. ନାୟକ, ଅରବିନ୍ଦ ପାତ୍ର, ଶରତ ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ସାହୁ, ବିଜୟ ସିଂ ସାମନ୍ତ, ବସନ୍ତ ପାଣିଗ୍ରାହୀ, ମମତା ପଣ୍ଡାଙ୍କ ସମେତ ବହୁ ସ୍ଥାନୀୟ କ୍ରୀଡାବିତ ତଥା ବକ୍ସର ଶୁଭେଚ୍ଛା ଜଣାଇଛନ୍ତି।

# ଜଗନ୍ନାଥ ବିହାର ବୋମାମାଡ଼ ଘଟଣାର ୩ ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମସମର୍ପଣ

ବ୍ରହ୍ମପୁର, ୨୩।୨(ସମିସ)







ସ୍ଥାନୀୟ ବଡବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ୪ର୍ଥ ଲାଇନରେ ରୋହିତ ମାଝୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ସହ ବୋମାମାଡ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସମ୍ପୃକ୍ତଥିବା ୩ଜଣ ଅଭିଯୁକ୍ତ ଶୁକ୍ରବାର ବ୍ରହ୍ମପୁର ଏସଡ଼ିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଅଭିଯୁକ୍ତମାନେ ହେଲେ ଶ୍ରୀରାମ ନଗରରଅନୀଲକୁମାରସାହୁ(୨୧), ସାଗର ପ୍ରଧାନ(୨୩) ଓ ପ୍ରେମ ମହାନ୍ତି(୩୦)। ଅନ୍ୟପକ୍ଷରେ ମୁକେଶ ସମେତ ଅନ୍ୟ ୩ଜଣ ନାବାଳକଙ୍କୁ ରୋହିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରିଥିଲା। ଉଭୟ ଘଟଣାରେ ପୁଲିସ ତଦନ୍ତ କରି ରୋହିତ ମାଝୀ ଓରଫ ସୁବାଶିଷ(୩୦), ଜଗନ୍ନାଥ ବିହାର ଅଞ୍ଚଳର ଅନିଲ କୁମାର ନାହାକ(୨୩), ଦିଗପହଣ୍ଡି ଥାନା ଅନ୍ତର୍ଗତ ଚାଞ୍ଚଡ଼ାପଲ୍ଲୀ ଗ୍ରାମର ରାକେଶ ନାହାକ ଓରଫ ଇଲିଆନ(୧୮), ଭଞ୍ଜନଗର ଥାନା ଅନ୍ତର୍ଗତ ଲଣ୍ଡେଇସାହିର ଚିକୁନ ପ୍ରଧାନ (୨୧) ଓ ଅନ୍ୟଗୋଷ୍ଠିର ଜଗନ୍ନାଥ ବିହାର ଅଞ୍ଚଳର ମହେଶ ରାଉତ ଓରଫ ଗେଲୁ(୧୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୩ଜଣ ନାବାଳକଙ୍କୁ ଜେଜେବିରେ ହଜାର କରିଥିଲା। ସୂଚନାଯୋଗ୍ୟ ଯେ, ଗତ ୮ତାରିଖ ରାତିରେ ଜଗନ୍ନାଥ ବିହାର ଅଞ୍ଚଳରେ ରୋହିତ ଓ ମହେଶ ନିଜ ସହଯୋଗୀଙ୍କ ଉପସ୍ଥିତିରେ ଏକ ପୁରୁଣା ଅପରାଧିକ ମାମଲାକୁ ନେଇ ଆଲୋଚନା କରୁଥିଲେ। ପୂର୍ବରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ଉକ୍ତ ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ମହେଶ ଓ ତାର ସହଯୋଗୀମାନେ ରୋହିତ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ବୋମାମାଡ଼ କରିଥିଲେ। ସେହିପରି ମହେଶ ଓ ତାଙ୍କ ସହଯୋଗୀଙ୍କୁ ରୋହିତ ଧାରୁଆ ଅସ୍ତ୍ରରେ ପାଲଟା ଆକ୍ରମଣ କରିଥିଲେ। ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଘଟଣାରେ ଅନ୍ୟକାହାର ସମ୍ପୃକ୍ତି ଜଣାପଡ଼ିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସ୍ପଷ୍ଟ କରିଛନ୍ତି।

# ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ




**ଜି.ଉଦୟଗିରି, ୨୩।୨(ସମିସ):** ଜି. ଉଦୟଗିରି ଶ୍ରୀରାମପଦାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ-ବାଚସ୍ପତି ତଥା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବିଡିଓ ମନୋଜ କୁମାର ଦେବତା, ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ସମସ୍ତ କାଉନସିଲର, ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳବେହେରା, ଦୀପକ କୁମାର ସାହୁ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ଅସିତ କୁମାର ସେଠୀ, କଳିଙ୍ଗ କଲେଜ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର, ବ୍ଲକ ସଭାପତି ଲିଙ୍ଗରାଜ କହଁର, କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ, ଅଭିଷେକ ନାୟକ ପ୍ରମୁଖ ଯୋଗଦେଇଥିଲେ। ନୂତନ ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ରଙ୍କୁ ଉପବାଚସ୍ପତି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ।

# ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଅଭିଯାନ

**ଟିକାବାଲି, ୨୩।୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଟିକାବାଲି ବ୍ଲକର ବିଭିନ୍ନ ଗ୍ରାମରେ ବନବାସୀ କଳା ସାଂସ୍କୃତିକ ବିକାଶ ପରିଷଦ ଦ୍ୱାରା ସ୍ୱଚ୍ଛତା ଅଭିଯାନ ବିଷୟରେ ନୃତ୍ୟ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ପରିବେଶ କିପରି ସଫା ରଖିବା, ପାଇଖାନା ବ୍ୟବହାର କରିବା, ହାତ ସଫା କିପରି କରିବେ, ବିଶୁଦ୍ଧ ପାଣି ପିଇବା, ଗଛ ଲଗାଇବା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ବ୍ୟକ୍ତିଗତ ଭାବେ କିପରି ପରିଷ୍କାର ପରିଚ୍ଛନ୍ନ ରହିବା ସେ ସମ୍ପର୍କରେ ସଚେତନ କରାଯାଇଥିଲା।

## '୫-ଟି' ଅଧ୍ୟକ୍ଷଙ୍କ ତ୍ୱରିତ ପଦକ୍ଷେପ

# ଦୁଇ ଦିବ୍ୟାଙ୍ଗ ପାଇଲେ ଆର୍ଥିକ ସହାୟତା

**ଧରାକୋଟ, ୨୩।୨(ସମିସ)**

ଗତ ଗୁରୁବାର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧରାକୋଟ ଗସ୍ତରେ ଆସିଥିଲେ। ଏହି ଅବସରରେ ଦୁଇ ଜଣ ଦିବ୍ୟାଙ୍ଗ ବାଳକ କରିଥିବା ଲିଖିତ ଅଭିଯୋଗର ତ୍ୱରିତ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଆସିଥିଲା। ଏହା ପରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରା, ବରିଷ୍ଠ ସହାୟକ ପ୍ରଶାନ୍ତ ଦାସ, ସମିତି ସଭ୍ୟ ପ୍ରତିନିଧି ମାନସ ରଞ୍ଜନ ଜେନା ଓ ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ ପ୍ରମୁଖ ସନ୍ଧ୍ୟା ୭.୩୦ରେ ବାହାରପୁର ପଞ୍ଚାୟତ ଅଧୀନସ୍ଥ ଜଗନ୍ନାଥପୁର ଶାସନ ଗ୍ରାମରେ ପହଞ୍ଚି ଶିବରାମ ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନଙ୍କ ୯ ବର୍ଷର ଦିବ୍ୟାଙ୍ଗ ବାଳକ ସାଇରାମର ଅଧିକ ଚିକିତ୍ସା ପାଇଁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହାକୁ ନେଇ ଶିବରାମ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷା, ବିଡିଓ ଏବଂ ପଞ୍ଚାୟତ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ସିଙ୍ଗିପୁର ଗ୍ରାମର ରବି ନାରାୟଣ ଦାସ ଓ ରିତୁ ଦାସଙ୍କ ସିଙ୍ଗିପୁର ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ପୁତ୍ର ଚନ୍ଦନର ଅଧିକ ଚିକିତ୍ସା ପାଇଁ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଓ ବିଡିଓ ଡେନିସ ବେହେରାଙ୍କ ଉପସ୍ଥିତିରେ ରବି ନାରାୟଣଙ୍କୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।



# ଅସହାୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



**ସାନଖେମୁଣ୍ଡି, ୨୩।୨(ସମିସ):** ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଧରାକୋଟ ବ୍ଲକକୁ ଗୁରୁବାର '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗସ୍ତ କରିଥିଲେ। ଏହି ଅବସରରେ ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଉତ୍ତା ଜଗନ୍ନାଥପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁ ଦୂରାରୋଗୀ, ଭିନ୍ନକ୍ଷମ ଓ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିବା ନେଇ '୫-ଟି' ଅଧ୍ୟକ୍ଷଙ୍କୁ ଦୁଃଖ ଜଣାଇବା ସହ ସହାୟତା ପାଇଁ ନିବେଦନ କରିଥିଲେ। ଏହି ଘଟଣାର୨୪ ଘଣ୍ଟା ନ ପୂରୁଣୁ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ପରିଷଦ ପ୍ରତିନିଧି ଶଙ୍କର ସ୍ୱାଇଁ, ରାଧାଦେଇପୁର ସରପଞ୍ଚ ରାକେଶ ପାତ୍ର ପ୍ରମୁଖ ପ୍ରଶାନ୍ତଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସହାୟତା ରାଶି ପାଇ ପ୍ରଶାନ୍ତ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

**ବୁଗୁଡ଼ା, ୨୩।୨(ସମିସ):** ସ୍ଥାନୀୟ ସାଇ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସଭାପତି ମାନସ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ଏମଆରଟିଏସ୍ ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

# ଦୁଇ ବଖରା ଜଳିଗଲା

**ଚକାପାଦ, ୨୩।୨(ସମିସ):** ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗ୍ରାମର ଅମରସିଂ ବେହେରାଙ୍କ ଘରେ ନିଆଁ ଲାଗି ଦୁଇ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ଖଜୁରୀପଡ଼ା ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ସମିତିସଭ୍ୟଙ୍କ ପଦବୀ ରଦ୍ଦ

**ଫୁଲବାଣୀ, ୨୩।୨(ସମିସ):** ଦାରିଙ୍ଗବାଡ଼ି ସମିତି ସଭ୍ୟ ପଦ ଅଯୋଗ୍ୟ ଘୋଷିତ କରିଛନ୍ତି କନ୍ଧମାଳ ଜିଲ୍ଲାପାଳ। ଦାରିଙ୍ଗବାଡ଼ି ସମିତି ସଭ୍ୟ କାଳିପ୍ରସାଦ ମଲିକ ଗତ ନିର୍ବାଚନରେ ଭୁଲ ସତ୍ୟପାଠ ଦେଇ ନିର୍ବାଚନ ଲଢ଼ି ଜିତିଥିବା ଅଭିଯୋଗ ହୋଇଥିଲା। ଏହାର ବିଚାର କରି ବାଲିଗୁଡ଼ା ସିନିୟର ସିଭିଲ ଜଜ୍ ଦୀପଙ୍କର ପଟ୍ଟନାୟକ ସମିତି ସଭ୍ୟ କାଳିପ୍ରସାଦଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ ଦାରିଙ୍ଗବାଡ଼ି ସମିତିସଭ୍ୟ କାଳିପ୍ରସାଦ ମଲିକ ପରିବାରର ସଦସ୍ୟଙ୍କୁ ନେଇ ଭୁଲ ତଥ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଇ ନିର୍ବାଚନ ଲଢ଼ିଥିଲେ। ଏନେଇ ଚକ୍ରଧର ମଲିକ ନାମକ ଜଣେ ବ୍ୟକ୍ତି ସମିତି ସଭ୍ୟ କାଳିପ୍ରସାଦଙ୍କ ୨ଟି ସ୍ତ୍ରୀ ଓ ୫ଟି ସନ୍ତାନ ଥିବା ନେଇ ମାର୍ଚ୍ଚ ୨୦୨୨ରେ ବାଲିଗୁଡ଼ା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚଳିତ ମାସ ୭ ତାରିଖରେ କୋର୍ଟ ବିଚାର କରି ସମିତିସଭ୍ୟ କାଳି ପ୍ରସାଦ ମିଥ୍ୟା ସତ୍ୟପାଠ ଦେଇ ନିର୍ବାଚନ ଲଢି ଜିତିଥିବାରୁ ତାଙ୍କୁ ଅଯୋଗ୍ୟ ବିଚାର କଲେ। କୋର୍ଟଙ୍କ ଆଦେଶ ଆଧାରରେ ଗତ ମଙ୍ଗଳବାର ସମିତି ସଭ୍ୟ କାଳିପ୍ରସାଦଙ୍କୁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପଦଚ୍ୟୁତ କରିଥିବା ସୂଚନା ଦେଇଛନ୍ତି।

# ସାନଖେମୁଣ୍ଡି ବ୍ଲକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ



**ସାନଖେମୁଣ୍ଡି,୨୩।୨(ସମିସ):** ସାନଖେମୁଣ୍ଡି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୨ଟି ଲକ୍ଷ୍ମୀ ବସ୍ ପହଞ୍ଚିବା ପରେ ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଗୋଟିଏ ବସ୍ ସାନଖେମୁଣ୍ଡିରୁ ବାହାରି ପାଟପୁର, ରାଧାଦେଇପୁର, ଏରେଣ୍ଡ୍ରା, ଖଲିଙ୍ଗି, ଦୟାନିଧିପୁର ଆଡପଡ଼ା, କଉଡ଼ିଆ, କଙ୍କୋରଡ଼ା ଦେଇ ଯାତାୟାତ କରିବ। ଅନ୍ୟ ଏକ ବସ୍ ସାନଖେମୁଣ୍ଡିରୁ ବାହାରି ଗଙ୍ଗାପୁର, ପଦ୍ମପୁର, ପୋଡ଼ାମାରି, ପଟିଗୁଡା, କଂସାମାରି, ଟି.ଗୋବିନ୍ଦପୁର, ଛଣମେରି, ସିଙ୍ଗିପୁର ଦେଇ ଯାତାୟାତ କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ବୈଜୟନ୍ତୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାୟକ, ବିପିଶି ଦୁର୍ଯ୍ୟୋଧନ ମଲ୍ଲିକ, ବିପିଏମ୍ ନରେନ୍ଦ୍ର ତ୍ରିପାଠୀ, ଜିଲ୍ଲା ପରିଷଦ ପ୍ରତିନିଧି ଶଙ୍କର ସ୍ୱାଇଁ, ସରପଞ୍ଚ ଯାଗିଲି ସେଠୀ, ତପନ ସେଠୀ, ରାକେଶ ପାତ୍ର ଓ ସମିତି ସଭ୍ୟଙ୍କ ସମେତ ଏମବିକେ ଲକ୍ଷ୍ମୀ ଗୌଡ଼, ସ୍ୱପ୍ନା କୁମାରୀ ଗୌଡ଼, ସୁଚିତ୍ରା ପାଣିଗ୍ରାହୀଙ୍କ ସହ ବ୍ଲକର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସାନଖେମୁଣ୍ଡିରେ ଆଉ ୪ଟି ବସ୍ ଖୁବ୍‌ଶୀଘ୍ର ପହଞ୍ଚିବ ବୋଲି ବିଡିଓ କହିଛନ୍ତି।

# ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ପୁରୁଷୋତ୍ତମପୁର, ୨୩।୨(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୀମପୁର ପଞ୍ଚାୟତର ଚାଟମଣ୍ଡଳୀ ଗ୍ରାମର ଆରଡ଼ି ରାସ୍ତା ଚାଟମଣ୍ଡଳୀଠାରୁ ସାରିଆବନ୍ଧ ରାସ୍ତା ଭାୟା ପିଲାଖାଇ ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉତ୍ସବରେ ଭୀମପୁର ସରପଞ୍ଚ ମାମାଲି ଦାସ, ସମିତି ସଭ୍ୟ ଜଗନ୍ନାଥ ପାତ୍ର, ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଭି ଏସ ରାଓ, କନିଷ୍ଠ ଯନ୍ତ୍ରୀ ଲୋକନାଥ ନାୟକ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦଇତାରି ବେହେରା, ଭୀମପୁର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଅତିଥି ଭାବେ ଯୋଗଦେଇଥିଲେ।



# ଶିକ୍ଷାବିତ୍ ଗୁରୁମୂର୍ତ୍ତିଙ୍କ ପରଲୋକ

**ବେଲଗୁଣ୍ଠା, ୨୩।୨(ସମିସ):** ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଡଃ. ଗୁରୁମୂର୍ତ୍ତି ନାୟକଙ୍କ ଶୁକ୍ରବାର ଭୋରରେ ପରଲୋକ ଘଟିଛି। ସେ ବେଲଗୁଣ୍ଠା ମହାବିଦ୍ୟାଳୟରେ ଓଡ଼ିଆ, ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଗତ କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶୁକ୍ରବାର ଭୋର୍‌ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ନିଜ ଗ୍ରାମ ଜାଲଖାଇରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ, ସାହିତ୍ୟିକ, କବି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି, ଉପସଭାପତି ପ୍ରଭାତ କୁମାର ସାହୁ, ସହ ସମ୍ପାଦକ ସରୋଜ ଶତପଥୀ, କୋଷାଧ୍ୟକ୍ଷ ବିଭୁପାଦ ଜେନାଙ୍କ ସମେତ ସମସ୍ତ ସଦସ୍ୟ, କଲେଜ ଅଧ୍ୟକ୍ଷ ଅଜିତ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ସହକର୍ମୀ, ବେଲଗୁଣ୍ଠା ଅଞ୍ଚଳର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ଛାତ୍ରଛାତ୍ରୀ ତଥା କ୍ଲବ ୯ ୯ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



**ବୁଗୁଡ଼ା, ୨୩।୨(ସମିସ):** ସ୍ଥାନୀୟ ଏନ୍‌ଏସି କଲ୍ୟାଣୀ ମଣ୍ଡପ ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କିଶୋରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା ଭାବେ ସମିତା ଜେନା, ଦିବ୍ୟାନୀ ସାହୁ ଓ ପୂଜାରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏ.କରଡ଼ାବାଡ଼ି, ବାଲିପଦର, ଅନ୍ତରପଡ଼ା ଓ କାନସୁକା ସେକ୍ଟରର କିଶୋରୀମାନଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବିଇଓ ଚିନ୍ମୟ ମହାପାତ୍ର ଉଦଘାଟନ କରିଥିବା ବେଳେ ଏଥିରେ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି, ଲିଲି ଶବର, ସ୍ୱର୍ଣ୍ଣମୟୀ ନାୟକ ଓ ମମତା ଶବର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ବିଭିନ୍ନ କେନ୍ଦ୍ରର ଅଙ୍ଗନବାଡି କର୍ମୀମାନେ ସହଯୋଗ କରିଥିଲେ।

# ମହିଳା ଗୋଷ୍ଠୀ ପାଣ୍ଠି ପ୍ରଦାନ କାର୍ଯ୍ୟକ୍ରମ




**ଆସିକା, ୨୩।୨(ସମିସ):** ଶୁକ୍ରବାର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବାବନପୁର ଠାରେ ଥିବା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆତ୍ମା ଯୋଜନା ଅଧୀନରେ ବିଭାଗ ତରଫରୁ ୨୦୨୩-୨୪ ବର୍ଷ ପାଇଁ ସିଡମନି ମହିଳା ଗୋଷ୍ଠୀ ମାନଙ୍କ ମଧ୍ୟରେ ପ୍ରତି ଦଳ ପିଛା ଦଶ ହଜାର ଟଙ୍କାର ସମୁଦାୟ ୧୦ଟି ଦଳ ମଧ୍ୟରେ ଚେକ୍ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ୍ ବିଜେଡି ସଭାପତି ନଚିକେତା ସ୍ୱାଇଁ ଯୋଗଦେଇ ମହିଳା ଗୋଷ୍ଠୀ କୃଷି କ୍ଷେତ୍ରରେ ଅଗ୍ରଗତି ସହ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ସହ ବିକାଶର ସାଥୀ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିକା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ସଂଯୋଜନା କରିଥିଲେ। ଶୁଭ୍ରତା ମିଶ୍ର ସହକାରୀ କୃଷି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମତ୍ସ୍ୟଜୀବୀ ସଚେତନତା ଶିବିର




**ରଙ୍ଗେଇଲୁଣ୍ଡା, ୨୩।୨(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ମାର୍କଣ୍ଡି ଗ୍ରାମରେ ମତ୍ସ୍ୟ ବିଭାଗ ପକ୍ଷ୍ୟରୁ ସାମୁଦ୍ରିକ ମତ୍ସ୍ୟଜୀବୀ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମାର୍କଣ୍ଡି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମ ସାମୁଦ୍ରିକ ଶାଖାର ସହକାରୀ ମତ୍ସ୍ୟ ଅଧିକାରୀ କୁଞ୍ଜ ବିହାରୀ ଦାସ ଯୋଗ ଦେଇଥିଲେ। ସାମୁଦ୍ରିକ ମତ୍ସ୍ୟଜୀବୀ ମାନଙ୍କୁ ମିଳୁଥିବ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଡାଙ୍ଗ କୋଲର, ସମସ୍ତ ଡ଼ଙ୍ଗା ପଞ୍ଜିକରଣ, ନିୟମିତ ମାଛ ମାରିବା ପାଇ ଲାଇସେନ୍ସର ନବୀକରଣ ପାଇଁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ଏଥିସହ ସମୁଦ୍ରରେ ମାଛ ମାରିବା ସମୟରେ ସତର୍କତା ସମ୍ପର୍କରେ ସେ ସଚେତନ କରିଥିଲେ। ଏହି ଅବସରରେ ବି. ରାମାୟା, ଏରେୟା, ଜାଗରାଜୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଶିଶୁମନ୍ଦିର ଶିକ୍ଷାଳୟ ଗୃହ ପ୍ରତିଷ୍ଠା

**ରମ୍ଭା, ୨୩।୨(ସମିସ)**



ସ୍ଥାନୀୟ ରାମଗଡ଼ ପଞ୍ଚାୟତସ୍ଥିତ ରଘୁନାଥପୁର ଗ୍ରାମରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଶିକ୍ଷାଳୟ ପ୍ରତିଷ୍ଠା ହୋଇଯାଇଛି। କର୍ତ୍ତା ଭାବେ ସୁରେନ୍ଦ୍ର ପଣ୍ଡା ଓ କୁନି ପଣ୍ଡା କାର୍ଯ୍ୟ ସଂପାଦନା କରିଥିବା ବେଳେ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ମାର୍ଗଦର୍ଶନ କ୍ରମେ କାର୍ଯ୍ୟ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଛତ୍ରପୁର ବିଧାୟକ ସୁବାସ ବେହେରା, ପ୍ରାକ୍ତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଦିଗପହଣ୍ଡି ହରପ୍ରିୟା ଆଶ୍ରମର ସନ୍ଥ ଯୋଗୀ ଦେବଦତ୍ତ ମହାରାଜ, କୋରାପୁଟର ବିଶିଷ୍ଟ ସମାଜସେବୀ ଡଃ. ଜଳେନ୍ଦ୍ର ତ୍ରିପାଠୀ, ସମାଜସେବୀ ବନମାଳୀ ସେଠୀ, ସମାଜସେବୀ ଲକ୍ଷ୍ମୀ ପାଢ଼ୀ, ପୂର୍ବତନ ଯନ୍ତ୍ରୀ ବିନୋଦ ପାଢ଼ୀ, ବ୍ରହ୍ମପୁରର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସତୀଶ ମହାପାତ୍ର, ଶିଶୁ ଶଲ୍ୟ ବିଶେଷଜ୍ଞ ଡ. ମାନସ ରଞ୍ଜନ ଦାସ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଶ୍ୱିନୀ କୁମାର ବେହେରା, ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥୀ ବେହେରା, ଗଞ୍ଜାମ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଆଦିତ୍ୟ ବିର୍ଲା ଗ୍ରାସିମ ପରିଚାଳକ ଅଜୟ ଗୁପ୍ତା, ଗୋପାଳପୁର ପୋର୍ଟର ଅଧିକାରୀ ଅଜୟ କୁମାର ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଶିକ୍ଷା ଗୁରୁ ନିରଞ୍ଜନ ମୁଦୁଲି, ମନ୍ମଥ ନାୟକ, ଶଙ୍କର ନାରାୟଣ ବେଜ, ସୁଧାକର ରାଓ ପ୍ରମୁଖ ଉପସ୍ଥିତ ରହି ଆଶୀର୍ବାଦ କରିଥିଲେ। କାର୍ଯ୍ୟକ୍ରମ ସଂଚାଳନ ଦାୟିତ୍ୱ ଆଲପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା ଓ ରବୀନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ସ୍ୱସ୍ତି ସୁନ୍ଦର ସଂଯୋଜନା କରିଥିଲେ। ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. ସୁଦାମ ସାହୁ, ମହାନ୍ ସଂଘ ସଭାପତି ସୁଶାନ୍ତ ସାବତ, ରଞ୍ଜନ ନାହାକ, ପୂର୍ବତନ ସରପଞ୍ଚ ଜୟଶେନ ପ୍ରଧାନ, ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ସମାଜସେବୀ ଯଯାତି କେଶରୀ ନାୟକ, ସମାଜସେବୀ ଶିବ ପ୍ରସାଦ ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମହାରଥୀ, ଦୀପା ସାହୁ, ଗୁରୁବାରୀ ବେହେରା, ସ୍ୱପ୍ନାରାଣୀ ପାତ୍ର, ପ୍ରମୋଦ ବାରିକ, ଦେବାଶିଷ ବେହେରା, ମନୋଜ କୁମାର ପାଢ଼ୀ, ମାମାଲି ସାହୁ, ରୂପାଲି ମୁଦୁଲି, ସୁଦେଷ୍ଣା ପାଣିଗ୍ରାହୀ, ସୋନିଆ ଦେବୀ ପ୍ରମୁଖ ସହଯୋଗ କରିଥିଲେ।

## • ମେସିନରୁ ବାହାରିଲାନି ଏଟିଏମ୍ କାର୍ଡ

# ମହିଳାଙ୍କ ଆକାଉଣ୍ଟରୁ ଟଙ୍କା କାଢ଼ିନେଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୨୩।୨(ସମିସ):** ଟଙ୍କା ଉଠାଇବାକୁ ଏଟିଏମକୁ ଗଲେ। ମେସିନ ଭିତରେ ଏଟିଏମ କାର୍ଡ ପୁରାଇଲେ। ହେଲେ ଟଙ୍କା ଉଠିଲା ନାହିଁ କିମ୍ବା ମେସିନ ଭିତରୁ କାର୍ଡଟି ବାହରିଲା ନାହିଁ। ଆଉ କିଛି ସମୟ ପରେ ଆକାଉଣ୍ଟରୁ ଟଙ୍କା କଟିଗଲା। ବ୍ରହ୍ମପୁର ସହରରେ ଏଭଳି ଟିଏମ କାର୍ଡ ଠକେଇ ଘଟଣା ସମ୍ନାକୁ ଆସିଛି।

ସୂଚନାପ୍ରକାରେ, ଶର୍ମିଷ୍ଠା ପାଢୀ ନାମକ ଜଣେ ମହିଳା ଆଜି ସକାଳୁ ବିଜିପୁର ସ୍ଥିତ କାନାରା ବ୍ୟାଙ୍କ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେ ନିଜ ଆକ୍ସିସ ବ୍ୟାଙ୍କ ଏଟିଏମ କାର୍ଡକୁ କାନାରା ବ୍ୟାଙ୍କ ଏଟିଏମ ମେସିନ ଭିତରେ ପୁରାଇବା ସହ ୩୧୦୦ ଟଙ୍କା ଉଠାଇବାକୁ ପିନ ନମ୍ବର ଟିପିଥିଲେ। ହେଲେ ମେସିନରୁ ଟଙ୍କା ଉଠିନଥିଲା। ଏପରିକି ନିଜର ଆକ୍ସିସ ବ୍ୟାଙ୍କ କାର୍ଡ ମଧ୍ୟ ବାହାରକୁ ବାହାରିନଥିଲା। ବହୁ ସମୟ ଅପେକ୍ଷା ଓ ଚେଷ୍ଟା କରିବା ପରେ ମଧ୍ୟ ମହିଳା ଜଣଙ୍କ ମେସିନ ଭିତରୁ ନିଜ ଏଟିଏମ କାର୍ଡ ଫେରି ପାଇନଥିଲେ। ସକାଳ ସମୟ ହୋଇଥିବାରୁ ଅନ୍ୟ ଉପାୟ ନପାଇ ସେ ଘରକୁ ଫେରି ଆସିଥିଲେ। ବ୍ୟାଙ୍କ ଖୋଲିବା ପରେ ମହିଳା ଜଣଙ୍କ ବ୍ୟାଙ୍କୁ ଯାଇ ଏ ବିଷୟରେ ପଚାରିଥିଲେ। ହେଲେ ମ୍ୟାନେଜର ଆସିବା ପରେ ଯାହା ଜଣାପଡ଼ିବ ବୋଲି ବ୍ୟାଙ୍କ କର୍ମଚାରୀ କହିଥିଲେ। ଏହାପରେ ଦିନ ୧ ଟା ବେଳେ ମହିଳା ଜଣଙ୍କ ପୁଣିଥରେ ବ୍ୟାଙ୍କକୁ ଯାଇଥିଲେ। ସେତେବେଳେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ଏଟିଏମ କାର୍ଡଟି ସେଠାରୁ ଚୋରି ହୋଇଯାଇଛି। ଏ ନେଇ ପୁଲିସ ନିକଟରେ ଅଭିଯୋଗ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ସେହିକ୍ରମରେ ମହିଳା ଜଣଙ୍କ ଟାଉନ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଯାଞ୍ଚ ବେଳେ କିଛି ଦୁର୍ବୃତ୍ତ ଏଟିମକୁ ଯାଇ ସନ୍ଦେହଜନକ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ଦୁର୍ବୃତ୍ତମାନେ ଏଟିଏମରୁ ମହିଳାଙ୍କ କାର୍ଡକୁ କୌଶଳକ୍ରମରେ ଚୋରି କରି ନେବା ପରେ ପରବର୍ତ୍ତୀ ସମୟରେ ୩୧୦୦ ଟଙ୍କା ଉଠାଇଥିବା ଜଣାପଡ଼ିଛି। ସନ୍ଦେହଘେରକୁ ଆସିଥିବା ଯୁବକଙ୍କୁ ଚିହ୍ନଟ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି। ସେହିପରି ସହରର ଅନ୍ୟାନ୍ୟ ଏଟିଏମରୁ ମଧ୍ୟ ଏଭଳି ସମାନ ଧରଣର ଘଟଣା ଘଟିଥିବା ଶୁଣିବାକୁ ମିଳିଛି।

ଯୁବତୀଙ୍କୁ ପ୍ରତାରଣା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ଫୁଲବାଣୀ,୨୩।୨(ସମିସ):** ପ୍ରଥମେ ପ୍ରେମ, ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା। ଧୋକ୍କା ଦେଇ ଫେରାର ହୋଇଯାଇଛି ପ୍ରେମିକ। ଗତ ୨୩ ଜାନୁଆରୀରେ ଏନେଇ ଖଜୁରୀପଡ଼ା ଥାନାରେ ଏତଲା ହୋଇଛି। ଅଭିଯୋଗ ହେବାର ଗୋଟିଏ ମାସ ବିତି ଯାଇଥିଲେ ସୁଦ୍ଧା ଫେରାର ପ୍ରେମିକକୁ ପୁଲିସ ଗିରଫ କରିବାର ସଫଳ ହୋଇନାହିଁ। ଶେଷରେ ଶୁକ୍ରବାର କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏକ ଦରଖାସ୍ତ ପ୍ରଦାନ କରିଛି ପ୍ରେମିକା ଜଣକ। ଅଭିଯୋଗ ଅନୁଯାୟୀ, ନବଗୁବା ଗ୍ରାମର କାହ୍ନୁ ନାୟକଙ୍କ ସହ ଜନୈକା ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୭ ମାସର ଗର୍ଭଧାରଣ କରିବାରୁ ପ୍ରେମିକା ବିବାହ କରିବାକୁ ପ୍ରେମିକକୁ କହିଥିଲେ। କିନ୍ତୁ ସେ ଔଷଧ ଦେଇ ଗର୍ଭ ନଷ୍ଟ କରିବା ଉଦ୍ୟମ କରିଥିଲା। ପରେ ପ୍ରେମିକା ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ନବଜାତ ଶିଶୁକୁ ଧରି ପ୍ରେମିକ ଘରକୁ ଯାଇ ବିବାହ କରିବାକୁ କହିଥିଲେ। କିନ୍ତୁ ପ୍ରେମିକ ଅସ୍ୱୀକାର କରିବା ସହିତ ତାଙ୍କୁ ଜୀବନରେ ମାରି ଦେବାର ଧମକ ଦେବାରୁ ପ୍ରେମିକା ବାଧ ହୋଇ ୨୩ ଜାନୁଆରୀରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ଖଜୁରୀପଡ଼ା ପୁଲିସ ୧୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ପ୍ରେମିକ ଫେରାର ଥିବାରୁ ତାଙ୍କ ବାପାଙ୍କୁ ଥାନାକୁ ନେଇ ପୁଲିସ ଆଲୋଚନା କରି ଛାଡ଼ିଥିଲା। ଶୁକ୍ରବାର ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କୁ ସାକ୍ଷାତ କରି ପୀଡ଼ିତା ନ୍ୟାୟ ପାଇଁ ଗୁହାରି କରିଛନ୍ତି। ୧୫ ଦିନ ଭିତରେ ଦୋଷୀକୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଆଶ୍ୱାସନା ଦେଇଛନ୍ତି।

# ପୂର୍ବତନ କାଉନସିଲରଙ୍କ ଦେହାନ୍ତ, ବିଭିନ୍ନ ମହଲରେ ଶୋକ



**ବେଲଗୁଣ୍ଠା,୨୩।୨(ସମିସ):** ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ୯ନମ୍ବର୍ ୱାର୍ଡର ପୂର୍ବତନ କାଉନସିଲର୍ ରମାଦେବୀ ସିଅଙ୍କ ଗତ ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ୨୦୧୪ ରୁ ୨୦୧୯ ମସିହା ପର୍ଯ୍ୟନ୍ତ କଂଗ୍ରେସ ଟିକେଟରେ ଲଢ଼ି ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ନଅ ନମ୍ବର୍ ୱାର୍ଡର କାଉନସିଲର୍ ଭାବେ ନିର୍ବାଚିତ ହୋଇଥିଲେ। ମୃତ୍ୟୁ ବେଳକୁ ସ୍ୱାମୀ ରାମଚନ୍ଦ୍ର ସିଅ, ପୁଅ ସତ୍ୟନାରାୟଣ ସିଅ, ମିଥୁନ୍ ସିଅ, ଝିଅ ଜାନକୀ, ଜ୍ୱାଇଁ ଏବଂ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଆଜି ସକାଳେ ବେଲଗୁଣ୍ଠା ଗ୍ରାମ ଶ୍ମଶାନରେ ରମାଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନପୁଅ ମିଥୁନ୍ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ବେଲଗୁଣ୍ଠାରେ ଶୋକର ଛାୟା ଖେଳିଯାଇଛି।

# ଏନବିଡବ୍ଲୁ ବଳରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୩।୨(ସମିସ):** ଏକ ଡକାୟତି ମାମଲାରେ ସମ୍ପୃକ୍ତ ରହି ଦୀର୍ଘବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତକୁ ବଡ଼ ବଜାର ଥାନା ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ମନୋଜ ଡାକୁଆ ଅରଫ ମୁନା(୩୦)। ସୂଚନାଯୋଗ୍ୟ ଯେ, ୨୦୦୯ ମସିହାରେ ଏକ ଡକାୟତି ମାମଲାରେ ପୁଲିସ ଅଭିଯୁକ୍ତ ମୁନାକୁ ଗିରଫ କରିଥିଲା। ପରେ ସେ ଜାମିନ ଆସି ବିଚାରଣା ବେଳେ କୋର୍ଟରେ ହଜାର ହୋଇନଥିଲେ। ମୁନା କୋର୍ଟର ଆଦେଶକୁ ଅବମାନନା କରିବା ସହ ଦୀର୍ଘ ବର୍ଷ ଧରି ଫେରାର ରହିଥିଲା। ଫଳରେ କୋର୍ଟ ଅଭିଯୁକ୍ତ ମୁନାଙ୍କ ନାଁରେ ଏନବିଡବ୍ଲୁ ୱାରେଣ୍ଟ ଜାରି କରିଥିଲା। ସେହିକ୍ରମରେ ଗୁରୁବାର ରାତିରେ କୌଣସି ସୂତ୍ରରୁ ବଡ଼ ବଜାର ଥାନା ପୁଲିସ ଅଭିଯୁକ୍ତ ମୁନାକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ବିଶ୍ୱ ରୋଟାରୀ ଦିବସ ପାଳିତ

**ବ୍ରହ୍ମପୁର,୨୩।୨(ସମିସ):** ସ୍ଥାନୀୟ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ପକ୍ଷରୁ ଶୁକ୍ରବାର ବିଶ୍ୱ ରୋଟାରୀ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ କ୍ଲବ ପକ୍ଷରୁ ଏକ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ ହୋଇ ବ୍ରହ୍ମପୁର ଆଇଟିଆଇ ନିକଟ ଦେଇ ପ୍ରେମ ନଗର ସ୍ଥିତ ରୋଟାରୀ ଇଷ୍ଟ ହଲ ନିକଟରେ ଶେଷ ହୋଇଥିଲା। ସେହିପରି ସନ୍ଧ୍ୟାରେ ଇଷ୍ଟ ରୋଟାରୀ କ୍ଲବ ନିକରୁ ହନୁମାନ ବଜାର ପର୍ଯ୍ୟନ୍ତ ଏକ କ୍ୟାଣ୍ଡଲ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ପ୍ରଦ୍ୟାମ୍ନ ବିଷୋୟୀ, ସମ୍ପାଦକ ମଧୁସ୍ମିତା ସାହୁଙ୍କ ସମତେ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା

# ବେସାହାରା ପରିବାରକୁ ମିଳିଲା ସହାୟତା

**ପାତ୍ରପୁର,୨୩।୨(ସମିସ)**



ଜରଡ଼ା ଥାନା ଆଙ୍କୁଲି ପଞ୍ଚାୟତ ଅନ୍ତର୍ଗତ ହଳଦିବାଡ଼ ଗ୍ରାମରେ ଗୁଣି ଗାରେଡ଼ି ସନ୍ଦେହରେ ଘରୁ ଟାଣି ନେଇ ଗୁରୁବାରିଆ ଡାକୁଆଙ୍କୁ ଭାବେ ହତ୍ୟା କରି ପୋଡି ଦିଆଯାଇଥିଲା। ହତ୍ୟାକାଣ୍ଡ ଦେଖି ତାଙ୍କ ପତ୍ନୀ ଓ ଝିଅ ମାନେ ନିକଟସ୍ଥ ଜଙ୍ଗଲ ପଥରେ ଲୁଚି ତିତିରିସିଙ୍ଗି ପହଞ୍ଚି ଫୋନ ଯୋଗେ ପରଦିନ ସୂଚନା ଦେବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା। ତାହା ପରେ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ପୁଲିସ ଆକ୍ରମଣର ଶିକାର ହୋଇ ଭୟରେ ତିତିରିସିଙ୍ଗି ଗ୍ରାମରେ ଆଶ୍ରୟ ନେଇଥିବା ପରିବାର ପାଖରେ ପହଞ୍ଚି ବୟାନ ରେକଡର୍ କରିଥିଲେ। ପତ୍ନୀ ଶ୍ରୀମନ୍ତିଙ୍କ ଅଭିଯୋଗ ପରେ କୋଡିଏରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଗୁରୁବାରିଆଙ୍କ ପତ୍ନୀ ଏବଂ ୭ ଝିଅ ମାନେ ଅସହାୟ ଅବସ୍ଥାରେ ତିତିରିସିଙ୍ଗି ଜଣ ସମ୍ପର୍କୀୟଙ୍କ ଘରେ ଭୟରେ ଆଶ୍ରୟ ନେଇଥିବା ବେଳେ ଦୁଃଖ କଷ୍ଟରେ ଜୀବନ ବିତାଉଥିଲେ। ଯାହାକୁ ନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ପାଦକ ପାତ୍ରପୁର ତାଲୁକ୍ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ, ବିଡ଼ିଓ ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ପତ୍ର ଲେଖି ଦୁଇସପ୍ତାହ ମଧ୍ୟରେ ଘଟଣା ସମ୍ପର୍କରେ ବୁଝି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପାତ୍ରପୁର ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ବିଚାରପତି କ୍ରିଷ୍ଣା ମିଶ୍ର ଅସହାୟ ପରିବାର ସମ୍ପର୍କରେ ମୃତକଙ୍କ ବିଧବା ପତ୍ନୀ ଶ୍ରୀମନ୍ତିଙ୍କୁ ପରିବାର ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଏହି ଘଟଣା ଜାଣିବା ପରେ ସାମ୍ବାଦିକ ରାଜ ଗୋପାଳ ପାଢ଼ୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଜଣାଇବା ପରେ ଶ୍ରୀମନ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ତିରିଶି ହଜାର ଟଙ୍କା ତୁରନ୍ତ ପ୍ରଦାନ ପାଇଁ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବଣ୍ଟନ ବେଳେ ବ୍ଲକ କର୍ମଚାରୀ ରାମଚନ୍ଦ୍ର ନାୟକ, ପ୍ରଣତି ପୁରୋହିତ, ଉପେନ୍ଦ୍ର ବେହେରା, ସ୍ନେହାସିଷ ପଟ୍ଟନାୟକ, ରବର୍ଟ ପ୍ରଧାନ, ଶୁଭ୍ରାଂଶୁ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ସାବିତ୍ରୀ ମହିଳା କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ | ଛାତ୍ର ଜୀବନ ଆଉ ଫେରେନି: ଅର୍ଥମନ୍ତ୍ରୀ



**ଭଞ୍ଜନଗର,୨୩।୨(ସମିସ):** ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ନୂତନ ଶୈକ୍ଷିକ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ ଓ ନୂଆ-ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିଲେ। ନୂଆ-ଓ''ର ପିଲାମାନେ ସୁଯୋଗ ନେବା ଜରୁରୀ। ଛାତ୍ର ଜୀବନ ଆଉ କେବେ ଫେରେନି ବୋଲି କହିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ମଲ୍ଲିକ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭଞ୍ଜନଗର ଏନଏସି ନଗରପାଳ ଗୋପବନ୍ଧୁ ମହାପାତ୍ର, ଉପନଗରପାଳ ଶୁଭଶ୍ରୀ ଦାସ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ରାଜେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ବିଷୋୟୀ ଆଦି ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁପ୍ରଭା ବେହେରା। କଲେଜର ସୁଭାଷିନୀ ଦେବୀ, ଉର୍ମିଳା ପାଟ୍ଟଯୋଶୀ, ସଂଯୁକ୍ତା ପଟ୍ଟନାୟକ, ଅମୂଲ୍ୟ ଶତପଥି, ବିରଞ୍ଚି ଆଚାର୍ଯ୍ୟ, ପ୍ରେମଚାନ୍ଦ ମଲ୍ଲିକ, ମୋନାଲିସା ସାହୁ, ଶ୍ରୀୟା ପ୍ରଧାନ, ହେମଲତା ଭୋଇ, ସନ୍ତୋଷ ମହାନ୍ତି,ଜୟ ଲକ୍ଷ୍ମୀ ରଥ, ରଶ୍ମିତା ବେହେରା, ପୀଯୂଷ ସ୍''ାଇଁ, ପଙ୍କଜ ଦାସ, ସନ୍ତୋଷ ଆଚରି, ପ୍ରଭାତୀ ମିଶ୍ର, ସସ୍ମିତା ମିଶ୍ର, ଅରବିନ୍ଦ ଦାସ ଆଦି ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

# ରକ୍ତଦାନକରି ଜୀବନ ବଞ୍ଚାଇଲେ ଟ୍ରାଫିକ୍ କନଷ୍ଟେବଳ ଦେବେନ୍ଦ୍ର

**କୁକୁଡ଼ାଖଣ୍ଡି,୨୩।୨(ସମିସ):** ବ୍ରହ୍ମପୁର ବଡ଼ ମେଡ଼ିକାଲରେ ସନ୍ତୋଷ କୁମାର ରାଉଳଙ୍କ ପାଇଁ ଓ-ପିଜିଟିଭ ରକ୍ତର ଆବଶ୍ୟକତା ପଡ଼ିଥିଲା। କୌଣସି ସୂତ୍ରରୁ ଖବର ପାଇ ବ୍ରହ୍ମପୁର ସହରର ଟ୍ରାଫିକ ପୁଲିସରେ କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଳ ଏ. ଦେବେନ୍ଦ୍ର ରାଓ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିବା ପରେ ତୁରନ୍ତ ବଡ଼ ମେଡ଼ିକାଲ ଯାଇ ଉକ୍ତ ବ୍ୟକ୍ତିଙ୍କୁ ନିଜର ଓ-ପିଜିଟିଭ ରକ୍ତ ପ୍ରଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ଏହି ଟ୍ରାଫିକ କନଷ୍ଟେବଳ ଅସହାୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇଁ ସବୁବେଳେ ସଜାଗ ରହିଥାନ୍ତି। ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିବା ସହ ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ପାଇଁ ସବୁବେଳେ ତତ୍ପର ରହିଥାନ୍ତି।



# ମନ୍ଦିରରେ ମାନସିକଧାରୀଙ୍କ ଆତ୍ମହତ୍ୟା

**ହୁମ୍ମା,୨୩।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାତୁଳି ଗ୍ରାମସ୍ଥିତ ବାବା ମକରେଶ୍ୱର ଶୈବପୀଠରେ ମାନସିକଧାରୀ ବୃଦ୍ଧ ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଖଜୁରିଆପଲିର ଯୋଗେନ୍ଦ୍ର ପ୍ରଧାନ(୫୬)। ମନ୍ଦିର ପୂଜାରୀ ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା କରିବାକୁ ଆସିଲା ବେଳେ ଯୋଗେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଲେ। ଖବର ପାଇ ସ୍ତ୍ରୀ କୁନ୍ତୀ ପ୍ରଧାନ ଓ ପରିବାରବର୍ଗ ଘଟଣାସ୍ଥଳକୁ ଆସିଥିଲେ। ରମ୍ଭା ଆଇଆଇସି ସତ୍ୟବ୍ରତ ଭୁତୀୟାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିମଳ କହଁର ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି।

# ପୂର୍ବତନ ବାୟୁ ସେନା ଅଧିକାରୀଙ୍କ ପରଲୋକ

**ଦିଗପହଣ୍ଡି,୨୩।୨(ସମିସ):** ଦିଗପହଣ୍ଡି ସହର ଅନ୍ନପୂର୍ଣ୍ଣା ସାହି ବାସିନ୍ଦା ପୂର୍ବତନ ବାୟୁ ସେନା ଅଧିକାରୀ ପ୍ରଣବ କୁମାର ପଣ୍ଡା (୫୭)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଯକୃତ ସଂକ୍ରମଣ ରୋଗରେ ପୀଡିତ ହୋଇ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଦିଗପହଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ହରିକୃଷ୍ଣ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର। ଜଣେ ପରୋପକାରୀ, ମେଳାପୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟେକ୍ଷ ଭାବେ ଜଡିତ ରହିଥିବା ପ୍ରଣବଙ୍କ ବିୟୋଗ ଖବର ପହଞ୍ଚିବା ମାତ୍ରେ ଦିଗପହଣ୍ଡିରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କରି ବିୟୋଗରେ ଦିଗପହଣ୍ଡି ଏନ୍‌ଏସି ନଗରପାଳ ପ୍ରଫୁଲ ପଣ୍ଡାଙ୍କ ସମେତ ସୂର୍ଯ୍ୟ ନାରାୟଣ ପଣ୍ଡା, ହରିକୃଷ୍ଣ ସାହୁ, ପି. ଗୋବିନ୍ଦ ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଆର୍ଯ୍ୟପଲ୍ଲୀ ହାଇସ୍କୁଲରୁ ପୁଣି ଚୋରି

**ଛତ୍ରପୁର,୨୩।୨(ସମିସ):** ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧୀନ ଆର୍ଯ୍ୟପଲ୍ଲୀ ହାଇସ୍କୁଲରେ ପୁଣି ଲକ୍ଷାଧିକ ଟଙ୍କାର ୩ଗୋଟି କମ୍ପ୍ୟୁଟର ସିଷ୍ଟମ୍ ଚୋରି ହୋଇଛି। ଗତ ୧୧ ତାରିଖଠୁ ଆଜି ପର୍ଯ୍ୟନ୍ତ ପ୍ରାୟ ୪ଥର ସ୍କୁଲରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ୧୧ତାରିଖରେ ଗୋଟିଏ ସିସି କ୍ୟାମେରା ଭାଙ୍ଗିଥିବା ବେଳେ ଆଉ ଗୋଟିଏ କ୍ୟାମେରା ଚୋରି କରି ନେଇଥିଲେ। ସେହିପରି ୨୨ ତାରିଖରେ ଆଉ ୨ଗୋଟି ସିସି କ୍ୟାମେରା ଚୋରି ହୋଇଥିଲା ଏବଂ ୨୩ ତାରିଖ ରାତିରେ ୩ ଗୋଟି କମ୍ପ୍ୟୁଟର ସିଷ୍ଟମ୍ ଚୋରି ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରାୟଙ୍କ ଅଭିଯୋଗ କ୍ରମେ ସାମୁଦ୍ରିକ ଥାନା ଅଧିକାରୀ ଓ ତାଙ୍କରି ଟିଏମ୍ ଆଜି ସ୍କୁଲରେ ପହି ତଦନ୍ତ ଜାରି ରଖିଥିଲେ। କିଛି ପିଲାଙ୍କୁ ଅଟକ ରଖି ଘଟଣା ସଂପର୍କରେ ଛାନଭିନ୍ ଚଳାଇଥିବା ସୂଚନା ମିଳିଛି।

# ପୋଲସରାରୁ ଗଡ଼ିଲା 'ଲକ୍ଷ୍ମୀ' ବସ୍



**ପୋଲସରା,୨୩।୨(ସମିସ):** ପୋଲସରା ସହର ଓ ଗ୍ରାମାଞ୍ଚଳର ଲୋକଙ୍କ ସୁବିଧା ପାଇଁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଲକ୍ଷ୍ମୀ ବସ୍ ଗଡ଼ିବା ଆରମ୍ଭ ହୋଇଛି। ଯାହାକି ପ୍ରତ୍ୟେକଟି ଗ୍ରାମାଞ୍ଚଳରୁ ସମସ୍ତ ଜନସାଧାରଣ ସହଜ ଏବଂ ସୂଲଭ ମୂଲ୍ୟରେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାଆସିବା କରିପାରିବେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ସ୍ଥିତିର ସୁଧାର ଆସିବା ସହିତ ଦୈନନ୍ଦିନ ଜୀବନ ଶୈଳୀରେ ବିରାଟ ପରିବର୍ତ୍ତନ ଆସିବ ବୋଲି ପୋଲସରା ବିଧାୟକ ଶ୍ରୀକାନ୍ତ ସହୁ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦୁଇଟି ବସ ମଧ୍ୟରୁ ପ୍ରଥମଟି ପୋଲସରା ବ୍ଲକ ହେଡ଼କ୍ୱାଟରରୁ ବାହାରି ରାଣିପଡା, ଖଣ୍ଡୁରୁ, କଳମ୍ବ, ରୁଖାକଣା, ଜକର, ନିମୁଣ୍ଡିଆ, ଘୋଡ଼ାପଲାଣ, ବାଲିଛାଇ, ହାତୀଓଟ, ବର୍ତ୍ତୀନୀ, ରୁମାଗଡ଼ ମନ୍ଦାର ଦେଇ ପୁନର୍ବାର ସେହି ରୁଟ୍ ରେ ପୋଲସରା ବ୍ଲକ ହେଡ଼କ୍ୱାଟରକୁ ପହଞ୍ଚିବ। ସେହିପରି ଦ୍ୱିତୀୟ 'ଲକ୍ଷ୍ମୀ' ବସ୍ ପୋଲସରା ବ୍ଲକ ହେଡ଼କ୍ୱାଟରୁ ବାହାରି ବେଲଗାଁ ଛକ ଦେଇ ଲକ୍ଷ୍ମଣପଲ୍ଲୀ, ନିମିନା, ତୁଙ୍କାପଡା, ମାଳତେନ୍ତୁଳିଆ, ଚିରିକିପଡା ଶାସନ, ଭାବରଡା, ଜୋକବନ୍ଦ, ପାଣ୍ଡିରିପଡା ପଞ୍ଚାୟତ ହେଡ଼କ୍ୱାଟରୁ ପୁଣି ପୋଲସରା ବ୍ଲକ୍ ହେଡ଼କ୍ୱାଟରରେ ପହଞ୍ଚିବ। ଯାହାକୁ ନେଇ ପ୍ରତି ପଞ୍ଚାୟତ ବାସୀଙ୍କ ମୁହଁରେ ଉନ୍ନତି ଓ ବିକାଶର ହସ ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ପ୍ରତିଟି କ୍ଷେତ୍ରରେ ସହରକୁ ସଂଯୋଗୀକରଣ ପାଇଁ ଲକ୍ଷ୍ମୀ ବସ ଭଳି ଏକ ଉତ୍ତମ ପଦକ୍ଷେପକୁ ନେଇ ସମସ୍ତ ସହର ଓ ପଞ୍ଚାୟତ ବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଲୋକାର୍ପିତ



ଖଲ୍ଲିକୋଟ



ପୋଲସରା



ରମ୍ଭା



ବୁଗୁଡ଼ା



ଗଞ୍ଜାମ



ବେଲଗୁଣ୍ଠା

**ପୋଲସରା,୨୩।୨(ସମିସ):** ପୋଲସରା ଏନଏସିର ଗୋପବନ୍ଧୁ ହାଇସ୍କୁଲ ପରିସରରେ କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଛଅ କୋଟି ପଚିଶ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମକୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଲୋକାର୍ପିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ସହକାରୀ ନିର୍ବାହୀ ଅମିୟ କୁମାର ମିଶ୍ର, ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି, ପୂର୍ତ୍ତ ବିଭାଗ କର୍ମଚାରୀ ସୁରେନ୍ଦ୍ର ସାହୁ, ବିଡିଓ କୁରେଶ୍ ଚନ୍ଦ୍ର ଜାନୀ, ନଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝୀ, ନଗର ଅଧ୍ୟକ୍ଷା ସଙ୍ଗୀତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ପୂର୍ବତନ ନଗର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ନଗର ସଭାପତି ରଞ୍ଜିତ କୁମାର ସାହୁ, ସାଂସଦ ପ୍ରତିନିଧି ମୋତିରାମ ସାହୁ, ପ୍ରତାପ କୁମାର ପ୍ରଧାନ, ସୁକାନ୍ତ କୁମାର ଭୂୟାଁଙ୍କ ସମେତ ନିର୍ବାଚିତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ ନେଇ ପୂର୍ବରୁ ମୂଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧିନରେ ସମ୍ପାଦନ ହୋଇଥିଲା। ଏହି ଷ୍ଟାଡିୟମ ଭିତରେ ଦୁଇଟି କୋର୍ଟ ଓ ବାହାରେ ଗୋଟିଏ କୋର୍ଟ କ୍ରୀଡାବିତ୍ ମାନଙ୍କ ନିମନ୍ତେ ରହିଛି। ଏହା ସହିତ ଜିମ୍ ଉପକରଣ ମଧ୍ୟ ରହିଛି।

**ଖଲ୍ଲିକୋଟ:** ଖଲ୍ଲିକୋଟରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡ଼ୋର ଷ୍ଟାଡିୟମ ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହା ଲୋକାର୍ପିତ କରିଛନ୍ତି। ଏଥିରେ ବ୍ୟାଡମିଣ୍ଟନ, ଫୁଟବଲ ଓ ଅନ୍ୟାନ୍ୟ ଖେଳ ସହିତ ଜିମର ମଧ୍ୟ ସୁବିଧା ସୁଯୋଗ ରହିଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଡ଼ିଓ ଦେବାଶିଷ ସାମଲ, ଏନଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି ଓ ସୋନମ ପଲେଇ, ବିଜେଡି ନଗର ସଭାପତି କେ. ନରେନ୍ଦ୍ର ପାତ୍ର, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ସୁଜାତା କୁମାରୀ ସାମନ୍ତ, ବଳରାମ ବେହେରା, ସୁକାନ୍ତି ଦାସ ଏବଂ ଏନଏସି କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ରମ୍ଭା:** ବହୁ ପ୍ରତିକ୍ଷୀତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଇଣ୍ଡୋର ଷ୍ଟାଡିୟମ ଭିତରେ ୬.୪ କୋଟିର ବ୍ୟୟରେ ନିର୍ମିତ ଗୃହ ମଧ୍ୟରୁ ଯୋଗ କକ୍ଷ, ଉପକରଣ ଭଣ୍ଡାର, ବ୍ୟାୟାମଶାଳା, ଆଶୁଚିକିତ୍ସା କକ୍ଷ, କାର୍ଯ୍ୟାଳୟ, କ୍ରୀଡ଼ା ପରିସର, ଶୌଚାଳୟ ସମେତ ଅନେକ ଉନ୍ନତମାନର ଗୃହ ନିର୍ମାଣ ଉଚ୍ଚକୋଟିର ହୋଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପିଡବ୍ଲ୍ୟୁଡିଏସ୍‌ଡିଓ ପ୍ରଦୀପ୍ତ କୁମାର ଶତପଥୀ, ଜେଇ. ସତ୍ୟନାରାୟଣ ବିଷୋୟୀ, ରଘୁନାଥ ମହାପାତ୍ର, ଇଓ. ଆଶାଲତା ରଚମାଳା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, କାହ୍ନା ସ୍ୱାଇଁ, ସମସ୍ତ କାଉନସିଲର, ମିଶନ ଶକ୍ତି ଗୋଷ୍ଠୀ, ଏନ୍‌ଏସି କାର୍ଯ୍ୟରତ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ବିଡିଓ ଚିତ୍ତରଞ୍ଜନ ଦାସ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀ, ନବୀନ ଗୌଡ଼, ବ୍ରହ୍ମପୁର ଷ୍ଟାଡିୟମର କିରାଣୀ ନରସିଂହ ପାତ୍ରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି.ରବିନାରାୟଣ ରାଜୁ, ସାଂସଦ ପ୍ରତିନିଧି ନିରୁପମା ପଟ୍ଟନାୟକ, ଭାରୋତ୍ତଳନ କୋଚ୍ ରାଜେଶ୍ୱରୀ ବେହେରା, କାଉନ୍‌ସିଲର୍ ନୀଳମାଧବ ଗୌଡ଼, କରିସ୍ମା ନାୟକ, ସୁଶାନ୍ତ ପାତ୍ର, ନଗର ବିଜେଡି ସଭାପତି ତାରା ପ୍ରସାଦ ପଟ୍ଟନାୟକ, ତାରିଣୀ ପାତ୍ରଙ୍କ ସମେତ ମିଶନ୍ ଶକ୍ତିର ମହିଳା ଓ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିଗପହଣ୍ଡି ଏନ୍‌ଏସି କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଷ୍ଟାଡିୟମ ନିର୍ମାଣରେ ୫ କୋଟି ଟଙ୍କା ବିନିଯୋଗ ହୋଇଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି।

**ବୁଗୁଡ଼ା:** ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ପ୍ରମୁଖଙ୍କ ସମେତ କ୍ରୀଡ଼ାବିତ୍ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

**ବେଲଗୁଣ୍ଠା:** ଶୁକ୍ରବାର ବେଲଗୁଣ୍ଠାରେ ନିର୍ମିତ ହୋଇଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍‌କୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଅତିଥି ଭାବେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ରାସ୍ତାଘାଟ ଓ କୋଠାବାଡ଼ି ସହକାରୀ ଯନ୍ତ୍ରୀ ପ୍ରକାଶ ବାରିକ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ, ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଟି ବବିତା କୁମାରୀ, ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମସ୍ତ କାଉନସିଲର୍ ଉପସ୍ଥିତ ଥିଲେ।

**ଗଞ୍ଜାମ:** ରମ୍ଭା ଓ ଗଞ୍ଜାମ ସହରସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଇଣ୍ଡୋର ଷ୍ଟାଡିୟମକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଏନ୍‌ଏସି ଇଓ ଅପର୍ନା ଡାଙ୍ଗୁଆ, ଏନ୍‌ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ବିଜେଡି ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ଏନ୍‌ଏସି ଉପନଗରପାଳ ନୀଳାଞ୍ଚଳ ବାରିକି, ୧୦ନଂ ୱାର୍ଡ କାଉନସିଲର ସୁଜାତା ମହାନ୍ତି, ୧୨ନଂ ୱାର୍ଡ କାଉନସିଲର ପି ଚନ୍ଦ୍ରଶେଖର ରେଡି, ୫ନଂ ୱାର୍ଡ କାଉନସିଲର ସଂଯୁକ୍ତା ଦାସଙ୍କ ସମେତ ଅନ୍ୟ କାଉନସିଲର ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।



## ତାଳସାକର ୟୁପି ସ୍କୁଲର ବାର୍ଷିକୋତ୍ସବ

**ବୁଗୁଡ଼ା,୨୩।୨(ସମିସ):** ବୁଗୁଡ଼ା ବ୍ଲକର ତାଳସାକର ଗ୍ରାମସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଇଓ କବିବର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ, ପ୍ରାକ୍ତନ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ପିତାମ୍ବର ବିଷୋୟୀ ଓ ଅବନୀ ପଟ୍ଟନାୟକ, ମହାମାୟୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଶିକ୍ଷକ ହିମାଂଶୁ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷକ ଜୟନ୍ତ ପଟ୍ଟନାୟକ ବାର୍ଷିକ ବିବରଣୀ ପଠନକରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶିକ୍ଷକ ଶଶିକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସ କମିଟି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

**ଆସିକା,୨୩।୨(ସମିସ):** ଗୁରୁବାର ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ନୂତନ ଭାବେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି (ପଶ୍ଚିମ ) ରବୀନ୍ଦ୍ର ନାଥ ଶର୍ମାଙ୍କ କୁମ୍ଭାର ସାହି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଆସିକାରେ ଦୁର୍ବଳ ହୋଇଥିବା କଂଗ୍ରେସକୁ ପୁଣି ଶକ୍ତ କରିବା ପାଇଁ ସମସ୍ତ କଂଗ୍ରେସ କର୍ମୀଙ୍କୁ ଏକତ୍ରିତ କରିବା ନେଇ ଆଲୋଚନା ହୋଇଥିଲା । ଲୋକସଭା ଓ ସାଧାରଣ ନିର୍ବାଚନ ଆଗକୁ ଥିବା ବେଳେ କଂଗ୍ରେସ ପକ୍ଷରୁ ଯାହାକୁ ଚୟନ କରିବେ ସମସ୍ତେ ମିଳି ମିଶି କାମ କରିବା ପାଇଁ ସାମ୍ବାଦିକ ସମିଳନୀରେ ନିବେଦନ କରିଥିଲେ ଶ୍ରୀ ଶର୍ମା । ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିଙ୍କୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ସେ କହିଥିଲେ । ସାମ୍ବାଦିକ ସମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀ, ଅଗସ୍ତି ବରାଡ଼ ଓ ଦେବ କାନ୍ତ ଶର୍ମା ଉପସ୍ଥିତ ଥିଲେ ।

## ମନ୍ଦିର ପ୍ରତିଷ୍ଠା ପାଇଁ ପଦରାଇଶୁଣିରେ ପଞ୍ଚ ମହାଯଜ୍ଞ

**ସୋରଡା,୨୩।୨(ସମିସ):** ସୋରଡାର ଆରାଧ୍ୟ ଦେବୀ ମା କନ୍ଧୁଣି ଦେବୀଙ୍କ ଆଦ୍ୟ ସ୍ଥଳ ଗ୍ରାମ ତଥା ପଦରାଇଶୁଣିରେ ଅବସ୍ଥାପିତ ଶ୍ରୀଶ୍ରୀ ମା ଗ୍ରାମ ଦେବତୀ, ମା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଏକ ସପ୍ତାହ ଧରି ପଞ୍ଚମହାଯଜ୍ଞ ଅନୁଷ୍ଠିତ ହୋଇଛି । ଗ୍ରାମବାସୀଙ୍କ ଅକ୍ଳାନ୍ତ ପ୍ରଚେଷ୍ଟାରେ ତିନି ମାସର ସାଜସଜ୍ଜା ସହିତ ଯଜ୍ଞ ଓ ହୋମ କାର୍ଯ୍ୟକ୍ରମ ହିଞ୍ଜିଳିକାଟୁର ସଂକର୍ଷଣ ପାଠୀ ଓ ସୁନ୍ଦର ମାଧବ ବେଦ କର୍ମକାଣ୍ଡ ବିଦ୍ୟାଳୟ ସୁମେଧା ପଣ୍ଡିତ ମାନଙ୍କ ଦ୍ୱାରା ଚାଲୁରହିଛି । ଏହି ପୁରାତନ ମନ୍ଦିରର ଜୀର୍ଣ୍ଣୋଦ୍ଧାର ତଥା ବିଶ୍ୱଶାନ୍ତି ହୋମଯଜ୍ଞ ଚଳିତ ମାଘ ମାସ ଷଷ୍ଠୀ ତିଥି ଠାରୁ ଆଠ ଦିନ ବ୍ୟାପି ବିଶ୍ୱଶାନ୍ତି ଅର୍ଥରେ ଗ୍ରାମରେ ଏକ ଶାନ୍ତି ପ୍ରତିଷ୍ଠା ହୋମ ହେବା ସହ ଅନ୍ନଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଗୋ ଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ହେଉଛି । ଗ୍ରାମ ସଭାପତି ଭୀମସେନ ପାତ୍ର, ଉପସଭାପତି ବିଧାନ ପାତ୍ର, ପଞ୍ଚାନନ ଗୌଡ଼, ସୁଶାନ୍ତ ଗୌଡ଼ଙ୍କ ଆୟୋଜନ କ୍ରମେ ଯଜ୍ଞ ଚାଲୁ ରହିଛି । ଥାନାଧିକାରୀ ଅନିଲ କୁମାର ପରିଡା ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଗ୍ରାମର ସନ୍ତୋଷ ଗୌଡ଼ ,ନିଳାଞ୍ଚଳ ପାତ୍ର, ବୁଲୁ କୁମାର ପାତ୍ର, ଭଜରାମ ଗୌଡ଼,ଦୀପକ କୁମାର ପାତ୍ର ଓ ଯୁବଗୋଷ୍ଠୀ ସହଯୋଗ କରୁଛନ୍ତି ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବୁଗୁଡ଼ା, ୨୩।୨(ସମିସ):** ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଟି.ସୁଦର୍ଶନ ପାତ୍ର , ମୁଖ୍ୟବକ୍ତା ଭାବେ ବିପିନ ବିହାରୀ ରଥ , ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ସାହୁ ଓ ପ୍ରଫୁଲ ଚନ୍ଦ୍ର ପାଢୀ ଯୋଗ ଦେଇଥିଲା ବେଳେ ଶିକ୍ଷାକେନ୍ଦ୍ରର ଶିକ୍ଷକ ବାଲ୍ମିକୀ ପାଣି ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପଠନ କରିଥିଲେ । ଏ ଅବସରରେ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାକେନ୍ଦ୍ରର ସମସ୍ତ ସେବାବ୍ରତୀ ସକ୍ରିୟ ସହଯୋଗ କରିଥିବା ବେଳେ ପରିଶେଷରେ ଶିକ୍ଷକ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗଞ୍ଜାମ,୨୩।୨(ସମିସ):** ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଖଟୁଆକୁଦା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଶବର କୁମାର ତରାଇ ସଭାପତିତ୍ୱ କରିବା ସହ ସ୍କୁଲର ପାଚେରୀ ନିର୍ମାଣ ଏବଂ ଜଣେ ଶିକ୍ଷକଙ୍କ ଆବଶ୍ୟକ ଥିବା ଅବଗତ କରାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଭାଗିରଥି ବେହେରା, ମୁଖ୍ୟବକ୍ତା ଭାବେ ଇଂ ଗଜେନ୍ଦ୍ର ତରାଇ,ଏବିଇଓ ସଂଯୁକ୍ତା ବେହେରା, ବିଆରସିସି ବିଜୟ କୁମାର ବେହେରା, ଗୋଖରାକୁଦା ସ୍କୁଲ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ,ସିଆରସିସି ସୁରେନ୍ଦ୍ର ସେଠୀ, ମୟୂର ପଦା ସ୍କୁଲ ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା ମଞ୍ଚାସୀନ ଥିଲେ । ଶିକ୍ଷକ ବିପିନି ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ବୃନ୍ଦାବନ ପ୍ରଧାନ, ସିଅରସିସି ସଞ୍ଜୟ କୁମାର ତରାଇ, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# କୁଇ ସମାଜ ସେବା ସମିତିର ନୂଆ ଶାଖା ଉଦ୍‌ଘାଟିତ

**ଖଜୁରୀପଡ଼ା,୨୩।୨(ସମିସ):** କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସମାଜ ସଂଗଠନ କୁଇସମାଜ ସେବା ସମିତି ଖଜୁରୀପଡା ବ୍ଲକ୍ ଅନ୍ତର୍ଗତ ବିଲାବାଡି ପଞ୍ଚାୟତରେ ଗୁଆହରିଡା ଶାଖା ନାମରେ ନୂଆ ଶାଖା ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର କୁଇସମାଜ ସେବା ସମିତି ଫୁଲବାଣୀ ସଭାପତି ସୁଦର୍ଶନ କହଁର, ସମ୍ପାଦକ ଅବନୀ କୁମାର କହଁର, ମୁଖ୍ୟସଭ୍ୟ ଗୌତମ ପ୍ରଧାନ, ଉପସଭାପତି ରମାକାନ୍ତ ମଳିକ, ନାରୀସଭାନେତ୍ରୀ ସୌଦାମିନୀ କହଁର, ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କୁମାର କହଁର, କୁଇସମାଜ ଯୁବ ପରିଷଦ ଉପସଭାପତି ଆଲୋକ କହଁର ଓ ସମାଜସେବୀ ସୁନିତି କହଁର ଯୋଗ ଦେଇଥିଲେ । କୁଇସମାଜ ସେବା ସମିତି ତରଫରୁ ନୂତନ ଭାବେ ଗଠନ ହୋଇଥିବା ଗୁଆହରିଡା ଶାଖାକୁ ଶାଖାର ମାନ୍ୟତା ପ୍ରଦାନ କରିବା ସହିତ ଶାଖା ପରିଚାଳନା ପାଇଁ କର୍ମକର୍ତ୍ତାଙ୍କୁ କୁଇସମାଜ ରୀତିନୀତି ବିଷୟରେ ଅବଗତ କରାଯାଇଥିଲା । ଏଥିରେ ରତାବାରୀ ଶାଖା ସଭାପତି ପଙ୍କଜ ମଳିକ, ଷଢମୁଠା ଶାଖା ସଭାପତି ଭାଗିରଥି କହଁର, ବାରପଲ୍ଲୀଶାଖା ସଭାପତି କୃଷ୍ଣଚନ୍ଦ୍ର କହଁର, ବରଗୋଛା ଶାଖ ପୂର୍ବତନ ସଭାପତି ଲକ୍ଷ୍ମଣ ଝାଙ୍କର, ସରିତା କହଁର, ମଞ୍ଜୁଲତା କହଁର ଯୋଗ ଦେଇଥିଲେ ।



## ରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ



**ଦିଗପହଣ୍ଡି,୨୩।୨(ସମିସ):** କେରାଣ୍ଡିମାଳ ପାହାଡ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବଡବୁରୁଡା ଓ ସାନ ବୁରୁଡା ଗ୍ରାମ ମଧ୍ୟବର୍ତ୍ତୀ ଶାବରୀ ମାତା ଛକରେ ଗୁରୁବାର ରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆଖପାଖ ଆଦିବାସୀ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ସାମିଲ ଥିଲେ । ବିଜେପିର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଖିଳ ଭାରତ ସନ୍ଥ ସମିତି ଓଡିଶା ପ୍ରଦେଶ ଅଧ୍ୟକ୍ଷ ସ୍ୱାମୀ ସତ୍ୟନନ୍ଦ ଗିରି, ଦିଗପହଣ୍ଡି ହରିପ୍ରିୟା ଆଶ୍ରମର ଯୋଗୀ ଦେବଦତ୍ତ ମହାରାଜ, ମହନ୍ତ ପଦ୍ମଚରଣ ଦାସ, ବିଶ୍ୱହିନ୍ଦୁ ପରିଷଦର ଜଳେନ୍ଦ୍ର ତ୍ରିପାଠୀ, ତାରଣୀ ସେନ ଦାସ, ବ୍ରଜରଙ୍ଗ ଦଳର ବୈରଭ ସାହୁ, ମଥୁରାରୁ ଆସିଥିବା ଦୟାନନ୍ଦ ବ୍ରହ୍ମଚାରୀ, ସିମାଞ୍ଚଳ ମିଶ୍ର, ଅଜିତ କୁମାର ମହାପାତ୍ର, ରଞ୍ଜିତ କୁମାର ମହାପାତ୍ରଙ୍କ ସମେତ ବହୁ ସାଧୁ, ସନ୍ଥ ଏହି ଭୂମିପୂଜନ ଉତ୍ସବରେ ଉପସ୍ଥିତ ଥିଲେ । ବରେଣ୍ୟ ପଣ୍ଡିତଙ୍କ ପୂଜା, ପାଠ ପରେ ପୂଜାସ୍ଥଳରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଗୋକର୍ଣ୍ଣପୁର ରାଷ୍ଟ୍ରୀୟ ସ୍ୱୟଂ ସେବକ ଶାଖାର କର୍ମକର୍ତ୍ତା ପ୍ରହଲ୍ଲାଦ ଡାକୁଆ, ବାବୁଲା ଦୋରା ଓ ପ୍ରତାପ ସାହୁଙ୍କ ସମେତ ଚଢେୟାଗର୍ଦ୍ଦ, ବଡବୁରୁଡା ଓ ସାନବୁରୁଡା ପ୍ରଭୃତି ଆଦିବାସୀ ଗ୍ରାମର ବହୁସଂଖ୍ୟକ ଜନସାଧାରଣ ସହଯୋଗ କରିଥିଲେ ।

## ଶିଶୁ ମଙ୍ଗଳ ସମିତିର ଭ୍ରାମ୍ୟମାଣ ଶିବିର



**ଫିରିଙ୍ଗିଆ,୨୩।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଅର୍ନ୍ତଗତ ବାଲନ୍ଦାପଡା ପଞ୍ଚାୟତ ସଭାଗୃହରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟରେ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ପରିଚାଳନା ସହଯୋଗରେ ଶିଶୁଙ୍କ ମଙ୍ଗଳ ଓ ଥଇଥାନ ପାଇଁ ଭ୍ରାମ୍ୟମାଣ ଶିବିର ଆୟୋଜନ କରାଯାଇଥିଲା । ଶିଶୁଙ୍କ ସୁରକ୍ଷା ସୁଦୃଢ କରିବା ସହିତ ପାଠପଢା ଜାରି ରଖିବା ପାଇଁ ବ୍ୟବସ୍ଥା ଭ୍ରାମ୍ୟମାଣ ଶିଶୁ କୋର୍ଟ ଓ ଶିବିରର ମୁଖ୍ୟ ଲକ୍ଷ୍ୟ ରହିଛି । ଶିବିରରେ ବାଲନ୍ଦାପଡା, ଲୁଇସିଂ, କୋଇରିମାଣ୍ଡୁ, ପାହିରାଜୁ ଓ ପକାରୀର ଶତାଧିକ ଶିଶୁ ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଶିଶୁଙ୍କ ଶିକ୍ଷା ଓ ସୁରକ୍ଷାକୁ ଏଭଳି ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବା ଉଦ୍ୟମକୁ ପ୍ରଶଂସା କରିଥିଲେ । ଶିବିରରେ ସିଡବ୍ଲୁସିର ଅଧ୍ୟକ୍ଷ ରଜତ ଦିଗାଲ ଶିଶୁ ଓ ସେମାନଙ୍କ ଅଭିଭାବକ ସହ ଆଲୋଚନା କରିଥିଲେ । ଡିସିପିଓ ରଶ୍ମିତା କରନ୍, ଯୁବ ନେତା ବିଷ୍ଣୁ ମଲ୍ଲିକ, ସରପଞ୍ଚ ନିରାକାର ନାୟକ, ସିଡବ୍ଲୁସି ସଭ୍ୟ ସଦାଶିବ ପାତ୍ର, ମମତା ଦାସ, ପ୍ରସନ୍ନ ବିଷୋୟୀ, ରାମ ଚନ୍ଦ୍ର ପରିଡା, ଫିରିଙ୍ଗିଆ ସିଡିପିଓ ହରପ୍ରିୟା ମେହେର, ସୁପରଭାଇଜର ଅପର୍ଣ୍ଣା ଦିଗାଲ, ବିନତା କୁମାର ପ୍ରଧାନ, ଡିସିପିୟୁର ସୁନିଲ ପ୍ରଧାନ, ସରୋଜ କହଁର ଓ ପ୍ରଜ୍ଞା ପାରମିତା ଉପସ୍ଥିତ ଥିଲେ । ସ୍ୱାତୀର ପ୍ରଦୀପ କୁମାର ସ୍ୱାଇଁ ସଂଯୋଜନା କରିଥିଲେ । ଏହି ଅବସରରେ ୬୧ ଜଣ ଅନାଥ ଶିଶୁଙ୍କୁ ଥଇଥାନ ପାଇଁ ପ୍ରାରମ୍ଭିକ ସ୍ତରରେ ସିଡବ୍ଲୁସି ପକ୍ଷରୁ ଚିହ୍ନଟ କରାଯାଇଥିଲା ।

## ବିଶ୍ୱ ଭାବନା ଦିବସ ପାଳିତ



**ଜଗନ୍ନାଥପ୍ରସାଦ, ୨୩।୨ (ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ଭାରତ ସ୍କାଉଟ୍ ଏଣ୍ଡ ଗାଇଡ୍ ଶାଖା ତରଫରୁ ବିଶ୍ୱ ଭାବନା ଦିବସ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସନାତନ ସାହୁ ସ୍କାଉଟ୍ ଏଣ୍ଡ ଗାଇଡ୍‌ର ପ୍ରତିଷ୍ଠାତା ବାଡେନ ପାୱେଲଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍କାଉଟ୍ ଏଣ୍ଡ ଗାଇଡ୍‌ର ରୋଭର ଲିଡର ଡ଼ଃ ଜୟଦେବ ଗୌଡ଼ ଯୋଗଦେଇ ବିଶ୍ୱ ଭାବନା ଦିବସର ଉଦ୍ଦେଶ୍ୟ, ଇତିହାସ ଏବଂ ସେବାର ମହତ୍ ଅନୁଷ୍ଠାନ ଭାବରେ ଭାରତ ସ୍କାଉଟ୍ ଏଣ୍ଡ ଗାଇଡ୍ ଭାରତ ବର୍ଷରେ ପ୍ରସାର ଲାଭ କରିଛି ସେ ସମ୍ପର୍କ ରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ଼ଃ ବିନୋଦ କୁମାର ଦାଶ, ଇତିହାସ ବିଭାଗ ଅଧ୍ୟାପିକା ତଥା ରେଞ୍ଜର ଲିଡର ସୁନିତା ବିଷୋୟୀ ଯୋଗଦେଇଥିଲେ । ରୋଭାର ଏବଂ ରେଞ୍ଜର ମାନେ କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ କରିବା ସହ ମୁଖ୍ୟ ସଡ଼କକୁ ଯାଇ ଜନ ସାଧାରଣଙ୍କୁ ସଡ଼କ ସୁରକ୍ଷା ଓ ହେଲେମେଟ ପରିଧାନ କରିବା ଉପରେ ସଚେତନ କରିଥିଲେ । ଗ୍ରନ୍ଥାଗାରିକ ରଘୁନାଥ ପାଣି ଓ ଡିଇଓ ସରୋଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରୋଭର ଅଶୋକ ବାରିକ, ରେଞ୍ଜର ପୂଜା ବେହେରା, ତୁଳସୀ ପ୍ରଧାନ, ସ୍ନେହଲତା ନାୟକ, ଜ୍ୟୋତି ପ୍ରଧାନ, ମନସ୍ୱିନୀ ବେହେରା, ରିତା ରାଉତ, ମାନସୀ ପ୍ରଧାନ ଓ ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ରେଞ୍ଜର ଲିଡର ଧନ୍ୟବାଦ ଅର୍ପଣ କରିଥିଲେ ।

## ଛେଲିଗଡ଼ ଯୋଜନା କାର୍ଯ୍ୟକାରୀ ଦାବି

**ଦିଗପହଣ୍ଡି,୨୩।୨(ସମିସ):** ଦିଗପହଣ୍ଡି-କୁକୁଡାଖଣ୍ଡି ଓ ସାନଖେମୁଣ୍ଡି ବ୍ଲକକୁ ନେଇ ଗଠିତ ହୋଇଥିବା ଜଳସୁରକ୍ଷା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଏହା ମୁଖ୍ୟ ସମସ୍ୟା ବୋଲି ସ୍ମାରକପତ୍ର ପ୍ରଦାନ ବେଳେ ସମିତିର କର୍ମକର୍ତ୍ତା ଅବଗତ କରାଇଛନ୍ତି । ଏହା ଉପରେ ମୁଖ୍ୟମନ୍ତ୍ରୀ ନିଶ୍ଚୟ ବିଚାରକୁ ନେବେ ବୋଲି ସେ ସମିତି କର୍ମକର୍ତ୍ତା ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଗୁରୁବାର ୫-ଟି ଅଧ୍ୟକ୍ଷଙ୍କ କୁକୁଡାଖଣ୍ଡି ବ୍ଲକ ଗସ୍ତ ସମୟରେ ଜଳ ସୁରକ୍ଷା କମିଟିର ଆବାହକ କୃଷକ ନେତା ବୃନ୍ଦାବନ ଖଟେଇଙ୍କ ନେତୃତରେ କୁକୁଡାଖଣ୍ଡି ବ୍ଲକର ଗୋବିନ୍ଦ ଗୌଡ଼, ସମିତି ସଭ୍ୟ କାହ୍ନୁଚରଣ ପାତ୍ର, ଗୁରୁନାଥ ବିଷୋୟୀ, ସୁବାସ ବେହେରା, ଦିଗପହଣ୍ଡି ବ୍ଲକରୁ ଏସ ସଦାନନ୍ଦ ଦୋରା, ରାଜେନ୍ଦ୍ର ସ୍ୱାଇଁ, ବି.ନରସିଂହ, ଅର୍ଜୁନ ବିଷୋୟୀ, ଭଗବାନ ବିଷୋୟୀଙ୍କ ସମେତ ୨୦ ଜଣ ସଦସ୍ୟ ପାଣ୍ଡିଆନଙ୍କ ସଭାସ୍ଥଳକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ୨ ମାସ ଧରି ଛେଳିଗଡ ଜଳସେଚନ ଯୋଜନା ପ୍ରସଙ୍ଗ ଉପରେ ସମ୍ପୃକ୍ତ ୩ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କୁ ସଚେତନ କରାଇବା ସହ ଏ ସମ୍ପର୍କରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଦସ୍ତଖତ ଅଭିଯାନରେ ଶହ ଶହ ଚାଷୀ ସାମିଲ ହୋଇ ସ୍ମାରକପତ୍ରରେ ଦସ୍ତଖତ କରିଥିବା ଜଣାପଡିଛି ।

## ଖେମୁଣ୍ଡି ଓକିଲ ସଂଘର ବୈଠକ

**ଦିଗପହଣ୍ଡି,୨୩।୨(ସମିସ):** ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ସଂଘ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ପୂର୍ବ ବୈଠକର ବିବରଣୀ ଏବଂ ଆୟ ବ୍ୟୟଉପସ୍ଥାପନ କରିଥିଲେ । ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓକିଲ ସଂଘ ନିର୍ବାଚନ ନିମନ୍ତେ ବରିଷ୍ଠ ଆଇନଜୀବୀ ତଥା ନୋଟାରି ରତ୍ନାକର ମେକାପଙ୍କୁ ନିର୍ବାଚନ ଅଧିକାରୀ ମନୋନୀତ କରାଯାଇଥିଲା । ସଂଘର ଉପସଭାପତି ଗିରିଜା ନନ୍ଦନ ମେକାପ, ସହ ସମ୍ପାଦକ ରାଜେନ୍ଦ୍ର ତ୍ରିପାଠୀ, ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ସୁରେଶ ଚନ୍ଦ୍ର ସାହୁ, ଚନ୍ଦ୍ରଧ୍ୱଜ ସିଂହ, ରସାନନ୍ଦ ରାଉତ, ସତ୍ୟ ନାରାୟଣ ରଥ, ଅଶେଷ ନାଥ ମିଶ୍ର, ସନ୍ତୋଷ ସାହୁ, ସୁକାନ୍ତ ପ୍ରଧାନ, ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ରଞ୍ଜନ ବେହେରା, ପ୍ରଦୀପ ନାୟକ, ନୀଳମାଧବ ରଥ, ରବୀନ୍ଦ୍ର ନାଥ ବେହେରା, ପ୍ରଶାନ୍ତ ବରାଡ, ବିଜୟ ପ୍ରଧାନ, ମଞ୍ଜୁଳା ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।




## ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବୁଗୁଡ଼ା,୨୩।୨(ସମିସ):** ସ୍ଥାନୀୟ ଏନ୍‌ଏସି କଲ୍ୟାଣୀ ମଣ୍ଡପରେ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦାନ କରି ମାଷ୍ଟର ଟ୍ରେନରମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, କାଉନସିଲର ଉର୍ମିଳା ସାହୁ, ପ୍ରୋଜେକ୍ଟ କୋଅର୍ଡିନେଟର ସର୍ବେଶ୍ୱର ବାରିକ, ସାନିଟେସନ ଏକ୍ସପର୍ଟ ମୁନା ଗୌଡ଼ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ସମ୍ପର୍କେ ନିଜ ନିଜର ଅଭିଭାଷଣ ରଖିଥିଲେ ।

# ପାରଳାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ପାରଳାଖେମୁଣ୍ଡି,୨୩।୨(ସମିସ):** ପାରଳାଖେମୁଣ୍ଡି ପୌରପରିଷଦର ବିଭିନ୍ନ ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ବୁଲି ବିଜେଡି ନେତୃବୃନ୍ଦ ପ୍ରଚାର କରୁଛନ୍ତି । ଗୁରୁବାର ପୌରପରିଷଦର ୮ ନମ୍ବର ୱାର୍ଡର ସମସ୍ତ ସାହି ବସ୍ତିରେ ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଘରକୁ ଘର ବୁଲି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଯଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ବିଜୁ ପକ୍କା ଘର ସହ ସହରାଞ୍ଚଳର ଲୋକଙ୍କ ପାଇଁ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଲେଙ୍କା ମଧୁ, ଜିଲ୍ଲା ବିଜେଡି ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ଜିଲ୍ଲା ବିଜେଡି ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ବିଜେଡି ନେତା ବି.ଜନାର୍ଦ୍ଦନ ରାଓ, ଜମିଦାର ପଟ୍ଟନାୟକ, ଶାନ୍ତିଲତା ଜେନା, ନଗର ବିଜେଡି ସଭାପତି ସୁବିରଞ୍ଜନ ମହାପାତ୍ର, ରାଜ୍ୟ ଯୁବ ବିଜେଡି ଉପସଭାପତି ରୂପେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ବସନ୍ତ ଦାସ, ଯୁବ ନେତା ସୁଜିତ ଦାସ, ବାବୁଲା ବେହେରାଙ୍କ ସହ ପୌରପରିଷଦର କାଉନସିଲର , ବିଜୁ ଜନତା ଦଳର ବହୁ ସଂଖ୍ୟକ ଛାତ୍ର ସଂଗଠନର ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ବିଡିଓଙ୍କୁ ସରପଞ୍ଚ ଓ ସମିତିସଭ୍ୟଙ୍କ ସମ୍ବର୍ଦ୍ଧନା

**ଗୁମ୍ମା,୨୩।୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ନୂତନ ବିଡିଓ ଭାବେ ଯସ୍ମିନ କୁମାର ପ୍ରଧାନଙ୍କ ଯୋଗଦାନ ପରେ ସ୍ୱାଗତର ସୁଅ ଛୁଟୁଛି । ଗୁରୁବାର ଗୁମ୍ମା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ସଭାପତି ନାଉମ ଗମାଙ୍ଗଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଏକତ୍ର ହୋଇ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସମିତିସଭ୍ୟାମାନେ ମଧ୍ୟ ବିଡିଓଙ୍କୁ ସ୍ୱାଗତ ଜଣାଇଥିଲେ । ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀଙ୍କ ନେତୃତ୍ୱରେ ବିଡ଼ିଓ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ଜଣାଇଥିଲେ । ବିନୋଦିନୀ ବିଜ୍ଞାନ ମହା ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଓ ଉପାଧ୍ୟକ୍ଷ ରବୀନ୍ଦ୍ର ପାଣିଗ୍ରାହୀ ନୂତନ ବିଡିଓଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ନାଉମ ଗମାଙ୍ଗ,ଶ୍ରୀ ନିବାସ ରାଓ,ପ୍ରଦୀପ ମଣ୍ଡଳ,ଏଡେଙ୍ଗା ଶବର,ପ୍ରଶାନ୍ତ କୁମାର ମିଶ୍ର, କେଡିଏନ ସାହୁ,ଅଭିନାଶ ସାହୁ,ସୌମ୍ୟ ସୁଧାକର ତ୍ରିପାଠୀ,ସତ୍ୟଜିତ ବେହେରା ଓ ରାକେଶ କୁମାର ସାହୁ ଉପସ୍ଥିତ ଥିଲେ ।





## ୩ ମାସ ହେଲା ସୌରଚାଳିତ ପ୍ରକଳ୍ପ ଅଚଳ

# ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ଫିରିଙ୍ଗିଆ, ୨୩।୨(ସମିସ): ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପିଇବାପାଣି ଭଳି ମୌଳିକ ସୁବିଧା ସୁଯୋଗ ଯୋଗାଇବା ପାଇଁ ଏନେକ ଯୋଜନା କରୁଛନ୍ତି। ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ ନିର୍ମାଣ କରୁଛନ୍ତି। କିନ୍ତୁ ବିଭାଗୀୟ ଅବହେଳା ପାଇଁ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପ କିଛିଦିନ କାର୍ଯ୍ୟକ୍ଷମ ହେବା ପରେ ମାସମାସ ଧରି ଅଚଳ ହୋଇ ପଡ଼ିରହିଛି। ଯାହାପାଇଁ ସାଧାରଣ ଲୋକେ ଏହି ପ୍ରକଳ୍ପର ଲାଭ ଉଠାଇ ନପାରି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସୁମେରବନ୍ଧ ପଞ୍ଚାୟତର କଞ୍ଜଲିପାଙ୍ଗା ଗାଁରେ ନିର୍ମିତ ସୌର ପାନୀୟ ଜଳ ପ୍ରକଳ୍ପ ଏହାର ଉଦାହରଣ।

ସୂଚନା ଅନୁସାରେ ଗାଁରେ ପିଇବା ପାଣିରେ ଘୋର ସମସ୍ୟା ଦେଖାଦେବାରୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ଫିରିଙ୍ଗିଆ ବ୍ଲକ ଜଳ ଓ ପରିମଳ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ଦେଢ଼ ବର୍ଷ ଠିକଭାବେ ଚାଲିଥିଲା। କିନ୍ତୁ ତିନିମାସ ହେଲା ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏଥିଯୋଗୁଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବେ ଗାଁ ପାଖରେ ଥିବା ନାଳପାଣି ହିଁ ଗ୍ରାମବାସୀଙ୍କ ଭରସା ସାଜିଛି। ଏହି ଗାଁ ସୁମେରବନ୍ଧ ପଞ୍ଚାୟତର ଏକନମ୍ବର ୱାର୍ଡ ହୋଇଥିବା ବେଳେ ଗାଁରେ ପ୍ରାୟ କୋଡ଼ିଏ ପରିବାରରେ ଶହେରୁ ଅଧିକ ଲୋକ ବସବାସ କରୁଛନ୍ତି। ଏହି ପ୍ରକଳ୍ପକୁ ସଜାଡ଼ିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀ ସବୁ ଜାଣି ନଜାଣିଲା ପରି ଚୁପ ବସି ରହିଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି ସ୍ଥାନୀୟ ସରପଞ୍ଚ। ପ୍ରକଳ୍ପ ବିଷୟରେ ଦାୟିତ୍ୱରେ ଥିବା ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ତାର୍ଥବାସୀ ପ୍ରଧାନଙ୍କୁ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରେ ପ୍ରକଳ୍ପ ଅଚଳ ହୋଇ ପଡ଼ି ରହିଥିବା ଖବର କେହି ଜଣାଇନାହାନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଏ ସମ୍ପର୍କରେ ଜାଣିବାକୁ ପାଇଲୁ। ଖୁବ୍‌ଶୀଘ୍ର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି। ସୁମେରବନ୍ଧ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମାଞ୍ଚଳ ମାଓ ପ୍ରଭାବିତ। ଏହି ଅଞ୍ଚଳରେ ମାଓବାଦୀ କିଛି ନା କିଛି ଅଘଟଣ ଘଟାଇ ନିଜର ସ୍ଥିତି ଜାହିର କରି ଆସୁଛନ୍ତି। କିଛିଦିନ ତଳେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀ ହତ୍ୟା କରିଥିଲେ। ଏହି କାରଣରୁ ଏହି ପଞ୍ଚାୟତକୁ ସରକାରୀ କର୍ମଚାରୀ ବିଶେଷ ଯିବା ଆସିବା କରନ୍ତି ନାହିଁ। ପଞ୍ଚାୟତରେ ମାଓବାଦୀଙ୍କ ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

## ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଶିଳାନ୍ୟାସ



ବାଲିଗୁଡ଼ା, ୨୩।୨(ସମିସ): ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଇନ୍‌ଡୋର ଷ୍ଟାଡିୟମର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଶିଳାନ୍ୟାସ କରିଛନ୍ତି। ଏହାର ନିର୍ମାଣ ପାଇଁ ୬ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅବସରରେ ବାଲିଗୁଡ଼ା ଉପଜିଲ୍ଲାପାଳ ରୀନା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନନ୍ଦିନୀ ମଲ୍ଲିକ, ବାଲିଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ମିଶାବତୀ ମଲ୍ଲିକଙ୍କ ସମେତ ବହୁ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ



ରାୟଗଡ଼, ୨୩।୨(ସମିସ): ରାୟଗଡ଼ ବ୍ଲକର ସଦ୍‌ଭାବନା ସଭାଗୃହରେ ଫେବୃଆରୀରୁ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇ ବର୍ଦ୍ଧିତ ଭତ୍ତା ନଗଦ ଆକାରରେ ହିତାଧିକାରୀଙ୍କ ହାତରେ ଦେଇଥିଲେ। ଯେଉଁ ମାନେ ମାସିକ ୫ ଶହ ପାଉଥିଲେ ସେମାନେ ଏଣିକି ମାସିକ ଏକ ହଜାର ଟଙ୍କା ପାଇବେ। ଯେଉଁ ମାନେ ୭ ଶହ ପାଉଥିଲେ ସେମାନେ ଏଣିକି ୧୨ ଶହ ଶହ ଟଙ୍କା ପାଇବେ ବୋଲି ଅଧ୍ୟକ୍ଷା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଧୀର କୁମାର ସିଂ, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନିଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ନମିତା ଚାନ୍ଦ ନାୟକ ପରିଚାଳନା କରିଥିବା ବେଳେ ଚନ୍ଦନ ପାଣି ସହଯୋଗ କରିଥିଲେ।

## ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଫିରିଙ୍ଗିଆ, ୨୩।୨(ସମିସ): ଫିରିଙ୍ଗିଆ ଥାନାର ନୂତନ ଅଧିକାରୀ ଭାବରେ ଗୋପୀନାଥ ପ୍ରଧାନ ଯୋଗ ଦେଇଛନ୍ତି। ସେ କିଛିଦିନ ତଳେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାରୁ ବଦଳି ହୋଇ କନ୍ଧମାଳ ଜିଲ୍ଲା ମୁଖ୍ୟାଳୟକୁ ଆସିଥିଲେ। ଶୁକ୍ରବାରଗୋପୀନାଥପ୍ରଧାନଥାନାଅଧିକାରୀ ଭାବରେ ଯୋଗଦେଇ ଆଗାମୀ ଦିନରେ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଧ୍ୟାନଦେବା ସହ ବିଶେଷ କରି ଅଞ୍ଚଳରୁ ଗଞ୍ଜେଇ ଚାଲାଣ ଉପରେ ରୋକ ଲଗାଇବା ପାଇଁ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି।

## ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ



ବାଲିଗୁଡ଼ା, ୨୩।୨(ସମିସ): ବାଲିଗୁଡ଼ା ଏନ୍‌ଏସିର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଡା. ରୀନା ପ୍ରଧାନ, ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବ୍ଲକ ସାଂସଦ ପ୍ରତିନିଧି ଟୁନା ଦାସ, ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକଙ୍କ ସମେତ କାଉନସିଲର ଯୋଗ ଦେଇଥିଲେ। ବାଲିଗୁଡା ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିରେ ବାଲିଗୁଡାର ସମସ୍ତ ହିତାଧିକାରୀ ଯୋଗଦେଇ କାର୍ଯ୍ୟାଦେଶ ଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର



କାଶୀନଗର, ୨୩।୨(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଉପାଧ୍ୟକ୍ଷା ସିଏଚ କଲ୍ୟାଣୀ, ତହସିଲଦାର ଅଶୋକ ପ୍ରଧାନ, ବିଡିଓ ଶରତ ପାତ୍ର, ଜିଲ୍ଲା ସାମାଜିକ ଅଡିଟର ବାବୁଲା ବିଷୋୟୀ, ଏଇଓ ନାରାୟଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ୨୦୨୩-୨୪ ବର୍ଷ ମନରେଗା ଯୋଜନା ବିବରଣୀ ପଠନ କରିଥିଲେ ଏପିଓ ସୌମ୍ୟ ସୁଧାକର ତ୍ରିପାଠୀ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବିବରଣୀ ପଠନ କରିଥିଲେ ଖାଦ୍ୟ ଯୋଗାଣ ନିରୀକ୍ଷକ ଶୁଭେନ୍ଦୁ କୁମାର। ମନରେଗା ଯୋଜନା ଦ୍ୱାରା ଶ୍ରମିକମାନେ କିପରି ସୁବିଧା ପାଇବେ ସେଥିପ୍ରତି ରାଜ୍ୟ ସରକାର ପ୍ରୟାସ ଜାରି କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଲାଇନ୍ ବିଭାଗ କର୍ମଚାରୀ, ବ୍ଲକ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଦୁର୍ଗମ ଅଞ୍ଚଳ ବୁଲିଲେ ବିଧାୟକ




ବାଲିଗୁଡ଼ା, ୨୩।୨(ସମିସ): ବାଲିଗୁଡ଼ା ବିଧାନସଭାମଣ୍ଡଳୀର କ.ନୂଆଗାଁ ବାଲିଗୁଡ଼ା ପଞ୍ଚାୟତ ଅତି ଦୁର୍ଗମ ଅଞ୍ଚଳ ଜମିବାଡ଼ି, ବାଲିଗଗାଡା, ଗୁମାମାହା, ଗ୍ରାମାଞ୍ଚଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଦୁର୍ଗମ ଅଞ୍ଚଳ ଗସ୍ତ କରି ପାଖାପାଖି ୨୦୦ ଘରେ ଶଙ୍ଖ ଚିହ୍ନ ଲଗାଇଛନ୍ତି। କାର୍ଯ୍ୟକ୍ରମରେ କ.ନୂଆଗାଁ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଉପାଧ୍ୟକ୍ଷା ଧବଳେଶ୍ୱର ପାତ୍ର, ଯୁବନେତା ଭରତ ପାତ୍ର, ବ୍ଲକ ସଭାପତି ଭାଗ୍ୟବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୪ ମାସ ହେଲା ବିଏସ୍‌ଏନ୍‌ଏଲ୍ ସେବା ବନ୍ଦ

ବ୍ରାହ୍ମଣୀଗାଁ, ୨୩।୨(ସମିସ): ବ୍ରାହ୍ମଣୀଗାଁ ଅଞ୍ଚଳବାସୀଙ୍କ ପାଇଁ ଥିବା ଏକ ମାତ୍ର ବିଏସଏନଏଲ ନେଟୱାର୍କ ସେବା ଦୀର୍ଘ ୪ ମାସ ଅର୍ଥାତ ଗତ ନଭେମ୍ବର ମାସଠାରୁ ଆଜି ଯାଏଁ ବନ୍ଦ ହୋଇ ରହିଛି। ଫଳରେ ଅଞ୍ଚଳର ୮ ଟି ପଞ୍ଚାୟତର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହେଉଛନ୍ତି। ମୁଖ୍ୟତଃ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ପାଠପଢ଼ାରେ ସମସ୍ୟା ଦେଖାଦେଇଛି। ବିଏସଏନଏଲର ଏଫଟିଟିଏଚ୍ ବ୍ରଡବ୍ୟାଣ୍ଡ ଗ୍ରାହକ ପ୍ରାୟ ୧୩୦ ଜଣ ମଧ୍ୟ ଏହି ସେବା ନପାଇ ଆର୍ଥିକ କ୍ଷତି ସହୁଥିବା ଜଣାପଡ଼ିଛି। ଏହି ନେଟୱାର୍କ ସମସ୍ୟା ନେଇ ବିଭାଗୀୟ ଅଧିକାରୀ ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଜନପ୍ରତିନିଧିମାନେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା, ଆଜି ପର୍ଯ୍ୟନ୍ତ ଏହାର ସୁବ୍ୟବସ୍ଥା କରାଯାଇ ନଥିବା ସାଧାରଣରେ ଦାବି ହେଉଛି। ବିଏସଏନଏଲ ନେଟୱାର୍କ ସେବା ନ ରହିବା ଫଳରେ ବ୍ୟାଙ୍କ, ପୋଷ୍ଟ ଅଫିସ ସେବା, ଜନସେବା କେନ୍ଦ୍ର ଓ କିୟୋସ୍କ ସେବା ପ୍ରାୟ ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଞ୍ଚଳ ପାଇଁ ରହିଥିବା ଏକମାତ୍ର ବିଏସଏନଏଲ ନେଟୱାର୍କ ସେବା ସଠିକ ଭାବରେ ନପାଇ ମଧ୍ୟ ବ୍ରାହ୍ମଣୀଗାଁ ଅଞ୍ଚଳର ବିଏସଏନଏଲର ଏଫଟିଟିଏସ ବ୍ରଡବ୍ୟାଣ୍ଡ ୧୩୦ ଜଣ ଗ୍ରାହକ ୪ ମାସ ହେଲା ମାସିକ ଦେୟ ଦେଇ ଆର୍ଥିକ କ୍ଷତି ସହୁଥିବା ଦାବି କରୁଛନ୍ତି। ଏଣୁ ଏହି ଗ୍ରାହକମାନେ ବିଏସଏନଏଲ ଅଧିକାରୀଙ୍କ ବିରୋଧରେ କଞ୍ଜ୍ୟୁମର କେସ୍ କରିବାକୁ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରେ ସୂଚନା ରହିଛି। ବ୍ରାହ୍ମଣୀଗାଁ ଅଞ୍ଚଳବାସୀଙ୍କ ଅତ୍ୟାବଶ୍ୟକ ନେଟୱାର୍କ ସମସ୍ୟାକୁ ଜରୁରୀ ମନେକରି ବିଭାଗୀୟଅଧିକାରୀଙ୍କ ସହିତ ଜିଲ୍ଲାପାଳ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ



କାଶୀନଗର, ୨୩।୨(ସମିସ): ଗଜପତି ଜିଲ୍ଲା କାଶୀନଗରଠାରେ ହୋଇଥିବା ନବନିର୍ମିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ ଗୁଣନିଧି ନାୟକ, ଏସଡିସି ଅଧ୍ୟକ୍ଷା ମାରୀୟମ ରଇତ, ଏନ୍‌ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଉପଧ୍ୟକ୍ଷା ସି.ଏଚ କଲ୍ୟାଣୀ, ତହସିଲଦାର ଅଶୋକ ପ୍ରଧାନ, ବିଡିଓ ଶରତ ପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ଭାଗବତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍‌ରୁ ୧୦ କେଜି ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି, ୨୩।୨(ସମିସ): କଞ୍ଚାଲଙ୍କା ବୋଝେଇ ହୋଇଥିବା ଏକ ଟ୍ରକ୍‌ରେ ୧୦ କେଜି ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ପାରଳାଖେମୁଣ୍ଡି ସହରରେ ଥିବା ସଦର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଉଭୟ ଟ୍ରକ୍ ଓ ଗଞ୍ଜେଇକୁ ଜବତ କରାଯାଇଛି। ବିଭାଗ ସୂତ୍ରରୁ ପ୍ରକାଶ ଯେ, ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ନିରୀକ୍ଷକ ମିହିର ସେଠୀଙ୍କ ସମେତ ଅବକାରୀ କର୍ମଚାରୀ ମିଳିତ ଭାବେ ଓଡ଼ିଶା-ଆନ୍ଧ୍ର ରାସ୍ତା ତଥା ପୁରୁଣାପାଟଣା ମୁଖ୍ୟରାସ୍ତାରେ ପାଟ୍ରୋଲିଂ କରିବା ସମୟରେ ଏକ ଟ୍ରକକୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଏଥିରେ କଞ୍ଚାଲଙ୍କା ଭର୍ତ୍ତି ହୋଇଥିବା ବେଳେ ସେଥିମଧ୍ୟରେ ଗୋଟିଏ ବସ୍ତାରେ ଗଞ୍ଜେଇ ଥିବାର ଦେଖିବାକୁ ପାଇଥିଲେ। ଏହାପରେ ଗଞ୍ଜେଇକୁ ଓଜନ କରିବା ପରେ ୧୦କେଜି ଥିବା ଜଣାପଡ଼ିଥିବା ବେଳେ ଘଟଣାରେ ସମ୍ପୃକ୍ତ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବିଜେଡିର ମିଶ୍ରଣ ପର୍ବ

ତୁମୁଡ଼ିବନ୍ଧ, ୨୩।୨(ସମିସ): ତୁମୁଡ଼ିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସିର୍ଲା ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ଜଗପତି ବଡ଼ସେଟଙ୍କ ନେତୃତ୍ୱରେ ଏହି ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିର୍ଲା ପଞ୍ଚାୟତର ଲିଙ୍ଗେରୀମାହା, ଗୁଡ୍ରି, ଜାନାଗାଡା ଓ ଅନ୍ୟାନ୍ୟ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ କର୍ମୀ ଏବଂ ବୁଡାକାମ୍ବା, ସିର୍ଲା, ଟେକ୍ଲିମିଲା ଓ ପୀଡ଼ାମାହା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ସଭାପତି ପ୍ରମୋଦ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, 'ଆମ ଓଡ଼ିଶା ନବୀନ ଓଡ଼ିଶା' କନ୍ଧମାଳ ଜିଲ୍ଲା ସଂଯୋଜକ ରାଜୀବ ପାତ୍ର, ସିର୍ଲା ସରପଞ୍ଚ ନୁଶୁଙ୍ଗା ପାଟମାଝି, ସମିତି ସଭ୍ୟା ମଞ୍ଜୁଲତା ନାୟକ, ପୂର୍ବତନ ପଞ୍ଚାୟତ ସଭାପତି ରାଧାକାନ୍ତ ପାଟମାଝି, ବ୍ଲକ ଛାତ୍ର ସଭାପତି ସୁଜିତ କୁମାର ସାହୁ, ବ୍ଲକ ଉପସଭାପତି ଅମୀୟ ପରାସେଟ, ବୈକୁଣ୍ଠ ପରାସେଟଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ବ୍ଲକ ସଭାପତି ଶ୍ରୀ ସାହୁ ଦଳୀୟ ଉତ୍ତରୀୟ ପରିଧାନ କରେଇ ନୂତନ ଭାବେ ସାମିଲ ହେଇଥିବା କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ।



**ବାଲିଗୁଡ଼ା**: ବାଲିଗୁଡ଼ା ବରାଳଦେବୀ ମନ୍ଦିର ନିକଟରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ତଥା କନ୍ଧମାଳ ସାଂସଦଙ୍କ ବାଲିଗୁଡ଼ା ପ୍ରତିନିଧି ଟୁନା ଦାସଙ୍କ ଉପସ୍ଥିତିରେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କନ୍ଧମାଳ ସାଂସଦଙ୍କ କୋଟଗଡ଼ ପ୍ରତିନିଧି ମନୋଜ ସାବତଙ୍କ ନେତୃତ୍ୱରେ ପାରିଗଡ଼ ସହ ୪ଟି ୱାର୍ଡର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଲୋକଙ୍କ ଉନ୍ନତି ନିମନ୍ତେ ନିଜସ୍ୱ ସହାୟତା ରାଶି ପ୍ରଦାନ କରିଛନ୍ତି ସାଂସଦ ପ୍ରତିନିଧି ଟୁନା ଦାସ।



# ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଦାରିଙ୍ଗିବାଡ଼ି, ୨୩।୨(ସମିସ): ଦାରିଙ୍ଗବାଡ଼ି ପଞ୍ଚାୟତ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ୨୫ଟି ପଞ୍ଚାୟତରେ ୨୦୨୩ ଏପ୍ରିଲ ମାସଠାରୁ ୨୦୨୩-୨୪ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ରିପୋର୍ଟ ପଠନ କରି ଜଣାଇବା ସହ ଜନସାଧାରଣ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ନିଜ ପ୍ରକଳ୍ପ ଏବଂ ଖର୍ଚ୍ଚର ବିବରଣୀ ପ୍ରଦାନ କରିବା ସହ ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୩-୨୪ ବର୍ଷରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୩୭୦୯ଟି ପ୍ରକଳ୍ପ ହାତକୁ ନେଇ କାର୍ଯ୍ୟ କରାଯାଉଛି ଏବଂ ଏଥି ମଧ୍ୟରୁ ୯୭୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରି ୧୩୫୦.୫୭ କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରିଥିବା ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ରତ୍ନାକର ମନ୍ତ୍ରୀଙ୍କ ସମେତ ବ୍ଲକର ୨୫ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଜିଆରଏସ, ଲାଇନ ବିଭାଗ ଅଧିକାରୀ, ଗାଁ ସାଥୀ, ସମସ୍ତ ଭିଆରସି, ଶ୍ରମଜୀବୀ ଏବଂ ମନରେଗା କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ପ୍ରକଳ୍ପ ପରିଚାଳକ କେଦାର ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ ବ୍ଲକର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।



## ଜଙ୍ଗଲ ସୁରକ୍ଷା ସଚେତନତା ଶିବିର

ପାରଳାଖେମୁଣ୍ଡି, ୨୩।୨(ସମିସ): ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ୍ ସୁଭ୍ରଜିତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ ମୁଲ୍ଲିଗୁମ୍ମାରେ ଅନୁଷ୍ଠିତ ହୋଇଯାଇଛି। ଗାରବନ୍ଧ ବନପାଳ ଦୁର୍ଯ୍ୟୋଧନ ଜେନା, ବନରକ୍ଷୀ କେ. ଗିରିଶ କୁମାର, ସ୍ଥାନୀୟ ୱାର୍ଡ ମେମ୍ବର, 'ଲିପିକା' ଅନୁଷ୍ଠାନର କର୍ମୀ ଏବଂ ଭିଏସ୍‌ଏସ୍‌ର ସଭାପତି ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଆଦୃତ ହେଉଛି ଏଫ୍‌ଏଲ୍‌ଏନ୍ ଶିକ୍ଷା ପଦ୍ଧତି

## ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୩୨୭ଟି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଛି

ପାରଳାଖେମୁଣ୍ଡି, ୨୩।୨(ସମିସ): ପ୍ରଥମ ଶ୍ରେଣୀରୁ ଶିକ୍ଷାରେ ନିପୁଣତା ହାସଲ କରିବେ ଛାତ୍ରଛାତ୍ରୀ। ଏଥିପାଇଁ ନୂତନ ଏକ ଶିକ୍ଷା ପଦ୍ଧତି ଏଫଏନଏଲ ପ୍ରଣୟନ କରି ପ୍ରୟାସ କରିଛନ୍ତି ରାଜ୍ୟ ସରକାର। ଏଫଏଲଏନ (ଫଣ୍ଡାମେଣ୍ଟାଲ ଲିଟିରେସି ଏଣ୍ଡ ନ୍ୟୁମେରସି) ଯେଉଁଥିରେ ପ୍ରାଥମିକସ୍ତରରୁ ସାଧାରଣ ଜ୍ଞାନ, ଭାଷା ସାହିତ୍ୟ ଓ ଗଣିତ ଶିକ୍ଷାରେ ଦକ୍ଷତା ହାସଲ କରିବେ ଶିକ୍ଷାର୍ଥୀ। ବିଭିନ୍ନ ଖେଳନା, ଚିତ୍ର ତଥା ଶିକ୍ଷଣ ସାମଗ୍ରୀ ସହ ପିଲା ପଢ଼ୁଛନ୍ତି ପାଠ। ଏଫଏଲଏନ ପଦ୍ଧତିରେ ରହିଛି ତଳସ୍ତରରୁ ଛାତ୍ରଛାତ୍ରୀଙ୍କ ଜ୍ଞାନ ଅଭିବୃଦ୍ଧି ପାଇଁ ଉତ୍ତମ ବ୍ୟବସ୍ଥା। ପାରିପାର୍ଶ୍ୱିକ ବ୍ୟବହାରିକ ସାମଗ୍ରୀ ଉପଯୋଗରେ ହେଉଛି ଶିକ୍ଷାଦାନ। ବିଶେଷ କରି ପିଲାଙ୍କ ସାମାଜିକ ଜ୍ଞାନ, ଭାଷାଶିକ୍ଷା ଓ ଗାଣିତିକ ଜ୍ଞାନର ଦକ୍ଷତାର ଅଭିବୃଦ୍ଧି ପାଇଁ ଧ୍ୟାନ ଦିଆଯାଇଛି। ଯେପରି ତୃଣମୂଳରୁ ଛାତ୍ରଛାତ୍ରୀ ବୁଦ୍ଧିମାନ ହୋଇପାରିବେ। ରଙ୍ଗିନ ଚିତ୍ରକଳାରେ ଶ୍ରେଣୀଗୃହକୁ ସଜାଇ ଆକର୍ଷଣୀୟ ପରିବେଶ ସୃଷ୍ଟି କରାଯିବା ସହ ଶିକ୍ଷଣ ସାମଗ୍ରୀ ଭାବେ ବିଭିନ୍ନ ପ୍ରକାରର କଣ୍ଢେଇ, ମାଟି ଖେଳନା, କାର୍ଡବୋର୍ଡ, ଅକ୍ଷର ଓ ଶବ୍ଦର ପ୍ଲାକାର୍ଡ, ଚିତ୍ରକଳା ମାଧ୍ୟମରେ ଗଳ୍ପ, ନାଚ ଗୀତ ଆଦି ଦ୍ୱାରା ସାମାଜିକ, ଭାଷାଶିକ୍ଷା ଓ ଗଣିତ ସମ୍ପର୍କିତ ଶିକ୍ଷାକୁ ପୋଥି ଭିତ୍ତିକ ସହ ବ୍ୟବହାରିକ ଶିକ୍ଷା ଦ୍ୱାରା ପିଲାଙ୍କୁ ଶିକ୍ଷିତ କରାଯାଉଛି। ଫଳରେ ସ୍କୁଲ ପ୍ରତି ଆକୃଷ୍ଟ ହେଉଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଛାତ୍ରଛାତ୍ରୀଙ୍କୁ ଏଫଏଲଏନ ପଦ୍ଧତିରେ ଅଧିକ ଶିକ୍ଷିତ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୩୨୭ଟି ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି। ଏହି ପଦ୍ଧତି ଦ୍ୱାରା ପିଲାଙ୍କ ସାମାଜିକ, ସାହିତ୍ୟ, ବିଜ୍ଞାନ ତଥା ଗଣିତ ଜ୍ଞାନ ସୁଦୃଢ଼ ହେଉଛି। ଏହା ଉଚ୍ଚ ଶିକ୍ଷା ପାଇଁ ବହୁ ଉପଯୋଗୀ ଏବଂ ସରକାରଙ୍କ ଏହି ପ୍ରୟାସ ଫଳପ୍ରଦ ହୋଇଛି ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ସମେତ ଏଫଏଲଏନ ଶିକ୍ଷୟିତ୍ରୀ ଆର୍. ଶୋଭାରାଣୀ। ବିକାଶ ହୋଇଛି ସରକାରୀ ବିଦ୍ୟାଳୟର ଭିତ୍ତିଭୂମି। ଏଥିସହ ଗୁଣାତ୍ମକ ଶିକ୍ଷାଦାନର ଅଭିବୃଦ୍ଧି ଘଟିଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନବୃଦ୍ଧି ପାଇଛି। ଏଥିପାଇଁ ସବୁ କ୍ଷେତ୍ରରେ ସରକାର ପ୍ରୟାସ ଜାରି ରଖିଛନ୍ତି। ପ୍ରାଥମିକସ୍ତରରୁ ଛାତ୍ରଛାତ୍ରୀଙ୍କ ଜ୍ଞାନ ସୁଦୃଢ଼ କରିବାକୁ ଏଫଏଲଏନ ଶିକ୍ଷା ପଦ୍ଧତି ନିଶ୍ଚିତ ଭାବେ ସୁଫଳ ଯୋଗାଇବ ବୋଲି ଆଶା କରାଯାଇଛି।



**ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ**

# ମୁମ୍ବାଇ ବିପକ୍ଷରେ କ୍ୟାପ୍‌ସୀଙ୍କ ଅର୍ଦ୍ଧଶତକ



**ବେଙ୍ଗାଲୁରୁ,୨୩।୨(ଏଜେନ୍ସି)**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଛି। ଶୁକ୍ରବାର ଉଦଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିଛନ୍ତି। ମୁମ୍ବାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ଆରମ୍ଭରୁ ଓପନର ଶେଫାଳୀ ବର୍ମାଙ୍କୁ ହରାଇ ଝଟ୍‌କା ଖାଇଥିଲା। ମାତ୍ର ୧ ରନ କରିଥିବା ବେଳେ ଶେଫାଳୀ ଶବନିମ ଇସ୍‌ମାଇଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। କିନ୍ତୁ ଦ୍ୱିତୀୟ ୱିକେଟରେ ମେଗ୍ ଲାନିଂ ଓ ଆଲିସ କ୍ୟାପସି ୫୧ ବଲରୁ ୬୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୨୫ ବଲରୁ ୩ ଚୌକା ଓ ୧ ଛକା ସହ ୩୧ ରନ କରିଥିବା ବେଳେ ଲାନିଂ ନାତାଲି ସ୍କିଭର- ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ କ୍ୟାପସି ୫୩ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ୭୫ ରନର ବିସ୍ଫୋରକ ପାଳି ଖେଳି ଅମେଲି କେରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନ ଫେରିଥିଲେ। ଜେମିମା ରୋଡ୍ରିଗ୍ସେଜ ୨୪ ବଲରୁ ୫ ଚୌକା, ୨ ଛକା ସହ ଦ୍ରୁତ ୪୨ ରନକରି ସ୍କିଭର-ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମାରିଜନେ କ୍ୟାପ୍ ୧୬ ରନ କରି ଆମେଲି କେରଙ୍କ ବଲ୍‌ରେ ଷ୍ଟମ୍ପ ଆଉଟ ହୋଇଥିଲେ। ଆନାବେଲ ସଦରଲାଣ୍ଡ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ସ୍କିଭର- ବ୍ରଣ୍ଟ ଓ କେର ଦୁଇଟି ଲେଖାଏ, ଇସମାଇଲ ଗୋଟିଏ ୱିକେଟ ନେଇଥିଲେ।

## ଭାରତୀୟ ମହିଳା ହକି ପ୍ରଶିକ୍ଷକ ସ୍କୋପମ୍ୟାନ୍‌ଙ୍କ ଇସ୍ତଫା



**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**; ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ ଜାନେକ ସ୍କୋପମ୍ୟାନ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କୁ ସେ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳ ଦଳ ଯୋଗ୍ୟତା ହାସଲ କରିବାରେ ବିଫଳ ହେବା ପରେ ତାଙ୍କୁ କଡ଼ା ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ୪ ଦିନ ତଳେ ସେ ଏକ ବିବାଦୀୟ ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ। ଭାରତରେ ମହିଳା ରହିବା କଷ୍ଟକର ବୋଲି ନେଦରଲାଣ୍ଡସର ଏହି ୪୬ ବର୍ଷୀୟ ମହିଳା ହକି ପ୍ରଶିକ୍ଷକ କହିଥିଲେ। ମହିଳା ପ୍ରଶିକ୍ଷକ ଓ ଖେଳାଳିଙ୍କ ସହିତ ଏଠାରେ ଭେଦଭାବ ହୋଇଥାଏ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଗତ ଦୁଇବର୍ଷ ମଧ୍ୟରେ ବହୁତ ଏକୁଟିଆ ଅନୁଭବ କରିଥିଲି। ମହିଳାଙ୍କୁ ଯେଉଁଠାରେ ସମ୍ମାନ କରାଯାଇଥାଏ ସେହି ସଂସ୍କୃତିରୁ ଆସିଛି। କିନ୍ତୁ ଭାରତରେ ସେଭଳି କିଛି ଅନୁଭବ ପରିନାହିଁ ବୋଲି ସେ କହିଥିଲେ। ୪ ବର୍ଷ ତଳେ ସେ ୨୦୨୦ରେ ଭାରତୀୟ ଦଳର ଅନାଲିଟିକାଲ କୋଚ୍ ଭାବେ ଯୋଗ ଦେଇଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ତାଙ୍କୁ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଥିଲା। ତାଙ୍କ ଅଧିନରେ ଭାରତ ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ, ୨୦୨୨ ଏସୀୟ କ୍ରୀଡ଼ାରେ କାଂସ୍ୟ, ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୨ ମସ୍କଟ ଏସିଆ କପ୍‌ରେ କାଂସ୍ୟ ପଦକ ହାସଲ କରିଥିଲା। କିନ୍ତୁ ଗତମାସରେ ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିପାରି ନଥିଲା। ଫଳରେ ତାଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଆଗାମୀ ଜୁନ୍- ଜୁଲାଇରେ ତାଙ୍କୁ ଚୁକ୍ତି ଅବଧୀ ଶେଷ ହୋଇଥାନ୍ତା। କିନ୍ତୁ ସେ ୪ ମାସ ପୂର୍ବରୁ ଦାୟିତ୍ୱରୁ ଅବ୍ୟହତି ନେଇଛନ୍ତି। ସେ ପଦରୁ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଥିଲା।

● ହୁସିନାରା ନିଲୋଫର୍ କପ୍

## ଫାଇନାଲରେ କୁମାରବସ୍ତ, ଯଦୁପୁର

**ଭୁବନେଶ୍ୱର, ୨୩।୨ (ସମିସ)**

କୁମାରବସ୍ତ ଓ ଯଦୁପୁର ମଧ୍ୟରେ ହୁସିନାରା ନିଲୋଫର୍ କପ୍‌ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ କୁମାରବସ୍ତ ୭୩ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଆଇଆର୍‌ସି ଭିଲେଜ୍‌ର ସୁଧାନଗରକୁ ହରାଇ ଯଦୁପୁର ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

ତମାଣ୍ଡୋ କ୍ରିକେଟ ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ୬ ୱିକେଟରେ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଆଇଏସ୍ ଗିରି ୬୨ ବଲ୍‌ରେ ୧୧୨ ରନ୍ କରି ଅପରାଜିତ ରହିଥିଲେ। ଅଭିଷେକ ପଟ୍ଟନାୟକ ୧୬ ବଲ୍‌ରେ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଲୋକ ସାହୁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଜଗନ୍ନାଥ ଗୋଟାଙ୍କ ବିଧ୍ୱଂସୀ ବୋଲିଂ ବଳରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ମାତ୍ର ୧୫୩ ରନ୍ କରି ଅଲଆଉଟ ହୋଇଯାଇଛି। ଗୋଟା ୪ ଓଭରରେ ମାତ୍ର ୨୦ ରନ୍ ଦେଇ ୭ଟି ୱିକେଟ ନେଇଥିଲେ। ତମାଣ୍ଡୋ ପକ୍ଷରୁ କ୍ଷମାସାଗର ବଳ ୧୯ ବଲ୍‌ରେ ୪୩ ଓ ଋଦ୍ଧିକ ମହାନ୍ତି ୧୭ ବଲ୍‌ରେ ୩୫ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଜଗନ୍ନାଥଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ଶୁକ୍ରବାର ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମି ସମୂହର ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହ।

## ଯୁବା ଓପନ ବାସ୍କେଟବଲ ଆରମ୍ଭ



**ଭୁବନେଶ୍ୱର, ୨୩।୨ (ସମିସ):** ଯୁବା ବାସ୍କେଟବଲ ଆନୁକୁଲ୍ୟରେ ଶୁକ୍ରବାରଠାରୁ ଯୁବା ଓପନ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଶହୀଦ ନଗରସ୍ଥିତ ଇମ୍ପା ବାସ୍କେଟବଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କର୍ପୋରେଟର ରାଜକିଶୋର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଉଦ୍‌ଘାଟନୀ ମୁକାବିଲାରେ ପୁରୀ ୮୮-୮୬ ପଏଣ୍ଟରେ ହାଇଦ୍ରାବାଦ୍‌ର କାକିନାଡ଼ାକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଉପଦେଷ୍ଟା ସରୋଜ କୁମାର ପାତ୍ର, ରୁଦ୍ରା ରାଓ, ମନୋରଞ୍ଜନ ଗରାବଡୁ, ସବ୍ୟସାଚୀ ରାୟ, ବିଭୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୩୫,୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି, ତୃତୀୟସ୍ଥାନିତ ଦଳକୁ ୭,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

## ଟି-୨୦ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**ଅକଲାଣ୍ଡ,୨୩।୨(ଏଜେନ୍ସି):**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ୭୨ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ପୂର୍ବରୁ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ୬ ୱିକେଟରେ ବିଜୟୀ ହୋଇଥିଲା। ରବିବାର ଏଠାରେ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ୨୨ ବଲରୁ ୨୮ ରନ କରିବା ସହ ଗୋଟିଏ ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୧୯.୫ ଓଭରରେ ୧୭୪ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ସ୍ପିନର ଆଡାମ ଜାମ୍ପାଙ୍କର ସମ୍ମୁଖୀନ ହୋଇ ନପାରି ନ୍ୟୁଜିଲାଣ୍ଡ ୧୭ ଓଭରରେ ୧୦୨ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ନ୍ୟୁଜିଲାଣ୍ଡ ତରଫରୁ ଗ୍ଲେନ ଫିଲିପ୍ସ ସର୍ବାଧିକ ୪୨ ରନ କରିଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ। ଜମ୍ପା ସର୍ବାଧିକ ୪, ନାଥନ ଏଲିସ୍ ୨, ଜୋଶ ହାଜେଲଉଡ, କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ତରଫରୁ ଓପନର ଟ୍ରାଭିସ ହେଡ ସର୍ବାଧିକ ୪୫, କୁମିନ୍ସ ୨୮, ଅଧିନାୟକ ମିଚେଲ ମାର୍ଶ ୨୬ ରନକରି ଆଉଟ ହୋଇଥିବା ବେଳେ ନାଥନ ଏଲିସ୍ ୧୧ ରନ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପାଇଁ ବୋଲିଂରେ ଲୋକି ଫର୍ଗୁସନ ୪, ଆଡାମ ମିଲନେ, ବେନ୍ ସିୟର୍ସ ଓ ମିଚେଲ ସାଣ୍ଟନର ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

● ଓଡ଼ିଶା ରେଡବଲ ସ୍ନୁକର

## ଫାଇନାଲରେ ସୁବ୍ରତ-ରାକେଶ



**ଭୁବନେଶ୍ୱର, ୨୩।୨ (ସମିସ):** ନିଖିଳ ଓଡ଼ିଶା ୧୫ ରେଡ୍‌ବଲ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲରେ ବରଷ୍ଠ ଖେଳାଳି ସୁବ୍ରତ ଦାସ୍‌ଙ୍କ ସହ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କର ମୁକାବିଲା ହେବ। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ସୁବ୍ରତ ୫-୦ ଫ୍ରେମ୍‌ରେ ଜ୍ଞାନ ଦାସଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ସେମିରେ ରାକେଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳଙ୍କୁ ହରାଇ ଫାଇନାଲକୁ ଯାଇଥିଲେ।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ରଗ୍‌ବୀରେ କିଟ୍‌କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୩।୨(ଏଜେନ୍ସି):** କିଟ୍ ବିଶ୍ୱବିଦ୍ୟାଳୟ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରଗ୍‌ବୀରେ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କିଟ୍ ୭-୧୨ ଗୋଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ପରାଜିତ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ୭-୭ ଗୋଲରେ ସମାନସ୍ତରରେ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଚଣ୍ଡିଗଡର ଆକ୍ରମଣାତ୍ମକ ଖେଳ ଆଗରେ କିଟ୍‌ର ଖେଳାଳିମାନେ ହାର୍ ମାନିଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କିଟ୍ ୩୯-୦ ଗୋଲରେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କିଟ୍ ୩୧-୭ ଗୋଲ୍‌ରେ ଗାନ୍ଧୀନଗରର ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ପଦକ ବିଜୟୀ କିଟ୍ ଦଳକୁ କିଟ୍ ଓ କିଓ୍ୱର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

## ଅଥର୍ବଙ୍କ ଶତକ: ବିଦର୍ଭ ୨୬୧/୩

**ନାଗପୁର,୨୩।୨(ଏଜେନ୍ସି)**

ଦେଶର ସର୍ବବୃହତ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୪ଟି ଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଦର୍ଭ ଓ କର୍ଣ୍ଣାଟକ ପରସ୍ପରକୁ ଭେଟିଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବିଦର୍ଭ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୬ ଓଭରରେ ୩ ୱିକେଟ ହରାଇ ୨୬୧ ରନ ସଂଗ୍ରହ କରିଛି। ଓପନର ଅଥର୍ବ ତାଇଡେ ୧୦୯ ରନର ଶତକୀୟ ପାଳି ଖେଳିଛନ୍ତି। ସେହିପରି ଯଶ ରାଠୋର ୯୩, ଧ୍ରୁବ ସୋରେ ୧୨ ରନକରି ଆଉଟ ହୋଇଥିବା ବେଳେ କରୁନ ନାୟାର ୩୦ ଓ ଅଧିନାୟକ ତଥା ୱିକେଟରକ୍ଷକ ଅକ୍ଷୟ ୱାଦକର ୨ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ କର୍ଣ୍ଣାଟକ ପାଇଁ ବିଦ୍ୱାଥ୍ କାଭେରାପ୍ପା, ବାସୁକି କୌଷିକ ଓ ହାର୍ଦ୍ଦିକ ରାଜ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।



ଅଥର୍ବ ତାଇଡେ



ମୁସିର ଖାନ

### ମୁସିର ଖାନଙ୍କ ଅପରାଜିତ ଶତକ

ମୁମ୍ବଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଦ୍ୱିତୀୟ କ୍ୱାର୍ଟରରେ ମୁମ୍ବାଇ ଓ ବରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୯୦ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଇଂଲଣ୍ଡ ବିପକ୍ଷ ରାଜକୋଟ ଟେଷ୍ଟର ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସର୍ଫରାଜ ଖାନ୍‌ଙ୍କ ଭାଇ ତଥା ୧୯ ବର୍ଷରୁ କମ୍ ବିଶ୍ୱକପ୍ ତାରକା ମୁସିର ୧୨୮ ରନର ଶତକୀୟ ପାଳି ଓ ହାର୍ଦ୍ଦିକ ତୋମାର ୩୦ ରନକରି ଅପରାଜିତ ରହିଛନ୍ତି। ବରୋଦା ତରଫରୁ ଭାର୍ଗଭ ଭଟ୍ଟ ୪ଟି ୱିକେଟ ନେଇଛନ୍ତି।

### ସାଇ କିଶୋରଙ୍କୁ ୫ ୱିକେଟ: ସୌରାଷ୍ଟ୍ର ୧୮୩ରେ ଅଲଆଉଟ

କୋଏମ୍ବାଟୁରରେ ତୃତୀୟ କ୍ୱାର୍ଟର ଫାଇନାଲରେ ସୌରାଷ୍ଟ୍ର ଓ ତାମିଲନାଡୁ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ବ୍ୟାଟିଂ କରି ପ୍ରଥମ ପାଳିରେ ୭୭.୧ ଓଭରରେ ୧୮୩ ରନକରି ଅଲଆଉଟ ହୋଇଛି। ଓପନର ହାର୍ଭିକ ଦେଶାଇ ସର୍ବାଧିକ ୮୩, ପ୍ରେରକ ମଙ୍କଡ ୩୫, ଅର୍ପିତ ଭାସଭଡା ୨୫, ଶେଲଡନ ଜ୍ୟାକସନ ୨୨ ରନ କରି ଆଉଟ ହୋଇଛନ୍ତି। ତାମିଲନାଡୁ ପାଇଁ ସାଇ କିଶୋର ସର୍ବାଧିକ ୫, ଅଜିଥ ରାମ ୩, ସନ୍ଦୀପ ୱାରିୟର ୨ ୱିକେଟ ନେଇଛନ୍ତି। ଜବାବରେ ତାମିଲନାଡୁ ୧୦ ଓଭରରେ ଗୋଟିଏ ୱିକେଟ ହରାଇ ୨୩ ରନ ସଂଗ୍ରହ କରିଛି।

### ଯଶ ଦୁବେଙ୍କ ଅର୍ଦ୍ଧଶତକ: ମଧ୍ୟପ୍ରଦେଶ ୨୩୪/ ୯

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ମଧ୍ୟପ୍ରଦେଶ ଓ ଆନ୍ଧ୍ର ଚତୁର୍ଥ କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହୋଇଛନ୍ତି। ଟସ୍ ଜିତି ମଧ୍ୟପ୍ରଦେଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୧ ଓଭରରେ ୯ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଛି। ସାରାଂଶ ଜୈନ ୪୧ ରନକରି ଅପରାଜିତ ରହିଛନ୍ତି। ଓପନର ଯଶ ଦୁବେ ୬୪, ହମାଂଶୁ ମନ୍ତ୍ରୀ ୪୯, କୁମାର କାର୍ତ୍ତିକେୟ ୨୯ ରନକରି ଆଉଟ ହୋଇଛନ୍ତି।

# ଇଂଲଣ୍ଡ ସମ୍ମାନ ରଖିଲେ ରୁଟ୍ ଓ ଫୋକ୍ସ

ରାଞ୍ଚି, ୨୩।୨(ଏଜେନ୍ସି)



ଜୋ ରୁଟ - ବ୍ୟାଟିଂ ୧୦୬

ବରିଷ୍ଠ ବ୍ୟାଟର ଜୋ ରୁଟଙ୍କ ଶତକ ଓ ଷଷ୍ଠ ୱିକେଟରେ ବେନ୍ ଫୋକ୍ସଙ୍କ ସହ ଶତକୀୟ ଭାଗୀଦାରି ବଳରେ ଏଠାରେ ଭାରତ ସହ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ଭଲ ସ୍ଥିତିରେ ରହିଛି। ଜୋ ରୁଟ ତାଙ୍କ ଜୀବନର ୩୧ତମ ଶତକ ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲାବେଳେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ପାଳିରେ ୭ ୱିକେଟ ୩୦୨ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ୍ ଅପସାରଣ ବେଳକୁ ରୁଟ୍‌ଙ୍କ ସହ ଅଲରାଉଣ୍ଡର ଓଲି ରବିନସନ ଦୃଢ଼ତାର ସହ ବ୍ୟାଟିଂ କରି ୩୧ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଫୋକ୍ସ ୪୭, ଜ୍ୟାକ୍ କ୍ରାଲୀ ୪୨ ଓ ଜନ୍ନି ବେୟାରଷ୍ଟୋ ୩୮ ରନ୍ କରିଛନ୍ତି। ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ବେଙ୍ଗଲର ଫାଷ୍ଟ ବୋଲର ଆକାଶଦୀପ ସର୍ବାଧିକ ୩ଟି, ତାଙ୍କ ପେସ୍ ବୋଲିଂ ପାର୍ଟନର ମହମ୍ମଦ୍ ସିରାଜ ୨ଟି, ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି।

### ■ ଆକାଶଦୀପଙ୍କ ଚମତ୍କାର ପଦାର୍ପଣ

ରାଜକୋଟରେ ୪୩୪ ରନ୍‌ରେ ଇଂଲଣ୍ଡକୁ ହରାଇଥିବା ଭାରତୀୟ ଦଳ ଯଶପ୍ରୀତ୍ ବୁମ୍ରାଙ୍କ ସ୍ଥାନରେ ବେଙ୍ଗଲର ୨୭ ବର୍ଷୀୟ ଫାଷ୍ଟ ବୋଲର ଆକାଶଦୀପ୍‌ଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦେଇଥିଲା। ଟସ୍ ଜିତି ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଆକାଶ ଦୀପଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମ ଏକ ଘଣ୍ଟା ଖେଳରେ ଶୀର୍ଷ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ସେ ପ୍ରଥମେ ବେନ ଡକେଟ (୧୧)ଙ୍କୁ କ୍ୟାଚ୍ ଆଉଟ, ଓଲି ପୋପ (୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଓ ଥରେ ନୋ ବଲ୍‌ରେ ଜୀବନଦାନ ପାଇଥିବା ଜ୍ୟାକ୍ କ୍ରାଲୀ (୪୨)ଙ୍କୁ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ଏହା ପରେ ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ବେନ୍ ଷ୍ଟୋକ୍ସ (୩) ଓ ଜନ୍ନି ବେୟାରଷ୍ଟୋ (୩୮)ଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଇଂଲଣ୍ଡ ୧୧୨ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ରୁଟ ଗୋଟିଏ ପଟେ ବ୍ୟାଟିଂ ସମ୍ଭାଳିଥିଲେ।

### ■ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ଶତକ

ଦଳ ୨୫ତମ ଓଭରରେ ଅଧା ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ନିଜସ୍ୱ ଶୈଳୀରେ ଖେଳୁଥିବା ରୁଟ୍‌ଙ୍କୁ ୱିକେଟରକ୍ଷକ ବେନ୍ ଫୋକ୍ସଙ୍କ ରୂପରେ ଜଣେ ଭଲ ଯୋଡ଼ିଦାର ମିଳିଯାଇଥିଲା। ଉଭୟ ଖେଳାଳି ଇଂଲଣ୍ଡ ଗ୍ରହଣ କରୁଥିବା ବାଜ୍‌ବଲ ଶୈଳୀରେ ଆଦୌ ନ ଖେଳି ୬ଷ୍ଠ ୱିକେଟରେ ୧୧୩ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ପ୍ରତ୍ୟାବର୍ତ୍ତନ ସ୍ପେଲ୍‌ରେ ଫୋକ୍ସଙ୍କୁ ୪୭ (୧୨୬ ବଲ୍, ୪ ଚୌକ. ୧ ଛକା) ରନ୍‌ରେ ଆଉଟ କରି ମହମ୍ମଦ୍ ସିରାଜ ଏହି ଯୋଡି ଭାଙ୍ଗିଦେଇଥିଲେ। ସିରାଜ ଏହି ଯୋଡି ଭାଙ୍ଗିବା ଓ ଟମ୍ ହର୍ଟଲୀ (୧୩)ଙ୍କୁ ଆଉଟ କରିବା ପରେ ଇଂଲଣ୍ଡର ପାଳି ଶୀଘ୍ର ଶେଷ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ରୁଟ ଓ ରବିନସନ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮ମ ୱିକେଟ ଭାଗୀଦାରିରେ ୫୭ ରନ୍ ଉଠାଇ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହା ଫଳରେ ଇଂଲଣ୍ଡ ୭ ୱିକେଟରେ ୩୦୨ ରନ୍ କରିବାରେ ସମର୍ଥ ହୋଇଥିଲା। ଟେଷ୍ଟ ଜୀବନର ୩୧ତମ ଶତକ ପୂରଣ କରିଥିବା ରୁଟ୍ ୨୨୬ ବଲ୍ ଖେଳି ମାତ୍ର ୯ଟି ଚୌକା ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲେ। ସେ ୧୧୫ଟି ବଲ ଖେଳିବା ପରେ ପ୍ରଥମ ରିଭର୍ସ ସଟ୍ ମାରିଥିଲେ। ଏହା ପୂର୍ବରୁ ଚଳିତ ସିରିଜ୍‌ରେ ରୁଟ ଯଥାକ୍ରମେ ୨୯, ୨, ୫, ୧୬, ୧୮ ଓ ୭ ରନ୍ କରିଥିଲେ। ରବିନସନ ୬୦ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୩୧ ରନ୍‌ରେ ଅପରାଜିତ ରହି ରୁଟ୍‌ଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ।

### ■ ଅଶ୍ୱିନଙ୍କ ୧୦୦୦ ରନ୍, ୧୦୦ ୱିକେଟ

ବୋଲିଂରେ ଭାରତ ପକ୍ଷରୁ ଆକାଶ ଦୀପ୍ ସୁନ୍ଦର ବୋଲିଂ କରି ପ୍ରଥମ ୩ଟି ୱିକେଟ ନେଇ ଭାରତ ଯାହା ଚାହୁଁଥିଲା ତାହା ଦେଇଥିଲେ। ଶେଷ ଭାଗରେ ରିଭର୍ସ ସୁଇଂ କରି ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। କିନ୍ତୁ ଇଂଲଣ୍ଡ ବ୍ୟାଟରମାନେ ଏଠାରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରିଥିଲେ। ଯାହା ଫଳରେ ଜାଡେଜା ଓ ଅଶ୍ୱିନଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜନ୍ନି ବେୟାରଷ୍ଟୋଙ୍କୁ ୩୮ ରନ୍‌ରେ ଆଉଟ କରି ଭାରତୀୟ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବିପକ୍ଷରେ ୧୦୦ତମ ଟେଷ୍ଟ ୱିକେଟ ନେଇଥିଲେ। ଗୋଟିଏ ଦେଶ ବିପକ୍ଷରେ ୧୦୦ ୱିକେଟ ଓ ୧,୦୦୦ ରନ୍ କରି ଏହି ସଫଳତା ପାଇବାରେ ସେ ବିଶ୍ୱର ୯ମ ଖେଳାଳି ହୋଇଥିଲେ। ଏଥିଲାଗି ଅଶ୍ୱିନ ୨୩ଟି ଟେଷ୍ଟର ସହାୟତା ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଇଂଲଣ୍ଡର ଇଆନ ବୋଥାମ ୨୨ଟି ଟେଷ୍ଟରେ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର୍

**ଇଂଲଣ୍ଡ ପ୍ରଥମ ପାଳି :** ୩୦୨/୭, ୯୦ ଓଭର (ଜୋ ରୁଟ-ବ୍ୟାଟିଂ-୧୦୬, ବେନ୍ ଫୋକ୍ସ-୪୭, ଜ୍ୟାକ୍ କ୍ରାଲୀ-୪୨, ଓଲି ରବିନସନ- ବ୍ୟାଟିଂ-୩୧, ଆକାଶ ଦୀପ-୩/୭୦, ମହମ୍ମଦ୍ ସିରାଜ- ୨/୬୦)।

**ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

## ରଙ୍ଗାରଙ୍ଗ ଉତ୍ସବରେ ଶାହରୁଖ, ତାରକାଙ୍କ ଦମ୍‌ଦାର୍ ପ୍ରଦର୍ଶନ

ବେଙ୍ଗାଲୁରୁ,୨୩।୨(ଏଜେନ୍ସି)

ମହିଳା ଆଇପିଏଲ ଭାବେ ଜଣାଶୁଣା ଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା ଓ ଏଥିରେ ବଲିଉଡ୍ ତାରକାଙ୍କ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଖଚାଖଚ୍ ଭରା ଷ୍ଟାଡିୟମରେ ଦର୍ଶକମାନେ ତାରକାଙ୍କ କାର୍ଯ୍ୟକ୍ରମରେ ଝୁମିଉଠିଥିଲେ ଓ ମନୋରାଞ୍ଜନର ପୂରା ମଜା ନେଇଥିଲେ। ୪୫ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୁପରଷ୍ଟାର ଶାହରୁଖ ଖାନ୍, ଟାଇଗର ଶ୍ରଫ୍, ଶାହିଦ କପୁର, ବରୁଣ ଧାୱନ, ସିଦ୍ଧାର୍ଥ ମାଲହୋତ୍ରା ଓ କାର୍ତ୍ତିକ ଆର୍ଯ୍ୟନ୍ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଫଟୋ ସୁଟ୍ ପାଇଁ ସବୁ ୫ଟି ଦଳର ଅଧିନାୟିକା ପଡିଆରେ ଟ୍ରଫି ସହ ପୋଜ ଦେଇଥିଲେ। କାର୍ତ୍ତିକ 'ଭୁଲ ଭୁଲେୟା-୨' ଚଳଚ୍ଚିତ୍ରର ଗୀତ 'ତେରୀ ଆଖୋଁ ମେ ଭୂଲ ଭୁଲେୟା'ରେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସିଦ୍ଧାର୍ଥ 'ଶେରଶାହା'ର ଗୀତ 'ରାତା ଲମ୍ବିଆଁ'ରେ ନୃତ୍ୟ କରି ଦର୍ଶକଙ୍କୁ ଝୁମାଇଥିଲେ। ଏହାପରେ ଟାଇଗର 'ମେରେ ନାଲ ତୁ ହ୍ୟୁସିଲ ବଜା' ଗୀତରେ ନାଚିଥିଲେ। ସେହିପରି ଶାହିଦ 'କବୀର ସିଂ' ସିନେମାର ଥିମ୍ ଟୋନରେ ସୁପର ବାଇକ୍‌ରେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ଶେଷରେ ବଲିଉଡ୍ ବାଦ୍‌ଶାହା ଶାହରୁଖଙ୍କ ଏଣ୍ଟ୍ରି ହୋଇଥିଲା। ସେ ଏକ ପ୍ରେରଣାଦାୟୀ ବ୍ୟକ୍ତବ ଦେବା ସହ ଦର୍ଶକଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ସେ 'ଦିଲବାଲେ ଦୁଲହନିୟା ଲେ ଯାଏଙ୍ଗେ' ସିନେମା ଶୈଳୀରେ ନିଜର ସିଗ୍‌ନେଚର ପୋଜ ଦେଇଥିଲେ। ନିଜର ସୁପରହିଟ୍ ସିନେମା ପଠାନର 'ଝୁମେଜୋ ପଠାନ୍' ଗୀତରେ ନୃତ୍ୟ କରି ସବୁ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶାହରୁଖ ଏଣ୍ଟ୍ରି କରିବା ମାତ୍ରେ ସାରା ଷ୍ଟାଡୟମ ତାଳି ଓ ହ୍ୟୁସିଲରେ କମ୍ପି ଉଠିଥିଲା।



## ସ୍ୱଦେଶ ଫେରିବେ ରେହାନ ଅହମ୍ମଦ୍



**ଲଣ୍ଡନ, ୨୩।୨(ଏଜେନ୍ସି):** ବ୍ୟକ୍ତିଗତ କାମ ଲାଗି ଭାରତ ଗସ୍ତରେ ଥିବା ଇଂଲଣ୍ଡର ଲେଗ୍ ସ୍ପିନର ରେହାନ ଅହମ୍ମଦ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। ରେହାନ ଭାରତ ବିପକ୍ଷରେ ପ୍ରଥମ ୩ଟି ଟେଷ୍ଟ ଖେଳି ୧୧ଟି ୱିକେଟ ନେଇଛନ୍ତି। କିନ୍ତୁ ରାଞ୍ଚିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ସ୍ୱଦେଶ ଫେରିବା ପରେ ସେ ଆଉ ଟେଷ୍ଟ ସିରିଜ୍‌ରେ ଭାଗ ନେବେ ନାହିଁ। ଏହି ସିରିଜ୍ ଲାଗି ଇଂଲଣ୍ଡ ୪ଜଣ ସ୍ପିନରଙ୍କୁ ନେଇ ଭାରତ ଖେଳିବାକୁ ଆସିଥିଲା। ପ୍ରଥମ ଟେଷ୍ଟ ପରେ ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ। ଏବେ ରେହାନ ସ୍ୱଦେଶ ଫେରିବା ପରେ ଦଳର ଆଉ ଦୁଇ ଜଣ ସ୍ପିନର ରହିଛନ୍ତି। ଟମ୍ ହର୍ଟଲୀ ଓ ସୋଏବ ବସିର ଏହି ଦୁଇ ସ୍ପିନର ରହିଛନ୍ତି ଓ ଉଭୟ ରାଞ୍ଚିରେ ଭାରତ ସହ ଚତୁର୍ଥ ଟେଷ୍ଟ ଖେଳୁଛନ୍ତି। ଏମାନଙ୍କ ବ୍ୟତୀତ ଜୋ ରୁଟ ମଧ୍ୟ ସ୍ପିନ ବୋଲିଂ କରିବାର ଦକ୍ଷତା ରଖିଛନ୍ତି।

## ରାଜେଶ ସିଂହଙ୍କ ପରଲୋକ



**କଟକ,୨୩।୨(ସମିସ):** ପୂର୍ବତନ ରଣଜୀ ଖେଳାଳି ରାଜେଶ ସିଂହଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ରାଜେଶ ୧୬ଟି ପ୍ରଥମ ଶ୍ରେଣୀ ଫର୍ମାଟ କ୍ରିକେଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଓ ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି।

# ପଦାର୍ପଣରେ ଆକାଶଙ୍କ ଚମକ

ରାଞ୍ଚି, ୨୩।୨ (ଏଜେନ୍ସି)

● ପିତା- ଭାଇଙ୍କୁ ହରାଇଛନ୍ତି
● ଅର୍ଥାଭାବ ଲାଗି ଛାଡିଥିଲେ କ୍ରିକେଟ

ବେଙ୍ଗଲ ଦ୍ରୁତ ବୋଲର ଆକାଶ ଦୀପ୍ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ପଦାର୍ପଣ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣିତ କରିଛନ୍ତି। ୨୭ ବର୍ଷୀୟ ଆକାଶ ଇଂଲଣ୍ଡର ପ୍ରଥମ ଦିବସରେ ପ୍ରଥମ ପାଳିରେ ଟପ୍ ଅର୍ଡରର ମୂଲ୍ୟବାନ ୩ଟି ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ତାଙ୍କୁ ଖେଳିବାର ସୁଯୋଗ ମିଳିଛି। ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ଆକାଶ ଚୟନକର୍ତ୍ତା ଓ ଅଧିନାୟକ ରୋହିତ ଶର୍ମାଙ୍କ ଭରସାର ଯଥାର୍ଥତା ପ୍ରମାଣିତ କରିଛନ୍ତି। ଦେଶ ପାଇଁ ଟେଷ୍ଟ ଖେଳିବାର ସୁଯୋଗ ପାଇବା ଲାଗି ତାଙ୍କୁ କଡ଼ା ସଂଘର୍ଷ ଓ କଠିନ ପରିଶ୍ରମ କରିବାକୁ ପଡିଛି। ତାଙ୍କ କ୍ୟାରିୟରର ଏହି ଯାତ୍ରା ଆଦୌ ସହଜ ନ ଥିଲା। ମୂଳତଃ ବିହାରରେ ରହୁଥିବା ଆକାଶ ଜୀବନରେ ବହୁତ ସଂଘର୍ଷ ଓ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ପିତା ଓ ଭାଇଙ୍କ ଦେହାନ୍ତ ତାଙ୍କୁ ମାନସିକ ଭାବେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିଲା। ୩ ଭଉଣୀ ଓ ୨ ଭାଇଙ୍କ ମଧ୍ୟରେ ସେ ସବୁଠାରୁ ସାନ ଥିଲେ। ପୁଣି ଆର୍ଥିକ ଅନଟନ ପାଇଁ ସେ ଏକଦା କ୍ରିକେଟ ଛାଡ଼ିବାକୁ ବାଧ ହୋଇଥିଲେ। ସେ ସରକାରୀ ଚାକିରି କରନ୍ତୁ ବୋଲି ପିତା ଚାହୁଁଥିଲେ। କିନ୍ତୁ ପାଠପଢ଼ାରେ ତାଙ୍କର ମନ ନଥିଲା। କ୍ରିକେଟ ଖେଳିବାରେ ସେ ଅଧିକ ସମୟ ବିନିଯୋଗ କରୁଥିଲେ।


ଆକାଶ ଦୀପଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରୁଛନ୍ତି ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍

### ■ ଜ୍ୟାକ୍ କ୍ରାଲିଙ୍କୁ ଦୁଇଥର ବୋଲ୍ଡ କଲେ

ଶୁକ୍ରବାର ପ୍ରଥମ ଦିବସରେ ସେ ୧୭ ଓଭର ବୋଲିଂ କରି ୭୦ ରନ ଦେଇ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଛନ୍ତି। ସେ ଦୁଇ ଓପନର ଜ୍ୟାକ କ୍ରାଲି ଓ ବେନ୍ ଡକେଟ ଏବଂ ନଂ-୩ ଓଲି ପୋପ୍‌ଙ୍କୁ ଆଉଟ କରିଥିଲେ। କ୍ରାଲିଙ୍କୁ ସେ ଦୁଇଥର ବୋଲ୍ଡ କରିଥିଲେ। ଇଂଲଣ୍ଡ ପାଳିର ଚତୁର୍ଥ ଓଭରରେ ସେ କ୍ରାଲିଙ୍କୁ ବୋଲ୍ଡ କରିଥିଲେ ମଧ୍ୟ ତାହା ନୋ ବଲ ଥିଲା। କିନ୍ତୁ ପରେ ତାଙ୍କୁ ପୁଣି ଥରେ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇଥିଲେ। ଭାରତର ୩୧୩ତମ ଖେଳାଳି ଭାବେ ସେ ଟେଷ୍ଟ ଖେଳିଛନ୍ତି। ସେ ପଦାର୍ପଣ କରିବା ଅବସରରେ ତାଙ୍କ ମା' ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ମ୍ୟାଚ୍ ପୂର୍ବରୁ ତାଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ।

### ■ ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ

ବିହାରର ବାଦି ସାସାରାମରେ ୧୯୯୬ ଡିସେମ୍ବର ୧୫ରେ ଜନ୍ମିତ ଏହି ଫାଷ୍ଟ ବୋଲରଙ୍କ ଲାଗି ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ। ଏହି ବର୍ଷ ୬ ମାସ ମଧ୍ୟରେ ସେ ପିତା ଓ ଭାଇଙ୍କୁ ହରାଇଥିଲେ। ହୃଦ୍‌ଘାତ୍‌ରେ ପିତା ପରଲୋକ ଗମନ କରିବାର ୨ ମାସ ପରେ ଭାଇ ମୃତ୍ୟୁବରଣ କରିଥିଲେ। ଅର୍ଥାଭାବ କାରଣରୁ ମା'ଙ୍କ ଦେଖାଶୁଣା ପାଇଁ ତାଙ୍କୁ କ୍ରିକେଟରୁ ୩ ବର୍ଷ ଦୂରେଇ ରହିବାକୁ ହୋଇଥିଲା। କିନ୍ତୁ ସେ କ୍ରିକେଟଠାରୁ ଦୂରେଇ ରହିପାରି ନଥିଲେ। ଫଳରେ ସେ ବେଙ୍ଗଲ ଯାଇ ଦୁର୍ଗାପୁରରେ ରହିଥିଲେ ଓ ପରେ କୋଲକାତା ଯାଇ ସେଠାରେ ଗୋଟିଏ ଛୋଟିଆ ଘରକୁ ଭଡ଼ା ସ୍ୱରୂପ ନେଇ ଭାଇଙ୍କ ସହିତ ରହିଥିଲେ। ସେଠାରେ ବନ୍ଧୁ ଓ କକାଙ୍କ ସହାୟତାରେ କ୍ରିକେଟ ଉପରେ ମନୋନିବେଶ କରିଥିଲେ। ଦୀର୍ଘ ଦିନ କ୍ଲବ କ୍ରିକେଟ ଖେଳିବା ପରେ ସେ ୨୦୧୯ରେ ବେଙ୍ଗଲ ତରଫରୁ ପ୍ରଥମଥର ପାଇଁ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏହି ବର୍ଷ ମଧ୍ୟ ସେ ଲିଷ୍ଟ ଓ ଟି-୨୦ ଫର୍ମାଟ୍‌ରେ ପଦାର୍ପଣ କରିଥିଲେ।

### ■ ଖେଳିଛନ୍ତି ୩୦ ପ୍ରଥମଶ୍ରେଣୀ ମ୍ୟାଚ୍

ଅନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରିବା ପୂର୍ବରୁ ସେ ବେଙ୍ଗଲ ପାଇଁ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୩.୫୮ ରନ ହାରରେ ୧୦୪ଟି ୱିକେଟ ନେଇଛନ୍ତି। ସେହିପରି ୨୮ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ସେ ୨୪.୫୦ ହାରରେ ୪୨ଟି ୱିକେଟ ଅକ୍ତିଆର କରିଛନ୍ତି। ୪୧ଟି ଟି-୨୦ ମ୍ୟାଚ୍ ଖେଳି ସେ ୨୨.୮୧ ରନ ହାରରେ ୪୮ଟି ୱିକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ସେ ଏହି ୩ଟି ଫର୍ମାଟ୍‌ରେ ଯଥାକ୍ରମେ ୪୨୩, ୧୪୦ ଓ ୭୬ ରନ ସଂଗ୍ରହ କରିଛନ୍ତି। ଏହା ସତ୍ତ୍ୱେ ଏବେ ଶେଷ ହୋଇଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ୧୧ଟି ୱିକେଟ ନେବା ଫଳରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର